

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୫ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 MARCH 2021
Vol.No. 32 ■ No. 80 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନବରଙ୍ଗପୁରରେ ଜାରି ହେଲା ନାଇଟକର୍ଫ୍ୟୁ

### ଆଜିଠୁ ରାତି ୮ଟାରୁ ସକାଳ ୬ଟା ଯାଏଁ ଜାରି ରହିବ କଟକଣା

ମାଲକାନଗିରି,୨୪/୦୩(ନି.ପ୍ର): ମାଲକାନଗିରି ପରେ ନବରଙ୍ଗପୁର ଜିଲ୍ଲାରେ ଜାରି ହେଲା ନାଇଟ୍ କର୍ଫ୍ୟୁ । ଆସନ୍ତାକାଲିଠୁ ନବରଙ୍ଗପୁରରେ ନାଇଟ୍ କର୍ଫ୍ୟୁ ଜାରି କରିଛି ଜିଲ୍ଲା ପ୍ରଶାସନ । ରାତି ୮ଟାରୁ ଏହି ନାଇଟ୍ କର୍ଫ୍ୟୁ ଆରମ୍ଭ ହୋଇ ସକାଳ ୬ଟା ଯାଏଁ ବଳବତ୍ତର ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହିତ ଗୋଟିଏ ସ୍ଥାନରେ ୫ ଜଣଙ୍କଠୁ ଅଧିକ ଲୋକଙ୍କୁ ଏକାଠି ହେବା ଉପରେ ମଧ କଟକଣା ଲଗାଯାଇଛି । ଜରୁରୀ କାମ ନଥଲେ ଲୋକଙ୍କୁ ରାସ୍ତାକୁ ନବାହାରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସେମିନାର, କର୍ମଶାଳା ଓ କନଫରେନସ୍ କୁ ବାତିଲ କରିବା ପାଇଁ ନିର୍ଦ୍ଦେଶ ନାମା ଜାରି



ହୋଇଛି । ଧାର୍ମିକ ସମାବେଶ, ବିବାହ ପ୍ରସେସନ, ଭୋଜିଭାତକୁ ଅନୁମତି ଦିଆଯାଇପାରିବ ନାହିଁ। ବିବାହ ବରଯାତ୍ରୀ, ଓପେରା ସୋ ଏବଂ ତତ୍ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ ନାହିଁ ଏବଂ ରାଜନୈତିକ ରାଲି , ବିକ୍ଷୋଭ ଧାରଣା ଭଳି କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହାବାଦ ସମସ୍ତ ହୋଟେଲରେ କୋଭିଡ୍ ନିୟମର ପାଳନ ସହିତ ସାଇନଟାଇଜର ଓ ମାସ୍କ ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ, ସୋମବାର ମାଲକାନଗିରି ଜିଲ୍ଲାରେ ମଧ ନାଇଟ୍ କର୍ଫ୍ୟୁ ଜାରି କରାଯାଇଛି । ହୋଲି, ବଡ ଯାତ୍ରାକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା ।

## ଏପ୍ରିଲ ୨ରେ ଓଡିଶା ଆସିବେ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ

ଭୁବନେଶ୍ୱର,୨୪/୦୩ (ନି.ପ୍ର): ଭାରତର ଉପରାଷ୍ଟ୍ରପତି ଶ୍ରୀ ଭେଙ୍କେୟା ନାଇଡୁ ଆସନ୍ତା ଏପ୍ରିଲ ୨ ତାରିଖରେ ୨ଦିନିଆ ଓଡିଶା ଗସ୍ତରେ ଆସିବେ। ଉପରାଷ୍ଟ୍ରପତିଙ୍କୁ ବିମାନ ବନ୍ଦର ବା ସଭାସ୍ଥଳରେ କୌଣସି ପ୍ରକାର ଫୁଲତୋଡ଼ା ବା ଅନ୍ୟାନ୍ୟ ଉପହାର ଆଦି ସିଧାସଳଖ ଦିଆଯାଇପାରିବ ନାହିଁ। ଉପରାଷ୍ଟ୍ରପତିଙ୍କ ଗସ୍ତ ନେଇ ବୁଧବାର ଦିନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ଼ରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପରାଷ୍ଟ୍ରପତିଙ୍କ ପାଖକୁ ଯିବାକୁ ଥିବା ସମସ୍ତ ଅଧିକାରୀ,

▶▶ପୃଷ୍ଠା ୭

## ଓଡିଶାରେ ୩ ବ୍ରିଟେନ ଷ୍ଟ୍ରେନ ଚିହ୍ନଟ

### ଦେଶର ୧୮ଟି ରାଜ୍ୟରେ କରୋନାର ୭୭୧ ରୂପରେଖ

ଭୁବନେଶ୍ୱର,୨୪/୦୩ (ନି.ପ୍ର): ଦେଶର ୧୮ଟି ରାଜ୍ୟରେ କରୋନାର ୭୭୧ ରୂପରେଖ ଚିହ୍ନଟ ହୋଇଛି । ଏଥିରୁ ୭୩୭ ବ୍ରିଟେନ ଷ୍ଟ୍ରେନ, ୩୪ ଦକ୍ଷିଣ ଆଫ୍ରିକା ଷ୍ଟ୍ରେନ, ଗୋଟିଏ ବ୍ରାଜିଲ ଷ୍ଟ୍ରେନ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ଓଡିଶାରରେ ବ୍ରିଟେନର ୩ଟି ଷ୍ଟ୍ରେନ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଏନେଇ ସୂଚନା ଦେଇଛନ୍ତି ଏନସିଡିସି ନିର୍ଦ୍ଦେଶକ ଡକ୍ଟର ଏସକେ ସିଂ । ଦେଶରେ ଧିରେ ଧିରେ କରୋନାର ଦ୍ୱିତୀୟ ଲହର କାୟା ବିସ୍ତାର କରିବାରେ ଲାଗିଛି । ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ ଓ ପଞ୍ଜାବର ସ୍ଥିତି ଖରାପ ହେବାରେ ଲାଗିଛି । ସେହିପରି ଓଡିଶାରେ ମଧ ଦିନକୁ



ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଆଜି ରାଜ୍ୟରୁ ୧୭୦ କରୋନା ପଜିଟିଭି ଚିହ୍ନଟ ହୋଇଛନ୍ତି । ଭୁବନେଶ୍ୱରର ଜାଭିୟର ଇନଷ୍ଟିଚ୍ୟୁଟ, କଟକର ଏକ ଘରୋଇ ଶିକ୍ଷାନୁଷ୍ଠାନ ଆଉ ଏବେ ରାଉରକେଲାର ନିଟ୍ କରୋନା କବଳରେ ରହିଛନ୍ତି । ଏହି ସବୁ ଶିକ୍ଷାନୁଷ୍ଠାନମାନଙ୍କରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏବେ ଚିନ୍ତାରେ ରାଜ୍ୟ ସରକାର ।

## ବିଧାୟକଙ୍କ ଅଡିଓ ଟେପକୁ ନେଇ ବିଧାନସଭାରେ ଉଠିଲା ଝଡ଼

ଭୁବନେଶ୍ୱର,୨୪/୦୩ (ନି.ପ୍ର): ବାଂଶଡ଼ା ଥାନା ଏଏସଆଇ ଏବଂ ଚାନ୍ଦବାଲି ବିଧାୟକଙ୍କୁ ନେଇ ଘୁରି ବୁଲୁଥିବା ଅଡିଓ କ୍ଲିପ୍ ବିବାଦ ଭିତରେ ନେତାଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ଏକ ବଡ଼ ଧରଣର ବିତର୍କ ସୃଷ୍ଟି ହୋଇଛି । ଏହି ପ୍ରସଙ୍ଗଟି ଏବେ ବିଧାନସଭାରେ ମଧ ପହଂଚିଛି । ବିଧାୟକ ଓ ପୁଲିସ୍ ଏଏସ୍ଆଇଙ୍କ ଭିତରେ ହୋଇଥିବା କଥାବାର୍ତ୍ତାର ଅଡିଓ ଏବେ ମୋବାଇଲରୁ ମୋବାଇଲରୁ ଘୁରି ବୁଲୁଥିବା ବେଳେ ଏହାର ଝଡ଼ ବିଧାନସଭାରେ ଉଠିଛି । ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏବଂ ବାଂଶଡ଼ା ଏଏସ୍ଆଇ ଗୁରୁପ୍ରସାଦ ବେହେରାଙ୍କ ଭିତରେ ହୋଇଥିବା କଥାବାର୍ତ୍ତାକୁ ନେଇ ଶୂନ୍ୟକାଳରେ ମୁହାଁମୁହିଁ ହୋଇଛନ୍ତି ବିରୋଧୀ ଦଳ ନେତା ଓ ବିଜେଡି ବିଧାୟକ । ବିଧାୟକଙ୍କ ଆଚରଣ କଥା ଉଠାଇ ରାଜ୍ୟର ଶାସନ ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଥିବା ବେଳେ ବାଚସ୍ପତିଙ୍କ ରୁଲିଂ ଦାବି କରିଛନ୍ତି । ବିରୋଧୀ ଦଳ ନେତା ଭାଇରାଲ ଅଡିଓ ପ୍ରସଙ୍ଗ ଉଠାଇ କହିଥିଲେ- ରାଜ୍ୟର କିଭଳି ଶାସନ ଚାଲିଛି ? ଶାସକ ଦଳର ନେତା ପୁଲିସ୍ ଏଏସ୍ଆଇକୁ ଧମକାଇ ପାରିବେ କି ? ଘଟଣାର ନିରପେକ୍ଷ ତଦନ୍ତ କରାଯାଉ । ବିଧାୟକଙ୍କ ଆଚରଣରେ ଶାଳୀନତା ରଖିବାକୁ ବାଚସ୍ପତି ରୁଲିଂ ଦାବି କରନ୍ତୁ । ଯାହାର ଜବାବରେ ଚାନ୍ଦବାଲି ବିଧାୟକ କହିଥିଲେ- ଅଡିଓ ଟେପ୍ଟୁ ବିଭ୍ରାନ୍ତ କରି ଦେଖାଯାଉଛି । ସେ ପିଏଚ୍ଡି କରିଛନ୍ତି ଏବଂ ବ୍ୟବହାର କେମିତି କରାଯିବ ଜାଣନ୍ତି । ପୁଲିସ ଅଧିକାରୀ ଲୋକଙ୍କୁ ହଇରାଣ କରୁଥିଲେ । ଯଦି ବାଚସ୍ପତି ଚାହିଁବେ ସମ୍ପୂର୍ଣ୍ଣ ଅଡିଓ ଗୃହରେ ରଖିବେ ବୋଲି ବ୍ୟୋମକେଶ କହିଥିଲେ । ରାଜନୀତିର ଏହି ବୟାନବାଜି ଭିତରେ ୨୦୧୯ ମସିହାର କଥା ମନେ ପକାନ୍ତୁ, ଯେତେବେଳେ ପଂଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚନ ହୋଇଥିଲେ ନବୀନ ପଟ୍ଟନାୟକ । ସେତେବେଳେ ବିଧାୟକଙ୍କ ଆଚରଣ ଓ ଉଚ୍ଚାରଣ କେମିତି ହେବା ଉଚିତ, ନବନିର୍ବାଚିତ ବିଧାୟକଙ୍କୁ ବୁଝାଇଥିଲେ ନବୀନ । ଏମିତି କି ଗାନ୍ଧୀଙ୍କ ଆଦର୍ଶରେ ଚାଲିବାକୁ ପରାମର୍ଶ ଦେଇଥିଲେ ।

## ବଲିଉଡର ଚର୍ଚ୍ଚିତ ଅଭିନେତା ଅମୀର ଖାନ୍ଙ୍କ କୋଭିଡ ରିପୋର୍ଟ ପଜିଟିଭ

ନୂଆଦିଲ୍ଲୀ,୨୪/୦୩: ଦେଶରେ ପୁଣିଥରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦୃତଗତିରେ ବୃଦ୍ଧି ପାଇବାରେ ଲାଗିଛି । ବଲିଉଡ ଇଣ୍ଡଷ୍ଟ୍ରିଜର ବହୁ ଅଭିନେତା, ଅଭିନେତ୍ରୀ କରୋନା ସଂକ୍ରମଣରେ ଶିକାର ହେଲେଣି । ଏହି କ୍ରମରେ ଆଜି ଚର୍ଚ୍ଚିତ ଅଭିନେତା ଅମୀର ଖାନ୍ କରେନା ସଂକ୍ରମିତ ହୋଇଥିବା ସୂଚନା ମିଳିଛି । ତାଙ୍କ କୋଭିଡ ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ନିଜ ଘରେ ସଂଗରୋଧରେ ରହିଥିବା ଜଣାପଡିଛି । କିଛିଦିନ ମଧରେ ଯେଉଁମାନେ ତାଙ୍କ ସଂପର୍କରେ ଆସିଛନ୍ତି ସମସ୍ତେ କୋଭିଡ୍ ଟେଷ୍ଟ କରାଇନେବାକୁ ସେ ଅନୁରୋଧ କରିଛନ୍ତି । ଆଗାମୀ ଚଳଚିତ୍ର



'ଲାଲ୍ ସିଂ ଚଡ୍ଡା' କୁ ନେଇ ବେସ୍ ଚର୍ଚ୍ଚାରେ ଥିଲେ ଅମୀର ଖାନ୍ । ଏହି ଚଳଚିତ୍ରଟି ହଲିଉଡ ଚଳଚିତ୍ର 'ଫରେଷ୍ଟ ଗଂପ' ର ହିନ୍ଦି ରିମେକ୍ । ଏହି ଚଳଚ୍ଚିତ୍ରରେ ଅମୀରଙ୍କ ବିପକ୍ଷରେ କରୀନା କପୁର ଅଭିନୟ କରୁଥିବା ବେଳେ ମୋନା ସିଂ ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଥିବା ସୂଚନା ମିଳିଛି ।

## ୪ ରୁ ୮ ସପ୍ତାହରେ ଦିଆଯିବ କୋଭିସିଲ୍ଡ ଟିକାର ଦ୍ୱିତୀୟ ଡୋଜ୍

ଭୁବନେଶ୍ୱର,୨୪/୦୩(ନି.ପ୍ର): କୋଭିସିଲ୍ଡ ଟିକାର ଦ୍ୱିତୀୟ ଡୋଜ୍ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର ଓ ସିଡିଏମଓମାନଙ୍କୁ ଚିଠି ଲେଖିଛନ୍ତି । ନୂଆ ମାର୍ଗଦର୍ଶିକା ଅନୁଯାୟୀ କୋଭିସିଲ୍ଡ ଟିକାର ୨ୟ ଡୋଜ ପ୍ରଥମ ଡୋଜର ୪ ରୁ ୮ ସପ୍ତାହ ପରେ ୨ୟ ଡୋଜ୍ ଦେବାକୁ ପରାମର୍ଶ ଦିଆଯାଇଛି। ପୂର୍ବରୁ ୪ରୁ ୬ସପ୍ତାହ ମଧ୍ୟରେ ୨ୟ ଡୋଜ୍ ଦିଆଯାଉଥିଲା। କିନ୍ତୁ ୨ୟ ଡୋଜ ଟିକାକରଣ ୮ ସପ୍ତାହରୁ ବିଳମ୍ବ ହେବ ନାହିଁ । କେବଳ କୋଭିସିଲ୍ଡ





ଟିକା ପାଇଁ ଏହି ନିୟମ କାର୍ଯ୍ୟକାରୀ ହେବ ଏବଂ କୋଭାକ୍ସିନ୍ କ୍ଷେତ୍ରରେ ପୂର୍ବ ନିୟମ ବଳବତର ରହିବ। ତେଣୁ ଦ୍ୱିତୀୟ ଡୋଜ୍ ର ନୂଆ ମାର୍ଗଦର୍ଶିକା ସମ୍ପର୍କରେ ଟିକା ଗ୍ରହଣ କରୁଥିବା ବ୍ୟକ୍ତି ଓ ଟିକାଦାନ ଟିମ୍ କୁ ଜଣାଇଦେବା ଲାଗି ପଦକ୍ଷେପ ନେବାକୁ ଶ୍ରୀ ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

## ସରକାରଙ୍କୁ ଚେତାବନୀ ଦେଲେ କୃଷକ ନେତା ରାକେଶ ଟିକାୟତ

### କହିଲେ ପୁଣି ଦିଲ୍ଲୀରେ ଧସେଇ ପଶି ବ୍ୟାରିକେଟ ଭାଙ୍ଗିବାକୁ ପଡିବ

ନୂଆଦିଲ୍ଲୀ,୨୪/୦୩: କେନ୍ଦ୍ର ସରକାରଙ୍କର ୩ ଟି କୃଷି ଆଇନକୁ ବିରୋଧ କରି କୃଷକ ମାନଙ୍କର ଆନ୍ଦୋଳନ ୧୦୦ ଅଧିକ ଦିନରେ ପହଂଚିଲାଣି । ଏହା ମଧ୍ୟରେ ସରକାର ଓ କୃଷକ ସଂଗଠନ ମାନଙ୍କ ମଧ୍ୟରେ ଅନେକ ଥର ବୈଠକ ହୋଇସାରିଥିଲେ ବି କୌଣସି ନିଷ୍ପତ୍ତି ହୋଇପାରି ନାହିଁ । ଏହାକୁ ନେଇ କୃଷକ ନେତା ତଥା ଆନ୍ଦୋଳନର ନେତୃତ୍ୱ ନେଉଥିବା ରାକେଶ ଟିକାୟତ ଆଜି ସରକାରଙ୍କୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି କି ସରକାରଙ୍କ କାନରେ କୃଷକ ମାନଙ୍କର ଆୱାଜ ପହଂଚାଇବାକୁ ପଡିବ, ତେଣୁ ପୁଣିଥରେ ଦିଲ୍ଲୀ ଭିତରକୁ କୃଷକ ମାନେ ଧସେଇ ପଶିବେ ଓ ବ୍ୟାରିକେଟ ଭାଙ୍ଗିବେ । ଏନେଇ ସେ ଟ୍ୱିଟ୍ କରିଛନ୍ତି ।



କହିରଖୁ କି କୃଷକ ଆନ୍ଦୋଳନ ଭିତରେ କୃଷକ ନେତା ରାକେଶ ଟିକାୟତ ସାରା ଦେଶରେ ବୁଲି ବୁଲି କୃଷକ ମହାପଂଚାୟତ କରୁଛନ୍ତି । ତାଙ୍କ ସଭାରେ ବି ହଜାର ହଜାର କୃଷକ ଯୋଗ ଦେଉଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ଦିନ ଜୟପୁର ଠାରେ ଏକ କୃଷକ ମହାପଂଚାୟତକୁ ଉଦବୋଧନ ଦେଇ ଟିକାୟତ କହିଛନ୍ତି କି ସରକାର ଲୋକମାନଙ୍କୁ ଜାତି ଧର୍ମ ନାମରେ ବାଣ୍ଟି ଚାଲିଛନ୍ତି । ହେଲେ ଅନ୍ନଦାତାଙ୍କୁ ଭାଗ କରିବା ତାଙ୍କ କ୍ଷମତାର ବାହାରେ । ଆବଶ୍ୟକ ପଡିଲେ ସଂସଦ ଭିତରେ ଚାଷୀ ତା'ର ଉତ୍ପାଦ

▶▶ପୃଷ୍ଠା ୭

## ଗୋଟିଏ ଦିନରେ ୧୭୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୪/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୭୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୯୨୪୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୬୨୬୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୦୦୮ ରହିଛି । ଆଜି ଚିହ୍ନଟ ହୋଇଥିବା ୧୭୦ ଜଣଙ୍କ ମଧ୍ୟରୁ ୯୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

▶▶ପୃଷ୍ଠା ୭

## ଆତ୍ମସମର୍ପଣ କଲେ ୨ ଦୁର୍ଦ୍ଧାନ୍ତ ମାଓବାଦୀ

### ଜଣଙ୍କ ନାଁରେ ୪ ଲକ୍ଷ ଓ ଅନ୍ୟ ଜଣଙ୍କ ନାଁରେ ୧ ଲକ୍ଷ ଟଙ୍କାର ପୁରସ୍କାର

ରାୟଗଡ଼ା,୨୪/୦୩(ନି.ପ୍ର): ଆଜି ରାୟଗଡ଼ା ପୁଲିସ ନିକଟରେ ଦୁଇଜଣ ଦୁର୍ଦ୍ଧାନ୍ତ ମାଓବାଦୀ ଆତ୍ମସମର୍ପଣ କରିଥିବା କଥା ଏସ୍ପି ବିବେକାନନ୍ଦ ଶର୍ମା କହିଛନ୍ତି । ଆତ୍ମସମର୍ପଣ କରିଥିବା ଦୁଇ ଆତଙ୍କବାଦୀ ହେଲେ, ସୁନାବେଡ଼ା ଏରିଆ କମିଟି ତଥା ମେନପୁର-ନୂଆପଡ଼ା ଡିଭିଜନ୍ର ଏରିଆ କମିଟି ଦସ୍ୟମଙ୍ଗୁ ଓୟାମ୍ ଓରଫ୍ ଜୟରାମ୍ ଏବଂ 'କେକେବିଏନ୍ କମିଟି'ର ସଦସ୍ୟ ଲାଛୁ ମାଡ଼କାମ । ଦିନକୁ ଦିନ ମାନସିକ ନିର୍ଯାତନା, ଯୌନ-ଶୋଷଣ ଓ ଅନ୍ୟାନ୍ୟ ଅତ୍ୟାଚାର



ବୃଦ୍ଧି ପାଉଥିବାରୁ ମାଓ ସଙ୍ଗଠନ ଛାଡ଼ି ସ୍ୱାଭାବିକ ସାମାଜିକ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇଥିବା କଥା ସେମାନେ କହିଛନ୍ତି । ମଙ୍ଗୁଙ୍କ ନାମରେ ରାଜ୍ୟ ସରକାର ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ୨୦୧୧ ମସିହାରେ ମାଓ ସଙ୍ଗଠନରେ ଯୋଗ ଦେଇଥିବା ଛତିଶଗଡ଼ କ୍ୟାଡ ?ର ଜୟରାମ୍ ? ୨୦୧୮ରେ ଓଡ଼ିଶାର କଳାହାଣ୍ଡିରେ କାର୍ଯ୍ୟ କରୁଥିଲେ। ପରେ ସେ ବଂଶଧାରା-ଘୁମୁସର-ନାଗାବଳୀ ଡିଭିଜନ୍ ?କୁ ବଦଳି ହୋଇଥିଲେ। ସେହିପରି, ଲାଛୁ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ହୋଇଥିଲା । ଉଭୟ ମାଓବାଦୀଙ୍କ ନାମରେ ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ଅନେକ ମାମଲା ରହିଛି ।

## କଂଗ୍ରେସ ଛାଡି ସିପିଆଇ(ଏମ୍) ରେ ଯୋଗଦେଲେ କେସି ରୋଜାକୁଟ୍ଟି

ନୂଆଦିଲ୍ଲୀ,୨୪/୦୩: କେରଳ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟ କଂଗ୍ରେସକୁ ଶକ୍ତ ଝଟକା ଲାଗିଛି । ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ଦଳର ବରିଷ୍ଠ ନେତ୍ରୀ କେ.ସି ରୋଜାକୁଟ୍ଟି କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ସେ ଦଳରୁ ଇସ୍ତଫା ଦେବା ପରେ ଏଲଡିଏଫ୍ ନେତୃତ୍ୱାଧିନ ସିପିଆଇ (ଏମ୍) ରେ ଯୋଗ ଦେଇଛନ୍ତି । ସେ ଦୀର୍ଘ ୩୭ ବର୍ଷ ହେବ କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରୁଥିଲେ । ସେ



ତାଙ୍କର ଇସ୍ତଫାର କାରଣ ଦର୍ଶାଇବାକୁ ଯାଇ କହିଛନ୍ତି କି କଂଗ୍ରେସ ଦଳ ମହିଳା ମାନଙ୍କ ପ୍ରତି ଅଣଦେଖା କରୁଛି । ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ ରାଜ୍ୟ କଂଗ୍ରେସର ଭିତିରି କଳି ପଦାରେ ପଡିବାରେ ଲାଗିଛି । ଦଳ ଭିତରେ ଥିବା ଆଭ୍ୟନ୍ତରୀଣ ବିବାଦ ଓ ଗୋଷ୍ଠୀ କନ୍ଦଳ ଏବେ ଚରମ ସୀମାରେ ପହଂଚିଛି । ଦଳର ଜଣକ ପରେ ଜଣେ ବରିଷ୍ଠ ନେତା ଇସ୍ତଫା ଦେବାରେ ଲାଗିଛନ୍ତି । ଯାହାକି କେନ୍ଦ୍ରୀୟ ନେତୃତ୍ୱଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । କହିରଖୁ କି ଦେଶରେ ଚଳିତ ମାସ ଠାରୁ ୪ ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏବେ ନିର୍ବାଚନ ହେବାକୁ ଯାଉଛି । ଏହା ମଧ୍ୟରେ କେରଳ ଅନ୍ୟତମ । କେରଳରେ ମୁଖ୍ୟତ ବାମଫ୍ରଣ୍ଟ ଓ କଂଗ୍ରେସ ମଧ୍ୟରେ ଲଢେଇ ହୋଇଥାଏ । କେବେ କଂଗ୍ରେସ ତ କେବେ ବାମଫ୍ରଣ୍ଟ ସରକାର ଗଠନ କରିଥା'ନ୍ତି । ହେଲେ ଚଳିତ ନିର୍ବାଚନରେ କଂଗ୍ରେସର ଦୁର୍ବଳ ସ୍ଥିତିର ଫାଇଦା ବିଜେପି ଉଠାଇ ପାରେ ବୋଲି ଅନୁମାନ କରାଯାଉଛି ।

## ଗୋଟିଏ ଗାଁରୁ ଚିହ୍ନଟ ହେଲେ ୨୯ କରୋନା ପଜିଟିଭ୍

ନୂଆପଡା,୨୪/୦୩ (ନି.ପ୍ର): ରାଜ୍ୟରେ ଏବେ କୋଭିଡ୍ ସଂକ୍ରମଣର ଗ୍ରାଫ୍ ଧୀରେ ଧୀରେ ଉପରମୁହାଁ ହୋଇ ଗତି କରୁଥିବାବେଳେ ନୂଆପଡା ଜିଲ୍ଲା ନୂଆ ଟେନସନ ଆଣିଛି । ଜିଲ୍ଲାରୁ ଆଜି ଏକାଧରକେ ୩୩ ଜଣ ଲୋକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜିଲ୍ଲାର ସିନାପାଲି ବ୍ରାହ୍ମଣପଡା ଗାଁରୁ କେବଳ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ତେବେ ଜିଲ୍ଲାରୁ ଗୋଟିଏ ଗାଁରୁ ଏକାଥରକେ ଏତେସଂଖ୍ୟାରେ ପଜିଟିଭ୍ ଚିହ୍ନଟ ହେବା ଜିଲ୍ଲା ପ୍ରଶାସନର ଚିନ୍ତା ବଢାଇଦେଇଛି । ବ୍ରାହ୍ମଣପଡା ଗାଁକୁ ଏବେ ସିଲ୍ କରାଯାଇଥିବାବେଳେ ସେଠାରେ ଆଉ ସଂକ୍ରମଣ ବ୍ୟାପିଛି କି ନାହିଁ ସେନେଇ ଯାଞ୍ଚ କରାଯିବ । ତେବେ ଏଠାକାର ଲୋକେ ଛତିଶଗଡ ସହିତ ସିଧାସଳଖ ସମ୍ପର୍କରେ ରହୁଥିବାରୁ ସେଠାରୁ ସଂକ୍ରମଣ ବ୍ୟାପିଥିବା ନେଇ ଅନୁମାନ କରାଯାଉଛି । ତେବେ ଜିଲ୍ଲାପ୍ରଶାସନ ଏହିଁ ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିପାରେ ବୋଲି ଚର୍ଚ୍ଚ ହେଉଛି ।

# ଯୋଜନା କାର୍ଯ୍ୟକାରୀରେ ଘୋର ଅନିୟମିତତା : ସଦର ବ୍ଲକ ଘେରିଲା ବିଜେପି




ବାଲେଶ୍ୱର,୨୪।୩ (ନି.ପ୍ର): ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଜେପି ପକ୍ଷରୁ ମଙ୍ଗଳବାର ସଦର ବ୍ଲକ ଘେରାଓ କରାଯାଇଥିଲା। ବିଜେପି ସଦର ମଣ୍ଡଳ ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ଘେରାଓ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ଶତାଧିକ ଦଳୀୟ କର୍ମୀ ଓ ସାଧାରଣ ଲୋକେ ସାମିଲ ହୋଇଥିଲେ। ବ୍ଲକ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ବିଜେପିର ବରିଷ୍ଠ ନେତା ତଥା ବୁଆଁଳ ପଞ୍ଚାୟତର ସମିତି ସଭ୍ୟ ରବିନାରାୟଣ ମହାପାତ୍ର ପୌରୋହିତ୍ୟ କରିବା ସହ ବିଭିନ୍ନ କାର୍ଯ୍ୟରେ ସରକାରୀ ସ୍ତରରେ ଚାଲିଥିବା ଅନିୟମିତତା ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀ ଦତ୍ତ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ନେତା ସତ୍ୟଜିତ ମିଶ୍ର, ସୁଜିତ କୁମାର ଦେବ, ପ୍ରବୀର ଶଙ୍କର ଦାଶ, ଗୌରାଙ୍ଗ ଦାସ, ରଶ୍ମିତା ମଣ୍ଡଳଙ୍କ ସମେତ ଅନ୍ତର୍ଯ୍ୟାମୀ ବେହେରା, ଭୋଳାନାଥ ପାତ୍ର, ସୁକାନ୍ତ ମହାପାତ୍ର, ସନିଆ ମୁର୍ମୁ, ଅମ୍ବିକା ବେହେରା, ଅଭିପ୍ସା ନାୟକ, ଅନ୍ନପୂର୍ଣ୍ଣା ମଣ୍ଡଳ, ବନୀତା ଭୂୟାଁ, ସତ୍ୟଭାମା ରାଉତ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଏଥିରେ ଯୋଗଦେଇ ସଦର ବ୍ଲକ କର୍ତ୍ତୃପକ୍ଷଙ୍କ ଅନିୟମିତ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ। ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା, ରେସନକାର୍ଡ଼ ଓ ଆବାସ ଯୋଜନା ହିତାଧିକାରୀ ଚୟନରେ ଚାଲିଥିବା ଘୋଟାଲା ସମ୍ପର୍କରେ ବକ୍ତାମାନେ କହିଥିଲେ। ଶାସକ ଦଳର ନେତା ଓ କର୍ମୀଙ୍କ ପ୍ରରୋଚନାରେ ପଡ଼ି ବ୍ଲକର ଅଧିକାରୀମାନେ ପ୍ରକୃତ ହିତାଧିକାରୀଙ୍କୁ ଲୋକାଭିମୁଖୀ ଯୋଜନାରୁ ବଞ୍ଚିତ କରୁଛନ୍ତି ବୋଲି ସେମାନେ ଆରୋପ ଉଠାଇଥିଲେ। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳର ଘୋର ଅଭାବ ଦେଖା ଦେଇଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନଳକୂପ ଖନନରେ ପାତରଅନ୍ତର ନୀତି ସମ୍ପ୍ରତି ସାଧାରଣ ଲୋକଙ୍କ ପାଇଁ ଜଟିଳ ସ୍ଥିତି ସୃଷ୍ଟି କରିଛି ବୋଲି ବିଜେପି ନେତାମାନେ କହିଥିଲେ। ତୁରନ୍ତ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ଆବାସ ଯୋଜନା, ରେସନକାର୍ଡ଼ ଓ ସାମାଜିକ ସୁରକ୍ଷା ଭତ୍ତା ଯୋଜନାରେ ଚାଲିକାଭୁକ୍ତ କରିବା, ଭୂମିହୀନଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବା, କୋଭିଡ ପରିଚାଳନାରେ ହୋଇଥିବା ଖର୍ଚ୍ଚକୁ ଜିପି ଆଇଟିରେ ସାମିଲ କରିବା ପରିବର୍ତ୍ତେ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା ପାଇଁ ଏହି ପ୍ରତିବାଦ ସଭାରେ ଦାବି ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ ସଦର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନେଇ ଉଚିତ ପଦକ୍ଷେପ ଗ୍ରହଣ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ବିଜେପି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ।

# ୩ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




ନୀଳଗିରି,୨୪।୩(ନି.ପ୍ର): ଦୁଃଖ ଓ ସୁଖରେ ଭରା ଜୀବନ । ତାହାରି ମଧରେ ହିଁ ଅମୃତର ସନ୍ଧାନ କରିବାକୁ ପଡେ। ଏହା ଥିଲା ସନ୍ତରାଗଡିଆ ହାଇସ୍କୁଲର ଅବସର ସମ୍ବର୍ଦ୍ଧନା ସଭାରେ ସଭାପତି ତଥା ସନ୍ତରାଗଡିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଚକ୍ରବର୍ତ୍ତିଙ୍କ ପ୍ରାରମ୍ଭିକ ପଥନିକା। ଏହି ସଭାରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ରତ୍ନାକର ବେହେରା, ରାମଚନ୍ଦ୍ର ମହାକୁଡ ଏବଂ ନବକିଶୋର ପରିଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଶିକ୍ଷକ ବିଦ୍ୟାଧର ବେହେରା,ମହେନ୍ଦ୍ର ନାଥ ମଲ୍ଲିକ, ନଗେନ କୁମାର ସିଂ ଏବଂ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ଅବସର ସଂଗୀତ ଗାନ କରାଯାଇଥିଲା। ମୁଖ୍ୟବକ୍ତା ଭାବରେ ନୀଳଗିରି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସମ୍ଭୁନାଥ ଗୋଚ୍ଛାୟତ ବିଦାୟୀ ୩ ଶିକ୍ଷକଙ୍କ ସହିତ ନିଜର ଆବେଗ-ବିଜଡିତ ଅନୁଭୂତି ବର୍ଣ୍ଣନା କରିବା ସଂଗେ ସଂଗେ ଉତର ଔପଦା ଅଂଚଳରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଶୈକ୍ଷିକ ବାତାବରଣ ସର୍ମ୍ପକରେ ଆଲୋଚନା କରିଥିଲେ। ଶିକ୍ଷକର ପ୍ରକୃତ ମର୍ଯ୍ୟାଦା ନେଇ ବାଟ ଚାଲିବା ହିଁ ଜଣେ ମହାନ ଶିକ୍ଷକର ମହନୀୟତା ଏହା ଥିଲା ମୁଖ୍ୟ ଅତିଥି ତଥା ଔପଦା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟକୁମାର ଗିରିଙ୍କ ଅଭିଭାଷଣ ନିର୍ଯ୍ୟାସ। ଅନ୍ୟତମ ବରେଣ୍ୟ ଅତିଥି ରେମୁଣା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବଂଶୀଧର ଜେନା ଶିକ୍ଷକ ଜୀବନର ସଫଳତା ଓ ମହୋନୀୟତା ସମ୍ପର୍କରେ ଆଲୋଚକପାତ କରିଥିଲେ। ବିଦାୟୀ ଶିକ୍ଷକ ରତ୍ନାକର ବେହେରା ନିଜ ଅଭିବ୍ୟକ୍ତିରେ ସାଂଗଠନିକ ଉଦ୍ୟମର ସୁଫଳ ତଥା ଶିକ୍ଷକ ଜୀବନର ଦାୟିତ୍ୱବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ରାମଚନ୍ଦ୍ର ମହାକୁଡ ନିଜ ଶିକ୍ଷକ ଜୀବନର ବିପୁଳ ଅନୁଭୂତିର ଅନ୍ତରଙ୍ଗ ଅବତାରଣା କରିଥିଲେ। ଅନ୍ୟତମ ବିଦାୟି ଶିକ୍ଷକ ନବକିଶୋର ପରିଡା ପୂଜ୍ୟପୂଜାର ମହୋନୀୟ ସୁଫଳ ବିଷୟରେ ବକ୍ତବ୍ୟ ରଖିଥିଲେ। ଧନ୍ୟବାଦ ଅର୍ପଣ ଅବସରରେ ସମ୍ମାନିତ ଅତିଥି ତଥା ଶିକ୍ଷକ ରାମଚନ୍ଦ୍ର ଦାସ ଉକ୍ତ ପରମ୍ପରାର ଦିଗନ୍ତପ୍ରସାରୀ ପ୍ରଭାବ ବର୍ଣ୍ଣନା କରିଥିଲେ। ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧରେ ବିଜୟ ନାୟକ ସରସ୍ୱତୀ ନନ୍ଦ ,କୃଷ୍ଣଚନ୍ଦ୍ର ରାଉଳ, ମହେଶ୍ୱର ମାଝୀ, ସଂଜୟ କୁମାର ପାତ୍ର, ନଗେନ କୁମାର ସିଂ, ବିଦ୍ୟାଧର ବେହେରା, ପ୍ରତିମା ଦାସ, ଗଣେଶ୍ୱର ପାତ୍ର, ସ୍ନେହଲତା ଦାସ, ସୁସ୍ମିତା ସେନାପତି, ଗୋବିନ୍ଦ ସ, ଅନିମା ଦାସ, ବିଜୟ ବେହେରା, ପ୍ରମିଳା ମହାନ୍ତି, କରୁଣାକର ମହାପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ ଉତ୍ସବରେ ବିଦାୟି ଶିକ୍ଷକଙ୍କୁ ମାନପତ୍ର ଉପଢୌକନ , ଅବସର ଗିତିକା ଉପହାର ପ୍ରଦାନ କରାଯାଇଥିଲା।

# ପୂର୍ବତନ ନିର୍ଦ୍ଦେଶକ ବସନ୍ତ ଦାଶଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଭୁବନେଶ୍ୱର ,୨୪।୩ (ନି.ପ୍ର): ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ବସନ୍ତ କୁମାର ଦାଶଙ୍କ ଅକାଳ ବିୟୋଗରେ ମଙ୍ଗଳବାର ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀଙ୍କ ଗହଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ହସ୍ତଶିଳ୍ପ ନିର୍ଦ୍ଦେଶକ ସନାତନ ନାୟକ ସଭାପତିତ୍ୱ କରିବା ସହିତ ସ୍ୱର୍ଗତ ଦାଶଙ୍କର ଚାକିରି ଜୀବନରେ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଓ ପାରଦର୍ଶିତା ଯୋଗୁଁ ତାଙ୍କର କର୍ମସ୍ଥଳମାନଙ୍କରେ ଲକ୍ଷ୍ୟସାଧନରେ ସଫଳତାର ସ୍ମୃତିଚାରଣ କରିଥିଲେ ।

## ଫାସିବାଦ ଓ ସ୍ୱେଚ୍ଛାଚାର ଶାସନ ବିରୋଧରେ ଭଗତ ସିଂଙ୍କର ଥିଲା ଦୁର୍ବାର ସଂଗ୍ରାମ

ଜଳେଶ୍ୱର,୨୪।୩(ନି.ପ୍ର): ଆଜି ସହିଦ୍ ଭଗତ ସିଂ, ରାଜଗୁରୁ ଓ ସୁଖାଦେବଙ୍କ ବଳିଦାନ ଦିବସ ଅବସରରେ ସିପିଆଇଏମ୍ ପକ୍ଷରୁ ଅଗ୍ରୱାଲା ଛକ ନିକଟରେ ସହୀଦ୍ ଦିବସ ପାଳନ ହୋଇଛି । ସ୍ୱାଧିନତାର ୭୪ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଗଣତନ୍ତ୍ର ଓ ସମ୍ବିଧାନ ଆଜି ସଂକଟରେ। ଭଗତ ସିଂଙ୍କ ବିପ୍ଳବ, ଫାସିବାଦ, ସାମ୍ରାଜବାଦ, ଜାତିବାଦ, ସାମ୍ପ୍ରଦାୟିକତାବାଦ ବିରୋଧରେ ଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ସିତାଂଶୁ ସେନାପତି, ଶିକ୍ଷକ ନେତା ଅକ୍ଷୟ ମିଶ୍ର, ଜିତାଂଶୁ ନନ୍ଦୀ, ପଲ୍ଟୁ ଦାସ, ଆକବର ସାହା, ରବିନ୍ଦ୍ର ବାରିକ, ରତନ ଦାସ, ବସନ୍ତ ପ୍ରଧାନ, ମଦନ ମହାଲି, ଲକ୍ଷ୍ମିଧର ପଲାଇ, ଜତିନ୍ ଜେନା, ନିରୋଜ ବେହେରା, ନରେନ୍ ସିଂ ପ୍ରମୁଖ ଯୋଗ ଦେଇ ଆଜିବି ଭଗତ ସିଂ ଭଳି ବିପ୍ଳବ କରିବାର ଆବଶ୍ୟକତା ରହିଛି । ସମାଜବାଦ ହିଁ ଏକମାତ୍ର ଜିଇଁବାର ଆବଶ୍ୟକତାରହିଛି ବୋଲି ଦିଲ୍ଲୀ ଉପକଣ୍ଠରେ ୧୨୦ଦିନ ଧରି ଚାଷୀମାନେ ଆନ୍ଦୋଳନ ଚଳାଇଥିବା ବେଳେ ୩ଶହରୁ ଅଧିକ ଚାଷୀ ସହିଦ୍ ହୋଇ ସାରିଲେଣି ବୋଲି କହିଥିଲେ । ସେହିଭଳି ରାଜପୁରଠାରେ ସରପଂଚ ଦିଲ୍ଲିପ କୁମାର ପରିଡାଙ୍କ ସଭାପତିତ୍ୱରେ ପ୍ରଶାନ୍ତ ପ୍ରଧାନ, ଗଣେଶ ପାତ୍ର, ଲାଇଫର ମୁଖ୍ୟ ତ୍ରିଲୋଚନ ଗିରି, ରାଧାଶ୍ୟାମ ସାହୁ, ହରିଶ୍ଚନ୍ଦ୍ର ଭୂୟାଁ ପ୍ରମୁଖ ସହିଦ୍ ଦିବସ ସଂପର୍କରେ ବକ୍ତବ୍ୟ ରଖି ଏବେବି ଆଉଜଣେ ଭଗତ୍ ସିଂର ଆବଶ୍ୟକତା ସଂପର୍କରେ କହିଥିଲେ।

# କୋଭିଡ଼ ଟିକାକେନ୍ଦ୍ର ବୁଲି ଦେଖିଲେ ବିଜେପି ପ୍ରତିନିଧି ଦଳ



ଭଦ୍ରକ,୨୪।୩ (ନି.ପ୍ର): ବିଶ୍ୱର ସର୍ବଶ୍ରେଷ୍ଠ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ସର୍ବ ବୃହତ କୋଭିଡ଼-୧୯ ଟୀକା କରଣ ଅଭିଯାନ ଆରମ୍ଭ ହୋଇଛି। ବିଶ୍ୱରେ କରୋନା ମହାମାରୀର ତାଣ୍ଡବଲୀଳା ସମସ୍ତେ ଜାଣନ୍ତି। ପୁଣି କରୋନା ଭାଇରସ ଫେରିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ଟୀକା କରଣର ଦ୍ୱିତୀୟ ପର୍ଯ୍ୟାୟରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, ଜଟିଳ ରୋଗରେ ଆକ୍ରାନ୍ତ ହୋଇଥିବା ୪୫ ବର୍ଷରୁ ଉର୍ଦ୍ଧ୍ୱ ୬୦ ବର୍ଷରୁ କମ୍ ବ୍ୟକ୍ତିଙ୍କୁ ମାଗଣାରେ ଟୀକା ପ୍ରଦାନ କରାଯାଉଛି। ଲୋକମାନେ କିପରି ସୁବିଧାରେ, ସଚେତନତା ସହ ଟୀକା ଗ୍ରହଣ କରିବେ ଏବଂ ଏହି ଅଭିଯାନକୁ ସଫଳତାର ସହ ଆଗକୁ ନେବେ ସେ ଦିଗରେ ସମସ୍ତଙ୍କ ସହଯୋଗ ନିତାନ୍ତ କାମ୍ୟ । ଏହି ଟୀକାରଣ କାର୍ଯ୍ୟର ସୁପରିଚାଳନା ତଦାରଖ ସହିତ ଲୋକମାନଙ୍କୁ ଏଥି ପ୍ରତି ଆଗ୍ରହୀ କରାଇ ପାଇଁ ରାଜ୍ୟ ବିଜେପିର ଆଗ୍ରହ କ୍ରମେ ଆଜି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଭାଜପା ଭଦ୍ରକ ଜିଲ୍ଲା ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ରାଜ୍ୟ ଯୁବ ମୋର୍ଚ୍ଚା ସୋସିଆଲ ମିଡ଼ିଆ ସଂଯୋଜକ ସୂର୍ଯ୍ୟବଂଶୀ ସୁରଜଙ୍କୁ ନେଇ ଏକ ପ୍ରତିନିଧି ଦଳ ବିଭିନ୍ନ ଟୀକା କରଣ କେନ୍ଦ୍ର ପରିଦର୍ଶନ କରିବା ସହିତ ଆନୁସଙ୍ଗିକ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକମାନେ ନିଜ ପାଖ ଅଞ୍ଚଳର ଟିକାଦାନ କେନ୍ଦ୍ରକୁ ଯାଇ କିପରି ସୁବିଧାରେ ଟୀକା ନେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୁଆଁସ ସ୍ଥିତ ଟୀକାକରଣ କେନ୍ଦ୍ର, ସାବରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଟୀକାରଣ କେନ୍ଦ୍ର ବୁଲି ଏହି ପ୍ରତିନିଧି ଦଳ ଦେଖିଥିଲେ। ଏହିପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସଂଗଠକ ଦେବାଂଶୁ ରାଉତ, ଚନ୍ଦନ ନାୟକ, ସଂଜିବ ଦାସ, ଦେବବ୍ରତ ଦାସ, ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ଗୃହରକ୍ଷୀ ମହାସଂଘର ଆମରଣ ଅନଶନ ସ୍ଥଗିତ

ଭୁବନେଶ୍ୱର,୨୪।୩(ନି.ପ୍ର): ୬ ଦଫା ଦାବି ନେଇ ଗତ ମାର୍ଚ୍ଚ ୧ ତାରିଖରୁ ରାଜ୍ୟ ଗୃହରକ୍ଷୀ ମହାସଂଘ ପକ୍ଷରୁ ରାଜ୍ୟ ବିଧାନସଭା ସମ୍ମୁଖରେ ଆମରଣ ଅନଶନ ଜାରି ରହିଥିଲା। ସଂଘର ସଭାପତି ଉପେନ୍ଦ୍ର ମହାପାତ୍ର, ଦିପ୍ତୀମୟୀ ରାଉତ, ସାଗରିକା ସରକାର, ମାଳତୀ ରାଉତ, ଅନୁସୟା ଦାସ ପ୍ରମୁଖଙ୍କ ନେତୃତ୍ୱରେ ଚାଲିଥିବା ଏହି ଆମରଣ ଅନଶନ ଆଜି ୨୨ ଦିନରେ ପହଂଚିଥିଲା ବେଳେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଆବାସିକ କାର୍ଯ୍ୟାଳୟରେ ମାନ୍ୟବର ମନ୍ତ୍ରୀ ଅନଶନରତ ଗୃହରକ୍ଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଗୃହରକ୍ଷୀମାନଙ୍କ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ରାଜ୍ୟ ସରକାର ଯତ୍ନବାନ ଅଛନ୍ତି। ଖୁବ୍‌ଶୀଘ୍ର ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇ ସେ ସଂକ୍ରାନ୍ତରେ ପଦକ୍ଷେପ ନିଆଯିବ ବୋଲି ଗୃହରକ୍ଷୀ ମହାସଂଘର କର୍ମକର୍ତାମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ମହାସଂଘ ପକ୍ଷରୁ ଚାଲିଥିବା ଆମରଣ ଅନଶନକୁ ବର୍ତମାନ ସ୍ଥଗିତ ରଖିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। କିନ୍ତୁ ଦାବୀ ସପକ୍ଷରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ ଜାରି ରହିବ ବୋଲି ରାଜ୍ୟ ଗୃହରକ୍ଷୀ ମହାସଂଘର ସଭାପତି ଉପେନ୍ଦ୍ର ମହାପାତ୍ର ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି।

# ବିଭିନ୍ନ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ






ଧାମନଗର ,୨୪।୩ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳର ପରିଷଦ ଅନ୍ତର୍ଗତ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଜଳଦିବସ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ମୁରଲୀଧର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚ୍ଳନା କମିଟି ସଭାପତି ସେକ୍ ଜାଫର ଅଲ୍ଲୀ, ସମ୍ମାନିତ ଅତିଥିଭାବେ ଏସ୍ଏମ୍‌ଡ଼ିସି ବରିଷ୍ଠ ସଭ୍ୟ ମହେଶ୍ୱର ସ୍ୱାଇଁ, ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର କୁମାର ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ବିଶ୍ୱ ଜଳଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଚିତ୍ତରଂଜନ ସେନାପତି, ପ୍ରିୟଦର୍ଶୀ କୁଅଁର, ଭାସ୍କରଚନ୍ଦ୍ର ଦାସ, ପ୍ରମୋଦ ଦାସ, ଅଭିମନ୍ୟୁ ଶଙ୍ଖୁଆ ପ୍ରମୁଖ ଯୋଗଦେଇ ଜଳହିଁ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧରେ ପୋଷ୍ଟର ତିଆରି ଓ ଶ୍ଳୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ୟୁଥ ୟୁକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରାଣବନ୍ଧୁ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଧୁଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ସଭାପତିତ୍ୱରେ ବିଶ୍ୱ ଜଳଦିବସ ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅଶୋକ କୁମାର ଦାଶ, ଅଭୟ କୁମାର ବେହେରା, ଶିକ୍ଷୟିତ୍ରୀ ସୌମ୍ୟାସୁରଚିତା ପ୍ରଧାନ, ସ୍ୱର୍ଣ୍ଣଲତା ବେହେରା, ଯୁଗସ୍ୱପ୍ନା ପ୍ରିୟଦର୍ଶିନୀ, ଅଳକା ମିଶ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ଜଳଦିବସ ଓ ଜଳ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧରେ ବକ୍ତୃତା, ଚିତ୍ରାଙ୍କନ ଓ ଶ୍ଳୋଗାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୟୁକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଆଲୋକ କୁମାର ଜେନାଙ୍କ ଅଧକ୍ଷତାରେ ବିଶ୍ୱ ଜଳ ଦିବସ ପାଳନ ହୋଇଥିବାବେଳେ ଛାତ୍ର ଛାତ୍ରୀ ମାନଙ୍କ ମଧରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚ୍ଳନାରେ ସହଯୋଗ କରିଥିଲେ। ସେହିପରି ଧାମନଗର ବ୍ଲକ ଅନ୍ତର୍ଗତ ଇନ୍ଦ୍ରମଣୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଶେଖର କୁମାର ଜେନାଙ୍କ ଅଧକ୍ଷତାରେ ବିଶ୍ୱ ଜଳଦିସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷାବମିତ୍ ମହେଶ୍ୱର ମୁଦୁଲି, ମୁଖ୍ୟ ବକ୍ତାଭାବେ ଆଞ୍ଚଳିକ ସାଧକେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ବିଶ୍ୱ ଜଳଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରତିଯୋଗୀତାରେ ଭାଗନେଇଥିବା କୃତି ଛଶତ୍ର ଛଶତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଧାମନଗର ବ୍ଲକ ଏନ୍‌ଏସି ଅଞ୍ଚଳର ବହୁ ଶିକ୍ଷାନୁଷ୍ଠାନରେ ବିଶ୍ୱଜଳ ଦିବସ ପାଳନ କରାଯାଇଛି।

# ଗାନ୍ଧୀ ଶିଳ୍ପ ବଜାରରେ ଓଡ଼ିଶାର ସବାଇଘାସ ହସ୍ତଶିଳ୍ପ

ଭୁବନେଶ୍ୱର ,୨୪।୩ (ନି.ପ୍ର): ଓଡ଼ିଶା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ବିଭାଗ ଲିଃ (ଉତ୍କଳିକା) ଦ୍ୱାରା ମାର୍ଚ୍ଚ ୧୫ ତାରିଖଠାରୁ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଥିବା ଗାନ୍ଧୀ ଶିଳ୍ପ ବଜାର-୨୦୨୧ ଆସନ୍ତାକାଲି ଉଦଯାପିତ ହେବ। ଏହି ସର୍ବଭାରତୀୟ ସ୍ତରର ପ୍ରଦର୍ଶନୀରେ ଓଡ଼ିଶାର ସବାଇଘାସରେ ତିଆରି ବିଭିନ୍ନ ପ୍ରକାରର ସାମଗ୍ରୀ ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସବାଇଘାସରେ ତିଆରି ଆକର୍ଷଣୀୟ ବ୍ୟାଗ୍, ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ ଟ୍ରେ, ଡବା, ଚିଠି ବାକ୍ସ, ବାକ୍ସ, ଆସନ, ରୁଟି ରଖିବା ଡବା, ଯୋଗମ୍ୟାଟ ଆଦି ଅତି ସୁନ୍ଦର ଓ ନିଖୁଣ ଭାବେ ପ୍ରସ୍ତୁତ କରାଯାଇଛି । ପଶ୍ଚିମବଙ୍ଗର ଟେରାକୋଟା ଶିଳ୍ପ, ଯାହା ପୋଡ଼ା ମାଟିରେ ନିର୍ମିତ, ଯାହାକୁ ଦେଖିଲେ ତାହା ଯେ ସତରେ ମାଟିରେ ତିଆରି ହୋଇଛି ବିଶ୍ୱାସ କରିହେଉନି। ଶିଳ୍ପୀ ମହାଦେବ ଦାସ ଏହି କାମରୁ ମାସିକ ଅନ୍ୟୁନ ୪୦ ହଜାର ଟଙ୍କା ଆୟ କରୁଛନ୍ତି। ଦୁଇ କି ତିନି ମୁଠା ମାଟି ଅଥବା ଆଞ୍ଜୁଳାଏ ମାଟି ଯେଉଁଥିରେ ୫୦୦ରୁ ୧୦୦୦ ଟଙ୍କା ଆୟ, ତାହା ଆଖି ଝଲସିବା ଭଳି କଳାନୈପୁଣ୍ୟ। ସେହିଭଳି ପଶ୍ଚିମବଙ୍ଗର ବେତଶିଳ୍ପ, ଯାହା ଦେଖିଲେ ବିଶ୍ୱାସ କରିହୁଏ ନାହିଁ ଯେ ଏତେ ସରୁ ଓ ସୂକ୍ଷ୍ମ କାରୁକାର୍ଯ୍ୟ ହାତରେ ସମ୍ଭବ ହୋଇପାରିଛି। ସତରେ ମେସିନ୍ କୁ ବଳିଯାଇଛି କାରିଗର ହାତର ସୂକ୍ଷ୍ମ ହସ୍ତକଳା । ଶିଳ୍ପୀ ପରିମଳ ସାହା ଆସାମରୁ ବେତ ସଂଗ୍ରହ କରି ପଶ୍ଚିମବଙ୍ଗର କୁଚ୍ ବିହାର ଜିଲ୍ଲା ଅନ୍ତର୍ଗତ ଅଠରନଳା ଗ୍ରାମରେ ଗୋଟିଏ କ୍ଷୁଦ୍ର ବେତଶିଳ୍ପ ପ୍ରତିଷ୍ଠାନ ଗଢ଼ିଛନ୍ତି। ରାଜସ୍ଥାନର ଚମଡ଼ା ଶିଳ୍ପୀ ବାବୁଲାଲ ନାଗରଙ୍କ ଶିଳ୍ପ ଚାତୁରୀ ଦେଖିଲେ ଆଖିରେ ସ୍ୱତଃ ଦର୍ଯ୍ୟବୋଧର ତରଙ୍ଗ ଉଠେ। ଉତର ପ୍ରଦେଶର କାଚ ଶିଳ୍ପ ଦେଖିଲେ ଶକ୍ତି ।ର ଶିଳ୍ପକଳା ପାଖରେ ମୁଣ୍ଡ ନଇଁଯାଏ । ମଣିଷର ହାତର କଳା କେତେ ଉଚ୍ଚକୋଟୀର, ଅସାଧାରଣ ହୋଇପାରେ ତା'ର ପ୍ରମାଣ ମିଳେ। ୧୬ଟି ରାଜ୍ୟର ଶହେ ଜଣ ଶିଳ୍ପୀ ଓ କାରିଗର ସେମାନଙ୍କର ଶିଳ୍ପକଳା, ଭାରତୀୟ କଳାଚେତନା ଓ ଶିଳ୍ପନୈପୁଣ୍ୟର ଗରିମାକୁ ଏହି ଗାନ୍ଧୀ ଶିଳ୍ପ ବଜାର ପ୍ରତିପାଦନ କରୁଛନ୍ତି ।

# ଯୁଗଶ୍ରୀ ଯୁଗନାରୀ ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର



ବାଲେଶ୍ୱର,୨୪।୩ (ନି.ପ୍ର): ଯୁଗଶ୍ରୀ ଯୁଗନାରୀ ପରିବାର ପକ୍ଷରୁ ସହରର ଗୋଧିବସା ଅଞ୍ଚଳରେ ଏକ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ମଧୁବାଳା ଗିରି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ମହିଳାମାନେ ଭୋଗୁଥିବା ବିଭିନ୍ନ ରୋଗ ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ କୌଣସି ରୋଗକୁ ସାମନ୍ୟ ଭାବି ଡାକ୍ତରଙ୍କ ପାଖକୁ ନଯିବା ଓ ଡାକ୍ତରଙ୍କ ପାଖରେ ଲଜ୍ଜା କରି ରୋଗର ସମ୍ପୂର୍ଣ୍ଣ ବିବରଣୀ ନ କହିବା ଫଳରେ ମହିଳାଙ୍କ ରୋଗ ଅଧିକ ବଢ଼ିଯାଇଥାଏ ବୋଲି ସେ କହିଥିଲେ। ଏପରି ସ୍ଥିତିରେ ଯେ କୌଣସି ରୋଗରେ ଆଦୌ ଅବହେଳା ନ କରିବାକୁ ଡାକ୍ତର ଗିରି ଉପସ୍ଥିତ ମହିଳାଙ୍କୁ ପରାମର୍ଶ ଦେଇଥିଲେ। ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ କାଉନସିଲର ଚିତ୍ତରଂଜନ ପଣ୍ଡା ଏଥିରେ ଯୋଗଦେଇ ଯୁଗଶ୍ରୀ ଯୁଗନାରୀର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହିଭଳି ଶିବିର ଆୟୋଜନ ଦ୍ୱାରା ବହୁ ମହିଳା ସଚେତନ ହୋଇପ ।ରୁଛନ୍ତି ବୋଲି ସେ କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଗୀତାଞ୍ଜଳି ସିଂ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସବିତା ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ ପ୍ରଧାନ, ରାଜୀବ ସିଂହ, ଅନୀତା ଦାସ, ସ୍ୱର୍ଣ୍ଣପ୍ରିୟା ନାଥ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମହିଳାମାନଙ୍କୁ ସାନିଟାରି ନାପକିନ ବଣ୍ଟନ କରାଯାଇଥିଲା।

# ବାହାର ରାଜ୍ୟରୁ ଫେରିଥିଲେ ପ୍ରଶାସନକୁ ଜଣାନ୍ତୁ

ଭୁବନେଶ୍ୱର ,୨୪।୩ (ନି.ପ୍ର): କରୋନା ସଂକ୍ରମଣ ବଢୁଥିବାରୁ ଲୋକଙ୍କୁ ସାମାଜିକ ଦୂରତା ରକ୍ଷା କରିବା ସହ, ମାସ୍କ ଓ ସାନିଟାଇଜର୍ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ଡିଏମଇଟି ଡାକ୍ତର ସିବିକେ ମହାନ୍ତି। ଯଦି ନିଜ ଘର କିମ୍ବା ଘର ପାଖରେ କେହି ରାଜ୍ୟ ବାହାରୁ ଫେରିଛନ୍ତି ବା ଅଛନ୍ତି, ତୁରନ୍ତ ପ୍ରଶାସନକୁ ଜଣାଇବାକୁ କହିଛନ୍ତି। ସେମାନଙ୍କର ପରୀକ୍ଷା କରାଯାଇ ସେମାନଙ୍କୁ ଆଇସୋଲେଟ୍ କରିପାରିବା ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଟିକାକରଣକୁ ବ୍ୟାପକ କରିବା ଲାଗି ଉଦ୍ୟମ ହେଉଛି। ବୟସ୍କ ଲୋକ ଟିକା ନେବାକୁ ଭୟ କରୁଛନ୍ତି। କେବଳ ସ୍ୱାସ୍ଥ୍ୟ ବିଭାଗ ନୁହେଁ, ସମସ୍ତେ ସେମାନଙ୍କୁ ଟିକା ନେବାକୁ ଉତ୍ସାହିତ କରନ୍ତୁ। ଟିକାର କେଉଁଠି ବି ପାର୍ଶ୍ୱ ପ୍ରତିକ୍ରିୟା ହୋଇନି।

# ପିଆଜ ଚୋପାକୁ ଫୋପାଡନ୍ତୁ ନାହିଁ: ସ୍ୱାସ୍ଥ୍ୟ ଏବଂ ତ୍ୱଚା ପାଇଁ ଖୁବ୍ ଉପକାରୀ

**କିଛି ଲୋକଙ୍କୁ ପିଆଜ ଖାଇବା ଖୁବ୍ ଅଧିକ ସଉକ ରହିଥାଏ, କିନ୍ତୁ ଅଧିକାଂଶ ଲୋକ ପିଆଜ ଚୋପାକୁ ଫୋପାଡି ଦିଅନ୍ତି । କ'ଣ ଜାଣନ୍ତି କି ? ପିଆଜ ଚୋପାର ଖୁବ୍ ଫାଇଦା ରହିଛି । ଏଥିରେ ଥିବା ପୋଷକ ତତ୍ତ୍ୱ ଆମର ସ୍ୱାସ୍ଥ୍ୟ ଏବଂ ତ୍ୱଚାକୁ ସୁନ୍ଦର କରିବାରେ ସହାୟକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ପିଆଜ ଚୋପାକୁ କିଭଳି ବ୍ୟବହା କରିବା ।**



♦ ପିଆଜ ଚୋପାରେ ରୋଗପ୍ରତିରୋଧକ ଶକ୍ତି ବଢିବା ପାଇଁ ବ୍ୟବହାର କରିପାରିବେ । ଏଥିରେ ଆଣ୍ଟି ଅକ୍ସିଡେଣ୍ଟ ରହିଥାଏ, ଯାହାକି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ । ଏହା ସହିତ ପିଆଜ ରସ୍ ମଧ୍ୟ ଖୁବ୍ ଉପକାରୀ ।

♦ ଏକ ଷ୍ଟଡି ଅନୁସାରେ, ପିଆଜ ଚୋପାରେ ପ୍ରଚୁର ପରିମାଣରେ ଫାଇବର ରହିଥାଏ । ଏହା ସହିତ ସେଥିରେ ଫ୍ଲାଭୋନାଏଡ୍, କେରେସୋଟିନ୍ ଓ ଫିନୋଲିକ୍ ଶରୀରରେ କୌଣସି ସ୍ଥାନରେ ଫୁଲା ଓ କ୍ୟାନସର ଭଳି ସମସ୍ୟାରୁ ରକ୍ଷା କରିବାରେ ଭଲ ପ୍ରମାଣିତ ହୋଇଥାଏ ।

♦ ଯଦି ପିଆଜା ଚୋପାକୁ ଚା' ସହିତ ଗରମ କରି ପିଆଯା, ତେବେ ବିଭିନ୍ନ ପ୍ରକାର ଗଳା ସମ୍ପର୍କିତ ରୋଗରୁ ମୁକ୍ତି ମିଳିଥାଏ । ଥଣ୍ଡା, କାଶରୁ ମଧ୍ୟ ମୁକ୍ତି ମିଳିଥାଏ ।

♦ କେଶ ଯଦି ବଢୁନି ତେବେ ପିଆଜ ଚୋପାର ରସକୁ ବ୍ୟବହାର କରିପାରିବେ । ଯଦି କେଶ ରୁକ୍ଷା ତେବେ ପାଣିରେ ପିଆଜ ରସ ପକାଇ ଗରମ କରି ନିଅନ୍ତୁ ଓ ସାମ୍ପୋ କରିବା ପରେ ଏହି ପାଣିକୁ କେଶକୁ ଧୂଅନ୍ତୁ ।

♦ ଚେହରାରେ କୌଣସି ଦାଗ ଥିଲେ ପିଆଜ ରସକୁ ହଳଦୀ ସହିତ ମିଶାଇ ଲଗାଇ ପାରିବେ । ପିଆଜ ଚୋପର ରସ୍ ଡେଡ୍ ସ୍କିନକୁ ବାହାର କରିବାରେ ସହାୟକ ହୋଇଥାଏ ।

# ପାପନାଶିନୀ ଏକାଦଶୀ




ଶ୍ରୀହରୀ ପଣ୍ଡା

ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

ମୋ.୯୮୫୩୯୪୮୪୫୮


ଫାଲଗୁନ ଶୁକ୍ଳପକ୍ଷ ଏକାଦଶୀର ନାମ ବିଷ୍ଣୁଲୋକ ପ୍ରଦାନକାରୀ ପାପନାଶିନୀ ଏକାଦଶୀ ବା ଆମଳିକ ଏକାଦଶୀ । ଏହା ଆମଳିକ ବୃକ୍ଷ(ଅଁଳା) ତଳେ ରାତ୍ରି ଜାଗରଣ କଲେ ସହସ୍ର ଗୋଦାନର ଫଳ ଲାଭ ହୋଇଥାଏ । ସର୍ବପାପ ବିନାଶିନୀ ଅଁଳା ବୃକ୍ଷ ଏ ପୃଥିବୀରେ କିପରି ଉତ୍ପନ୍ନ ହେଲା ସେ ସମ୍ପର୍କରେ ଏଥିରେ ବର୍ଣ୍ଣନା ଅଛି । ପୂର୍ବକାଳରେ ବ୍ରହ୍ମାଙ୍କ ପ୍ରଳୟକାଳ(ରାତ୍ରି) ଉପସ୍ଥିତ ହେବାରୁ ସମସ୍ତ ଚରଅଚର,ଜଡ-ଚେତନ ସଚାରର ଭଗବାନଙ୍କ ଶରୀରରେ ବ୍ରହ୍ମସ୍ୱରୂପ ଅବସ୍ଥିତ ହେଲେ । ସେହି ସମୟରେ ବ୍ରହ୍ମଙ୍କର ଲାଳସ୍ରାବ-ବଶତଃ ମୁଖରୁ ଚନ୍ଦ୍ରତୁଲ୍ୟ ଶୁଭ୍ରବର୍ଣ୍ଣ ଏକ ବିନ୍ଦୁ ଜଳ ଉ ିତ ହୋଇ ଭୂମିରେ ପଡିଲା । ସେହି ଜଳ ବିନ୍ଦୁରୁ ମନକୁ ମନ ଗୋଟିଏ ଅଁଳା ବୃକ୍ଷ ଉତ୍ପନ୍ନ ହେଲା । ଏହାର ବିରାଟ ଶାଖା-ପ୍ରଶାଖା ସମୂହ ଫଳଭାରରେ ନଇଁ ପଡିଲା ।ଏହି ବୃକ୍ଷ ହିଁ ସମସ୍ତ ବୃକ୍ଷର ଆଦିବୃକ୍ଷ ବୋଲି କୁହାଯାଏ । ଏହି ବୃକ୍ଷରୁ ଭଗବାନ କର୍ତ୍ତୃକ ବ୍ରହ୍ମା ସୃଷ୍ଟି ହେଲେ ଏବଂ ପ୍ରଜା ସମୂହ, ଦେବ ମନୁଷ୍ୟାଦି ମଧ୍ୟ ସୃଷ୍ଟ ହେଲେ ।

ସମସ୍ତ ଦେବଦେବୀ ଆଶ୍ଚର୍ଯ୍ୟ ଚକିତ ହୋଇ ସେ ବୃକ୍ଷ ନିକଟରେ ପହଞ୍ଚି ବୃକ୍ଷକୁ ଅବଲୋକନ କରିବା ସହିତ ବୃକ୍ଷର ନାମ କଣ ପଚରାପଚରି କରୁଥିବା ସମୟରେ ଆକାଶବାଣୀ ହେଲା ଏ ବୃକ୍ଷର ନାମ ଅଁଳା । ଏହା ପରମ ବୈଷ୍ଣବ ବୋଲି ବିଖ୍ୟାତ । ଏହାର ସ୍ମରଣ ମାତ୍ରହିଁ ଗୋଦାନ, ଦର୍ଶନରେ ତାହାର ଦୁଇଗୁଣ, ଏହାର ଫଳ ଭକ୍ଷଣରେ ତିନିଗୁଣ ଫଳ ଲାଭ ହୋଇଥାଏ । ଏଣୁ ସମସ୍ତେ ଏହି ସର୍ବପାପନାଶିନୀ ବୃକ୍ଷର ସେବା କରିବା ଉଚିତ୍ । ଏହାଙ୍କର ମୂଳଦେଶରେ ବିଷ୍ଣୁ, ଉର୍ଦ୍ଧ୍ୱରେ ପିତାମହ ବ୍ରହ୍ମା, ପ୍ରଶାଖାରେ ଦେବଗଣ, ପର୍ଣ୍ଣସମୂହରେ ବସୁଗଣ, ପୁଷ୍ପରେ ବାୟୁ ଏବଂ ଫଳଗୁଡିକରେ ସମସ୍ତ ପ୍ରଜାପତି ବାସ କରନ୍ତି । ଏହାପରେ ଋଷିଗଣଙ୍କ ପ୍ରଶ୍ନରେ ଏହି ବ୍ରତର ବିଧି ବର୍ଣ୍ଣନା କଲେ ।

ପ୍ରାତଃସ୍ନାନ ପୂର୍ବକ ପତିତ, ଚୋର, ପାଷାଣ୍ଡୀ, ଦୁର୍ବୃତ୍ତ, ମର୍ଯ୍ୟାଦାହୀନ ଓ ଗୁରୁପତ୍ନୀଗମନକାରୀ ମନୁଷ୍ୟଙ୍କ ସହ କଥାବାର୍ତ୍ତା କରିବେନାହିଁ । ଅପରାହ୍ନରେ ଯଥାବିଧି ସ୍ନାନ କରିବେ । ସେହି ସ୍ଥାନରେ ମୃର୍ତ୍ତିକା ଗ୍ରହଣ ପୂର୍ବକ ନଦୀ, ପୋଖରୀ, କୂପ ଅଥବା ଗୃହରେ ଉ ୍ତ ଜଳରେ ସ୍ନାନ ମନ୍ତ୍ରାଦି ପାଠ ସମ୍ପୂର୍ଣ୍ଣ କରିବେ । ତତ୍ପରେ ସୁବର୍ଣ୍ଣ ଦ୍ୱାରା ପର୍ଶୁରାମ ମୂର୍ତ୍ତି ତିଆରି କରିବେ । ସେହି ସୁବର୍ଣ୍ଣର ପରିଣାମ ଏକ ମାଷା(କୋଡିଏ ମାଷାରେ ଏକ ତୋଳା ହୁଏ) ଅଥବା ତାହାର ଅର୍ଦ୍ଧ ବା ଶକ୍ତି ଅନୁସାରେ ତାହାର ଅଧା ମଧ୍ୟ କରାଯାଇପାରେ । ସ୍ନାନପରେ ଗୃହକୁ ଆସି ସେହି ମୂର୍ତ୍ତି ପୂଜା ଓ ହୋମ ଆଦି ସମାପନ ପୂର୍ବକ ଅଁଳା ବୃକ୍ଷ ନିକଟକୁ ଯାଇ ବୃକ୍ଷର ଚତୁର୍ଦ୍ଦିଗ ପରିଷ୍କାର କରି ଛିଦ୍ରଶୂନ୍ୟ ଗୋଟିଏ କଳସୀ ବୃକ୍ଷ ସମ୍ମୁଖରେ ସ୍ଥାପନ କରି ମନ୍ତ୍ରଦ୍ୱାରା ସେଥିରେ ପଞ୍ଚରତ୍ନ, ପଞ୍ଚପଲ୍ଲବ, ଦିବ୍ୟଗନ୍ଧାଦି, ଛତ୍ର, ପାଦୁକା ବସ୍ତ୍ର ଓ ଶ୍ୱେତଚନ୍ଦନାଦି ପ୍ରଦାନ କରିବେ । ତାହା ଉପରେ ଖଇ ଭର୍ତ୍ତି ହୋଇଥିବା ଗୋଟିଏ ପାତ୍ର ସ୍ଥାପନ କରି ଏହା ଉପରେ ସେହି ଜାମଦଗ୍ନ୍ୟ ମୂର୍ତ୍ତି ସ୍ଥାପନ କରିବେ । ତତ୍ପରେ ପୂଜା ସମାପନାନ୍ତେ ଶ୍ୱେତବର୍ଣ୍ଣ ଫଳଦ୍ୱାରା ଅର୍ଘ୍ୟ ପ୍ରଦାନ ପୂର୍ବକ ରାତ୍ରି ଜାଗରଣ କରିବେ । ବିଷ୍ଣୁନାମ ଜପ ବା କୀର୍ତ୍ତନ ସହ ୧୦୮ କିମ୍ବା ୨୮ଥର ବୃକ୍ଷକୁ ପ୍ରଦକ୍ଷୀଣ କରିବେ । ରାତ୍ରି ସମାପ୍ତ ସମୟରେ ମଙ୍ଗଳ ଆଳତି କରିବା ସହ ଜାମଦଗ୍ନ୍ୟ ସ୍ୱରୂପ ଭଗବାନ ମୋ ଉପରେ ପ୍ରୀତ ହୁଅନ୍ତୁ ପ୍ରାର୍ଥନା କରି ସୁବର୍ଣ୍ଣ, ମୂର୍ତ୍ତି, ଘଟ ଇତ୍ୟାଦି ବ୍ରାହ୍ମଣଙ୍କୁ ଦାନ କରିଦେବେ । ବୃକ୍ଷକୁ ପ୍ରଦକ୍ଷୀଣ, ସ୍ପର୍ଶ ଓ ପ୍ରଣାମ କରିବେ ।

ଏହାପରେ ବ୍ରାହ୍ମଣମାନଙ୍କୁ ଭୋଜନ ଆପ୍ୟାୟିତ କରି ସ୍ୱପରିବାର ସହିତ ଜ୍ଞାତି, କୁଟୁମ୍ବମାନଙ୍କୁ ଭୋଜନ କରାଇବା ସହ ନିଜେ ପାରାୟଣ କରିବେ । ଏହି ବ୍ରତ ଅତିଶୟ ଶୁଭ ଫଳ ପ୍ରଦାନକାରୀ ଓ ପାପନାଶିନୀ ଅଟେ ।

# ବାସ୍ତୁ ଶାସ୍ତ୍ରରେ ଦୂର କରାନ୍ତୁ ନକାରାତ୍ମକ ଶକ୍ତି



ଆମ ପରମ୍ପରାରେ ବାସ୍ତୁଶାସ୍ତ୍ରକୁ ଯଥେଷ୍ଟ ମାତ୍ରାରେ ଗୁରୁତ୍ୱ ଦିଆଯାଉଛି । ଆଜିକାଲି ଅଧିକାଂଶ ଲୋକେ ବାସ୍ତୁଶାସ୍ତ୍ରର ନିୟମ ଅନୁସାରେ ଘର ତିଆରି କରୁଛନ୍ତି । ବାସ୍ତୁବିତ୍ ଦୀକ୍ଷା ରାଠିଙ୍କ ମତରେ କେତେକ ଦିଗ ପ୍ରତି ସାମାନ୍ୟ ଦୃଷ୍ଟି ଦେଲେ ଘରୁ ନକରାତ୍ମକ ଶକ୍ତି ଦୂର ହୋଇଯିବ । ଘରର ମୁଖ୍ୟ ଦ୍ୱାର ସଫାସୁତୁରା ରଖିବା ଉଚିତ ମୁଖ୍ୟ ଦୁଆର ଏଭଳି ଭାବରେ ବତୀ ଲଗାଯିବା ଦରକାର ଯେ ତାହା ଉଜ୍ଜ୍ୱଳ ଆଲୋକ ପ୍ରଦାନ କରୁଥିବା । ଏହି ବତୀ ଖରାପ ହେଲେ ତୁରନ୍ତ ପରିବର୍ତ୍ତନ କରିବା ଜରୁରୀ । ପ୍ରବେଶ ଦୁଆରରେ କାଠର କବାଟ ରହିଲେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୁଏ । ଏହା ସାମାନ୍ୟ ଉଚ୍ଚତାରେ ରହିଲେ ଅଧିକ ଭଲ ପ୍ରଭାବ ପକାଇଥାଏ । ମୁଖ୍ୟ ଦୁଆରର କାନ୍ଥରେ ଗଣେଶଙ୍କ ଷ୍ଟିକର କିମ୍ବା ଚିତ୍ରାଙ୍କନ କରିବା ପରିବାର ସଦସ୍ୟଙ୍କ ଉପରେ ଖୁବ୍ ଶୁଭଫଳ ପକାଇଥାଏ । ଅନ୍ୟ ଏକ କଥା ମଧ୍ୟ ଧ୍ୟାନପରେ ରଖିବା ଉଚିତ, ଘର ବାଲକୋନି କିମ୍ବା ଛାତ ଉପରେ ଫୁଲଗଛ ରଖିଥିଲେ, ଶୁଖିଲା ଫୁଲଗଛକୁ ଫିଙ୍ଗିଦିଅନ୍ତୁ । ଏହି କାରଣରୁ ମଧ୍ୟ ଘରେ ନକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ।

# ପୁରୁଷଙ୍କୁ କରିବ ବଳବାନ: କ୍ଷୀରରେ ମିଶାଇ ପିଅନ୍ତୁ ଏହି ଜିନିଷ

ଆଜି ଆମେ ଆପଣଙ୍କ ପାଇଁ କ୍ଷୀର ଏବଂ ମହୁର ଉପକାର ବିଷୟରେ କିଛି ଜରୁରୀ ସୂଚନା ଆଣିଛୁ । ଏହି ଦୁଇଟିକୁ ଅଲଗା- ଅଲଗା ଭାବରେ ଖାଇବାର ସୁବିଧା ତ ଅଛି, କିନ୍ତୁ ଆପଣ ଜାଣନ୍ତି କି ଯଦି ଏହି ଦୁଇଟି ଏକାଠି ଖିଆଯାଏ, ତେବେ ଏହାର ଚମତ୍କାର ଲାଭ ଅଛି । କ୍ଷୀରରେ କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍ 'ଏ', 'ବି' ଏବଂ 'ଡି' ସହିତ ଲାକ୍ଟିକ୍ ଏସିଡ୍ ଥିବାବେଳେ ମହୁରେ ଆଇରନ, କ୍ୟାଲସିୟମ୍, ଫସଫେଟ୍, ଫ୍ରୁଟ ଗ୍ଲୁକୋଜ୍, ସୋଡିୟମ୍, କ୍ଲୋରାଇନ୍, ପୋଟାସିୟମ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଥାଏ । ମହୁ ମଧ୍ୟ ଏକ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିଫଙ୍ଗାଲ୍ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ । ଯଦି ଆପଣ ମଧ୍ୟ ଶରୀରରୁ ଦୁର୍ବଳତା ହଟାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନିୟମିତ କ୍ଷୀରରେ ମହୁ ମିଶାଇ ପିଇବାକୁ ପଡିବ । ଏହାକୁ ବ୍ୟବହାର କରିବା ଦ୍ୱାରା ମିଳୁଥିବା ଲାଭ ବିଷୟରେ ଆଜି ଆମେ ଆପଣଙ୍କୁ ସୂଚନା ଦେଉଛୁ ।



- ଉଷୁମ କ୍ଷୀରରେ ମହୁ ମିଶାଇ ପିଇବା ଦ୍ୱାରା ଷ୍ଟ୍ରେଷ କମିଯାଏ । ସ୍ନାୟୁ ପ୍ରଣାଳୀ ଏବଂ ସ୍ନାୟୁ କୋଷଗୁଡ଼ିକୁ ମଧ୍ୟ ଆରାମ ମିଳିଥାଏ ।
- କ୍ଷୀର ଏବଂ ମହୁକୁ ଏକାଠି ପିଇବା ଦ୍ୱାରା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ ।
- ଏହାକୁ ଖାଇବା ଦ୍ୱାରା ପୁରୁଷମାନଙ୍କ ପାଇଁ ପ୍ରୋଷ୍ଟେଟ କ୍ୟାନସର ହେବାର ଆଶଙ୍କା କମିଯାଏ ।
- ଶୋଇବା ପୂର୍ବରୁ କ୍ଷୀର ସହିତ ମହୁ ଖିଆଯାଏ
- ହଜମ ପ୍ରକ୍ରିୟାକୁ କ୍ଷୀର ଏବଂ ମହୁର ମିଶ୍ରଣ ସଂଶୋଧନ କରିଥାଏ ।
- ନିୟମିତ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହୁଏ ।
- କ୍ଷୀର ଏବଂ ମହୁ ଖାଇବା ଦ୍ୱାରା ହାଡ ମଜବୁତ ହୁଏ ।
- ଶାରୀରିକ ଏବଂ ମାନସିକ କ୍ଷମତା ବୃଦ୍ଧି ପାଇଥାଏ ।
- ଶରୀରରେ ଫୁର୍ତ୍ତି ଆସିଥାଏ, ଏହି କାରଣରୁ ମସ୍ତିଷ୍କ ମଧ୍ୟ ଶୀଘ୍ର ଗତି କରିଥାଏ ।
- କ୍ଷୀର ଏବଂ ମହୁ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବଢିଥାଏ ।

କ୍ଷୀର ଏବଂ ମହୁ ଖାଇବା ପୁରୁଷଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ଯଦି ମହୁ କ୍ଷୀର ସହିତ ମିଶ୍ରିତ ହୁଏ, ତେବେ ପୁରୁଷମାନଙ୍କରେ ଟେଷ୍ଟୋଷ୍ଟେରନ୍ ନାମକ ହରମୋନ୍ ବୃଦ୍ଧି ପାଇଥାଏ । ଯାହା ପ୍ରୋଷ୍ଟେଟର ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । କେବଳ ଆପଣଙ୍କୁ ମନେ ରଖିବାକୁ ହେବ ଯେ ରାତିରେ ଶୋଇବାର ପ୍ରାୟ ୧ ଘଣ୍ଟା ପୂର୍ବରୁ ଏହାକୁ ଖାଇବାକୁ ପଡିବ ।

# ମଶା ନିପାତ ନିମନ୍ତେ ନୂତନ ଉପାୟ

ସର୍ବେକ୍ଷଣ ଅନୁସାରେ, ୨୦୧୬ରେ ବିଶ୍ୱସ୍ତରରେ ମେଲେରିଆ ରୋଗରେ ୨୧.୬ଲକ୍ଷ ଲୋକ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୪ଲକ୍ଷ ୪୫ହଜାର ଲୋକ ପ୍ରାଣ ହରାଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁସାରେ, ମଶା ହିଁ ବିଶ୍ୱର ସବୁଠୁ ବିପଜ୍ଜନକ କୀଟ । ଏଣୁ ଡେଙ୍ଗୁ, ମେଲେରିଆ ଭଳି ଭୟଙ୍କର ରୋଗରୁ ଲୋକଙ୍କୁ ରକ୍ଷା କରିବା ନିମନ୍ତେ ବୈଜ୍ଞାନିକ ଦଳ ନୂତନ ଉପାୟ ଉଦ୍ଭାବନ କରିଛନ୍ତି । ଲରିଜୋନା ବିଶ୍ୱବିଦ୍ୟାଳୟର ଗବେଷକଦଳ ୧୯ମାସ ଗବେଷଣା କରିବା ପରେ ଏହି ତଥ୍ୟ ପ୍ରକାଶ କରିଥିବାର ଜଣାପଡ଼ିଛି । ଅଣ୍ଡିରା ମଶାଠାରେ ଥିବା ପ୍ରୋଟିନକୁ ଗବେଷକଦଳ ଚିହ୍ନଟ କରିଛନ୍ତି । ଏହି ପ୍ରୋଟିନ୍ ସେମାନଙ୍କ ପ୍ରଜନନରେ ସବୁଠୁ ଅଧିକ ଉପଯୋଗୀ । ଗବେଷକଦଳର ମୁଖ୍ୟ ଏହି ପ୍ରୋଟିନ ନିଷ୍କ୍ରିୟକରିବାର ସୂତ୍ର ପାଇ ସଫଳ ହୋଇଛନ୍ତି । ବର୍ତ୍ତମାନ ଠାରୁ ମଶାଙ୍କ ବଂଶବୃଦ୍ଧି ରୋକିବା ନିମନ୍ତେ ଏଇ ନୂତନ ପଦ୍ଧତିର ଉପଯୋଗ ହେବ ବୋଲି ପ୍ରକାଶ । ଏହି ପଦ୍ଧତିରେ ଅନ୍ୟ ପ୍ରଜାତିର କୀଟ ଯେପରି ମହୁମାଛିଙ୍କୁ କୌଣସି କ୍ଷତି ପହଞ୍ଚିବ ନାହିଁ । ମେଲେରିଆ, ଡେଙ୍ଗୁ, ଜିକା, ଚିକନଗୁନିୟା ଭଳି ଭୟଙ୍କର ରୋଗରୁ ଲୋକେ ଏଥର ଆଶ୍ୱସ୍ତ ହୋଇପାରିବେ ବୋଲି ଗବେଷକଦଳ ପ୍ରତିଶ୍ରୁତି ଦେଇଛନ୍ତି । ଖୁବ୍ ଶୀଘ୍ର ଏହାର କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି ।



# ଖାଇବା ପରେ ନିଦ ଲାଗେ କାହିଁକି ?

ବହୁତ ଲୋକ ଅଛନ୍ତି, ଯାହାଙ୍କୁ ଖାଦ୍ୟ ଖାଇସାରିଲା ପରେ ନିଦ ଆସିଥାଏ । ଏହା ଏକ ସାଧାରଣ କଥା । ଖାଦ୍ୟ ଖାଇଲା ପରେ ଶରୀରରେ ପାଚନ ପ୍ରକ୍ରିୟା ହୋଇଥାଏ, ଫଳରେ ଶରୀରରେ କିଛି କେମିକାଲ ପରିବର୍ତ୍ତନ ଦେଖାଯାଇଥାଏ । ସବୁ ସମୟ ଖାଇବା ପରେ ଯଦି ଆପଣଙ୍କୁ ନିଦ ଲାଗିଥାଏ, ତେବେ ଏହା ଏକ ଖରାପ କଥା । ଏହାଦ୍ୱାରା ଶରୀର ଉପରେ କୁପ୍ରଭାବ ପଡ଼ିଥାଏ । ଏଥିପାଇଁ ଆପଣ ବିଶେଷଜ୍ଞ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଆମ ପେଟ ଖାଦ୍ୟରେ ପୂର୍ଣ୍ଣ ହୋଇଥାଏ, ନିଦ ଲାଗିଥାଏ । ଏହାର କାରଣ ବହୁତ ପ୍ରକାର ଥାଏ । ଯେପରି କେଉଁ ପ୍ରକାର ଖାଦ୍ୟ ଗ୍ରହଣ କରିବା, କିପରି ଶୋଇବା, ସ୍ୱାସ୍ଥ୍ୟର ଅବସ୍ଥା ଇତ୍ୟାଦି । ଶରୀର କାର୍ଯ୍ୟକ୍ଷମ କରିବା ପାଇଁ ଶକ୍ତିର ଆବଶ୍ୟକ ଏବଂ ଶକ୍ତି ଖାଦ୍ୟରୁ ମିଳେ । ଖାଦ୍ୟ ଖାଇସାରିଲା ପରେ ପାଚନ ପ୍ରକ୍ରିୟା ସମୟରେ ଶରୀର ଖାଦ୍ୟର ପୋଷକ ତତ୍ତ୍ୱକୁ ଭାଙ୍ଗି ଏହାକୁ ଗ୍ଲୁକୋଜରେ ପରିଣତ କରାଇଥାଏ । ଏହି ଗ୍ଲୁକୋଜ ପରେ ଶକ୍ତିରେ ପରିଣତ ହୋଇଥାଏ । ଖାଦ୍ୟ



ଖାଇସାରିଲା ପରେ ଶରୀରରୁ ଆମିଲିନ, ଗ୍ଲୁକାଗୋନ୍ ଏବଂ କୋଲେସିଷ୍ଟୋକେନିନ୍ ନାମକ କେତେକ ହରମୋନ୍ ନିର୍ଗତ ହୋଇଥାଏ । ଏହି



ହରମୋନକୁ କୋଷ ଶକ୍ତିରେ ପରିଣତ କରାଇଥାଏ । ଏହି ସମୟରେ ମସ୍ତିଷ୍କରେ ସେରୋଟୋନିନ୍ ନିର୍ଗତ ହୋଇଥାଏ, ଯାହା ନିଦ କରାଇଥାଏ ଶରୀର ସବୁପ୍ରକାର ଖାଦ୍ୟ ପଦାର୍ଥକୁ ଏହିପରି ପାଚନ କରିଥାଏ, କିନ୍ତୁ କେତେକ ଗରିଷ୍ଠ ଖାଦ୍ୟରେ ପ୍ରୋଟିନର ପରିମାଣ ଅଧିକ ଥିବାରୁ ନିଦ ଲାଗିଥାଏ । ଯେପରି ଭାତ, ମାଂସ, ଛେନା, ଅଣ୍ଡା, ଚିଜ୍, ମାଛ, ସୋୟାବିନ୍ ଆଦି । ସେଥିପାଇଁ ଏହିପରି ଗରିଷ୍ଠ ଖାଦ୍ୟ କମ୍ ଖାଇବା ଉଚିତ୍ ।

# ସ୍ୱାସ୍ଥ୍ୟ ପାଇଁ ଭାରଯୁକ୍ତ ବ୍ୟାୟାମ ଜରୁରୀ

ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ଉପଯୁକ୍ତ ବ୍ୟାୟାମ ବା ୱେଟ୍ ଟ୍ରେନିଂ ଅତ୍ୟନ୍ତ ଜରୁରୀ । ଫ୍ରି-ୱେଟ୍ ଟ୍ରେନିଂ ଅଧିକ ଉପଯୋଗୀ । ସତୁରି ଭାଗ ଫ୍ରି-ୱେଟ ଟ୍ରେନିଂ ସହ ତିରିଶ ଭାଗ ମେସିନ ଟ୍ରେନିଂ ନେବା ଉଚିତ । ନିଜ ଶରୀରର ଅବସ୍ଥା, ଗଠନ ଓ ଆବଶ୍ୟକତା ଅନୁଯାୟୀ ଅଭିଜ୍ଞ ପ୍ରଶିକ୍ଷକଙ୍କ ପରାମର୍ଶ ନେଇ, ପ୍ରଥମେ ଛଅ ସପ୍ତାହ ପାଇଁ ଏକ ବ୍ୟାୟାମ ଖସଡ଼ା ପ୍ରସ୍ତୁତ କରନ୍ତୁ । କେଉଁଦିନ, କେଉଁ ବ୍ୟାୟାମ କେତେଥର କରିବେ, ଖସଡ଼ାରେ ରହିବ । ସାଧାରଣତଃ, ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ସମଗ୍ର ଶରୀରର ବୃହତ ମାଂସପେଶୀଗୁଡ଼ିକ ନିମନ୍ତେ





ବ୍ୟାୟାମ କରାଯାଏ । ଏହି ବେସିକ ଟ୍ରେନିଂ ଶରୀର ଗଠନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ । ଶରୀର ସୁଗଠିତ ହେବାପରେ ଛୋଟ ମାଂସପେଶୀଗୁଡ଼ିକ ନିମନ୍ତେ ନିର୍ଦ୍ଦିଷ୍ଟ ବ୍ୟାୟାମ କରାଯାଏ । ପ୍ରତିଦିନ ସମାନ ମାଂସପେଶୀ ନିମନ୍ତେ ଅଧିକ ଭାରଯୁକ୍ତ ବ୍ୟାୟାମ ଅନୁଚିତ । ତେର ବର୍ଷରୁ ଅଧିକ ବୟସ୍କ ଉଭୟ ପୁରୁଷ ଓ ସ୍ତ୍ରୀ ହାତଗୋଡ଼ ଚାଲୁଥିବା ପର୍ଯ୍ୟନ୍ତ ଭାରଯୁକ୍ତ ବ୍ୟାୟାମେ କରିପାରିବେ । ଚାଲିବା ଦୌଡ଼ିବା ଭଳି ଭାରଯୁକ୍ତ ବ୍ୟାୟାମ ମଧ୍ୟ ସମସ୍ତଙ୍କ ପାଇଁ ଆବଶ୍ୟକ । ବରଂ ଚାଲିବା ଦୌଡ଼ିବା ଭଳି ଭାରଯୁକ୍ତ ବ୍ୟାୟାମ ମଧ୍ୟ ସମସ୍ତଙ୍କ ପାଇଁ ଆବଶ୍ୟକ । କାରଣ ଏହାଦ୍ୱାରା ସାମଗ୍ରିକ ସୁସ୍ଥତା ମିଳେ । ସର୍ବଦା ନିଜର ସର୍ବାଧିକ ସାମର୍ଥ୍ୟର ସତୁରି ଭାଗ ଭାର ଉଠାନ୍ତୁ । ହାଡ଼ ଭାଙ୍ଗିଥିଲେ ହାର୍ନିଆ ପୀଡିତ ଥିଲେ ଏ ମେରୁଦଣ୍ଡ ଓ ହୃତପିଣ୍ଡରେ ସମସ୍ୟା ଥିଲେ ଏବଂ ଉଚ୍ଚ ରକ୍ତଚାପ ଭୋଗୁଥିଲେ, ଭାରଯୁକ୍ତ ବ୍ୟାୟାମ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମହିଳାଙ୍କ ନ୍ୟାୟ...

ମହିଳାମାନଙ୍କ ପ୍ରତି ହିଂସା ବିଶେଷକରି ଯୌନ ହିଂସା ଯଥା ବଳାତ୍କାର, ଦୁଷ୍କର୍ମ ଇତ୍ୟାଦି ଏକ ସଭ୍ୟ ଶିକ୍ଷିତ ରାଷ୍ଟ୍ରରେ ଦୈନନ୍ଦିନ ଘଟଣା ପାଲଟିବା ଅତ୍ୟନ୍ତ ଲଜ୍ଜାକର କଥା। ତତୋଧିକ ଲଜ୍ଜାକର ହେଉଛି ଯଦି ଯୌନ ହିଂସା ବା ଦୁଷ୍କର୍ମ ଇତ୍ୟାଦିର ପୀଡ଼ିତା ନ୍ୟାୟ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୁଅନ୍ତି ଏବଂ ସେଠାରେ ଉପଯୁକ୍ତ ନ୍ୟାୟ ପାଇବା ବଦଳରେ ତାଙ୍କ ପ୍ରତି ସମ୍ବେଦନଶୀଳତା ପ୍ରକାଶ ପାଏନାହିଁ ଏବଂ ସେ ପକ୍ଷପାତିତାର ଶିକାର ହୁଅନ୍ତି। ଏସବୁର ଦୂରୀକରଣ ପାଇଁ ନିକଟରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ମହିଳାମାନଙ୍କ ବିରୋଧରେ ଯୌନ ହିଂସାର ବିଚାର କରିବା ସମୟରେ ଗତାନୁଗତିକ ଉପସ୍ଥାପନା ପରିବର୍ତ୍ତେ ଅତ୍ୟନ୍ତ ସାବଧାନତା ଓ ସଂଯମତା ଆଚରଣ କରିବା ସହିତ ସେମାନଙ୍କ ପ୍ରତି କୋମଳ ଭାଷା ଓ ଭାବଭଙ୍ଗୀ ବ୍ୟବହାର କରିବାକୁ ବିଚାର ବିଭାଗର ସବୁ ସ୍ତରରେ ବିଚାରପତିମାନଙ୍କୁ କହିଛନ୍ତି। ଏ ବାବଦରେ ସୁପ୍ରିମ୍‌କୋର୍ଟ ଏକ ୨୪ ପୃଷ୍ଠା ବିଶିଷ୍ଟ ରାୟ ପ୍ରକାଶ କରିଛନ୍ତି,ଯେଉଁଥିରେ କୋର୍ଟ ପ୍ରଚଳିତ 'ପୁରୁଷକୈନ୍ଦ୍ରିକ ମାନସିକତା' ଏବଂ 'ନାରୀ ବିଦ୍ୱେଷୀ ମନୋଭାବ'କୁ ଦୂର କରିବାପାଇଁ ଉଦ୍ୟମ କରିଛନ୍ତି। ବିଚାର ବିଭାଗର ସବୁ ସଦସ୍ୟଙ୍କ ମଧ୍ୟରେ ଲିଙ୍ଗ ନିର୍ବିଶେଷରେ ଏକ ନିରପେକ୍ଷତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କୋର୍ଟ କେତେଗୁଡ଼ିଏ 'କର୍ତ୍ତବ୍ୟ' ଏବଂ 'ଅକର୍ତ୍ତବ୍ୟ' କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛନ୍ତି। ଏ ସମ୍ବନ୍ଧୀଦୟ ରାୟ ପ୍ରଦାନ କରିବାବେଳେ ଖଣ୍ଡପୀଠର ସବୁ ସଦସ୍ୟ ଏକ ସ୍ୱରରେ ମତ ରଖିଛନ୍ତି ଯେ କୌଣସି ପରିସ୍ଥିତିରେ ମଧ୍ୟ ପୀଡ଼ିତାଙ୍କ ବୟାନକୁ ଗୁରୁତ୍ୱହୀନ କରିବା ଭଳି କୌଣସି ପ୍ରକାରର ଯୁକ୍ତି/ଭାଷା ବ୍ୟବହାର କରିବାକୁ ଏଡ଼ାଇ ଯିବା ଉଚିତ୍। କହିବା ବାହୁଲ୍ୟ, ବିଳମ୍ବରେ ହେଲେ ସୁଦ୍ଧା ଦେଶର ସର୍ବୋଚ୍ଚ ଅଦାଲତଙ୍କର ଏପରି ରାୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ବିଶେଷକରି ବିଚାର ବ୍ୟବସ୍ଥାର ପ୍ରତି ସ୍ତରରେ ଯେତେବେଳେ ପୂର୍ବାପେକ୍ଷା ମହିଳା ଆଇନଜୀବୀ ଓ ବିଚାରପତିମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି, ସେ ସମୟରେ ମହିଳମାନଙ୍କ ପ୍ରତି ନ୍ୟାୟ ପ୍ରଦାନ କରାଯିବା କ୍ଷେତ୍ରରେ ଏହା ଆସ୍ଥାକୁ ବୃଦ୍ଧି କରିବ। ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ କିଛି ସପ୍ତାହ ପୂର୍ବେ ଖୋଦ୍ ସୁପ୍ରିମକୋର୍ଟ ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ନିମନ୍ତେ ପୀଡ଼ିତା (ଦୁଷ୍କର୍ମ ସମୟରେ ନାବାଳିକା ଥିଲେ)ଙ୍କୁ ସେ ବିବାହ କରିବକୁ ଚାହିଁବେ କି ବୋଲି ପ୍ରଶ୍ନ କରିଥିଲେ ବୋଲି ପ୍ରକାଶ ପାଇଥିଲା, ଯଦିଓ ଖଣ୍ଡପୀଠର ନେତୃତ୍ୱ ନେଉଥିବା ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଏସ୍‌ଏ ବୋବ୍‌ଡେ ଏ ବାବଦରେ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କ ବିବୃତିକୁ କଦର୍ଥ କରି ଉପସ୍ଥାପନ କରାଯାଇଛି। ସମାନ ଧରଣର ଅନ୍ୟ ଏକ ଘଟଣାରେ ମଧ୍ୟପ୍ରଦେଶ ହାଇକୋର୍ଟ ୨୦୨୦ ଜୁଲାଇ ମାସରେ ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ୍ ପ୍ରଦାନ କରିଥିଲେ। ଏହି ଅଭିଯୁକ୍ତଙ୍କ ଗିରଫଦାରୀକୁ ଏଡ଼ାଇବାକୁ କୋର୍ଟ ତାଙ୍କୁ ପୀଡ଼ିତାଙ୍କୁ ତାଙ୍କ ହାତରେ ରାକ୍ଷୀ ବାନ୍ଧିବା ସହିତ ପୀଡ଼ିତାଙ୍କ ପୁଅ ଓ ପରିବାରକୁ ଉପହାର ସ୍ୱରୂପ କିଛି ଅର୍ଥ ଓ ମିଠା ଦେବାକୁ କହିଥିଲେ ଯଦ୍ୱାରା 'ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ଭାଇ ଭଳି ସୁରକ୍ଷା ପ୍ରଦାନ କରିବାକୁ ଶପଥ ନେଇ ପାରିବେ।' ଏଭଳି ଆଦେଶଗୁଡ଼ିକ ଅପରାଧର ଗୁରୁତ୍ୱକୁ ହ୍ରାସ କରିବା ସହିତ ପୀଡ଼ିତାଙ୍କ ମନୋବସ୍ଥାକୁ ଅଧିକ ଖରାପ କରାଇବାର ସମ୍ଭାବନା ବହନ କରେ। ଏକ କାଂଟଛାଂଟ କରାଯାଇଥିବା ତାଲିକାରେ ସୁପ୍ରିମ୍‌କୋର୍ଟ ଜାମିନର କେତେକ ସର୍ତ୍ତ ଉପରେ ନିଷେଧାଦେଶ ଜାରି କରିଛନ୍ତି ଯଥା ପୀଡ଼ିତାଙ୍କୁ ଭେଟିବା ବା କ୍ଷମା ମାଗିବା ବା ବିବାହ କରିବା ନିମନ୍ତେ ମଧ୍ୟସ୍ଥିଙ୍କ ଜରିଆରେ ଅଭିଯୁକ୍ତଙ୍କୁ ଅନୁମତି ପ୍ରଦାନ କରିବା କିମ୍ବା ଗୋଷ୍ଠୀ ସେବା କରିବା ଇତ୍ୟାଦିକୁ ଅନୁମତି ଦେବାକୁ କୋର୍ଟ ମନା କରିଛନ୍ତି। ଏଭଳି କାର୍ଯ୍ୟ ଲିଙ୍ଗ ଭିତ୍ତିରେ ଅପରାଧର ଶିକାର ହୋଇଥିବା ପୀଡ଼ିତାଙ୍କ ମନରେ ବିଚାର ବିଭାଗରୁ ଉପଯୁକ୍ତ ନ୍ୟାୟ ପାଇବାର ଆଶାକୁ ମଉଳାଇ ଦେବା ସହିତ ତାଙ୍କର ମର୍ଯ୍ୟାଦାକୁ ପ୍ରଭାବତ କରିଥାଏ। ଏ ଦୃଷ୍ଟିରୁ ଦେଖିଲେ ତେଣୁ ସର୍ବୋଚ୍ଚ ଅଦାଲତ ବିଚାରପତି ଓ ସରକାରୀ ନ୍ୟାୟାଧୀଶମାନଙ୍କୁ ଲିଙ୍ଗ ଦୃଷ୍ଟିରୁ ସମ୍ବେଦନଶୀଳ କରିବାର ସାଧୁ ଉଦ୍ୟମ କରିଛନ୍ତି, ଯଦିଓ ସମାଜର ଜଣେ ବ୍ୟକ୍ତି ଭାବରେ ନ୍ୟାୟିକ ପ୍ରକ୍ରିୟା ସହିତ ସମ୍ପୃକ୍ତ ବ୍ୟକ୍ତିବିଶେଷମାନଙ୍କ ମଧ୍ୟରେ ମହିଳାମାନଙ୍କ ପ୍ରତି ଗଭୀର ଭାବରେ ବସା ବାନ୍ଧି ରହିଥିବା ମନୋବୃତ୍ତିକୁ ଏହି ପ୍ରଶିକ୍ଷଣ ଉପକରଣ କେତେ ଦୂର କରିବାରେ ସମର୍ଥ ହେଉଛି, ତାହା ଦେଖିବାକୁ ବାକି ରହିଛି। ସାମ୍ପ୍ରତିକ ପରିସ୍ଥିତିରେ ଏଭଳି ମାମଲାଗୁଡ଼ିକର ବିଚାର ପରିପ୍ରେକ୍ଷୀରେ ପୀଡ଼ିତାଙ୍କ ଦୁଃଖକୁ ଅଧିକ ବଢ଼ାଇ ଦେଉଥିବା କେତେକ ଗତାନୁଗତିକ ସମସ୍ୟାକୁ ଦୂର କରିବା ନିମନ୍ତେ ମଧ୍ୟ ସୁପ୍ରିମ୍‌କୋର୍ଟ ପଦକ୍ଷେପ ଅନୁମୋଦନ କରିଛନ୍ତି। ଏକ ବଡ଼ ସମସ୍ୟା ହେଉଛି, ମହିଳାମାନଙ୍କ ଆଚରଣକୁ ପୁରୁଷପ୍ରବଣ ମାନସିକତା ଦୃଷ୍ଟିରୁ ବିଚାର କରିବା ଯାହା ଆଧୁନିକ ସମୟରେ ମଧ୍ୟ ସମାଜରେ ରହିଛି, ଯେଉଁଥିପାଇଁ ମହିଳା-ବିରୋଧୀ ହିଂସାର ଶିକାର ପୀଡ଼ିତାମାନେ ଅଧିକ ଯନ୍ତ୍ରଣା ଭୋଗ କରୁଛନ୍ତି। ସମ୍ପ୍ରତି ଏହି ସମସ୍ୟାକୁ ଦୂର କରିବା ପାଇଁ କୋର୍ଟ ଉଦ୍ୟମ କରିଛନ୍ତି। ମୋଟାମୋଟି କୋର୍ଟଙ୍କର ଏବକାର ରାୟ ସମଗ୍ର ଦେଶରେ ଭାରତୀୟ ଅପରାଧିକ ବିଚାର ବ୍ୟବସ୍ଥାର ପ୍ରତିଟି ସ୍ତରରେ ମହିଳାମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକୁ ବିଚାରକୁ ନେଇଛି ବୋଲି କୁହାଯାଇପାରେ। ଆଶା କରାଯାଏ, ଆଗାମୀ ଦିନମାନଙ୍କରେ ଦେଶର ବିଚାର ବିଭାଗ ମହିଳାମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରି ନିଜର ଗରିମା ବଜାୟ ରଖିବା ସହିତ ସମସ୍ତଙ୍କର ଆସ୍ଥା ଭାଜନ ହୋଇପାରିବ।

# ଦେବୋପମ ବ୍ୟକ୍ତିତ୍ୱ ଡଃ ଶ୍ୟାମ ସୁନ୍ଦର ମିଶ୍ର



ରଘୁନାଥ ମହାପାତ୍ର

**ଓଡ଼ିଆ ସାରସ୍ୱତ ଜଗତର ଜଣେ ମହନୀୟ ବ୍ୟକ୍ତି ଡଃ ଶ୍ୟାମ ସୁନ୍ଦର ମିଶ୍ରଙ୍କର ଗତ ତା ୧୪.୦୩.୨୦୨୧ରେ ଦେହାନ୍ତ ହୋଇଗଲା। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ତାଙ୍କର ଲେଖନୀ ସ୍ଥିର ହୋଇ ଯାଇଥିଲା। ସେ ଏକାଧାରରେ ଥିଲେ କବି, ଔପନାସିକ, ଗାଳ୍ପିକ, ପ୍ରାବନ୍ଧିକ, ରମ୍ୟ ରଚନାକାର। ତାଙ୍କର ବହୁ ରମ୍ୟ ରଚନା ରାଷ୍ଟ୍ରଦୀପ, ସମାଜ, ପ୍ରଜାତନ୍ତ୍ର, ଅନ୍ୟାନ୍ୟ ସମ୍ବାଦ ପତ୍ରମାନଙ୍କରେ ପ୍ରକାଶ ପାଇଛି। ସେ ଲେଖା ଗୁଡ଼ିକ ଥିଲା ଅତ୍ୟନ୍ତ ଶାଣିତ ଓ ବ୍ୟାଙ୍ଗାତ୍ମକ। ସମାଜରେ ଘଟୁଥିବା ବିଶୃଙ୍ଖଳା, କପଟାଚାର ବିରୁଦ୍ଧରେ ସବୁବେଳେ ସେ ଲେଖନୀ ଚାଳନା କରୁଥିଲେ।**

ଓଡ଼ିଆ ସାରସ୍ୱତ ଜଗତର ଜଣେ ମହନୀୟ ବ୍ୟକ୍ତି ଡଃ ଶ୍ୟାମ ସୁନ୍ଦର ମିଶ୍ରଙ୍କର ଗତ ତା ୧୪.୦୩.୨୦୨୧ରେ ଦେହାନ୍ତ ହୋଇଗଲା। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ତାଙ୍କର ଲେଖନୀ ସ୍ଥିର ହୋଇ ଯାଇଥିଲା। ସେ ଏକାଧାରରେ ଥିଲେ କବି, ଔପନାସିକ, ଗାଳ୍ପିକ, ପ୍ରାବନ୍ଧିକ, ରମ୍ୟ ରଚନାକାର। ତାଙ୍କର ବହୁ ରମ୍ୟ ରଚନା ରାଷ୍ଟ୍ରଦୀପ, ସମାଜ, ପ୍ରଜାତନ୍ତ୍ର, ଅନ୍ୟାନ୍ୟ ସମ୍ବାଦ ପତ୍ରମାନଙ୍କରେ ପ୍ରକାଶ ପାଇଛି। ସେ ଲେଖା ଗୁଡ଼ିକ ଥିଲା ଅତ୍ୟନ୍ତ ଶାଣିତ ଓ ବ୍ୟାଙ୍ଗାତ୍ମକ। ସମାଜରେ ଘଟୁଥିବା ବିଶୃଙ୍ଖଳା, କପଟାଚାର ବିରୁଦ୍ଧରେ ସବୁବେଳେ ସେ ଲେଖନୀ ଚାଳନା କରୁଥିଲେ। ରାଜନେତା ମାନଙ୍କ କପଟାଚାର ଓ ଶଠତାକୁ ବ୍ୟଙ୍ଗ କରି ରଚନା କରିଥିଲେ ଏକ ଉପନ୍ୟାସ ଯାହାର ନାମ ଥିଲା 'ଯୋଗଜନ୍ମା'। ଆଉ ଏକ ସାମାଜିକ ଉପନ୍ୟାସ ହେଲା 'ଚାକେରୀ'। ଏହି ଦୁଇଟି ଉପନ୍ୟାସ ପ୍ରକାଶିତ ହୋଇ ସାରସ୍ୱତ ଜଗତରେ ବେଶ ହଇଚଇ ସୃଷ୍ଟି କରିଥିଲା। ତାଙ୍କର ଗଳ୍ପ ପୁସ୍ତକ 'ସ୍ୱୟଂ ସଂପୂର୍ଣ୍ଣା' ରମ୍ୟ ରଚନା 'ଢ଼ିଙ୍କି ଦେ - ଚମକାଇ', ସାମାଜିକ ଜୀବନର ଏକ ଏକ ବର୍ଣ୍ଣିଳ ଚିତ୍ରା ଶିଶୁ କିଶୋର ମାନଙ୍କ ପାଇଁ ସେ ଲେଖିଥିଲେ 'ମହତ ସହିବାଜନ', 'ଅନୁପମା', 'କଥା ସରିତ ସାଗର'।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସାହିତ୍ୟ ଉପରେ ଗବେଷଣା କରି ସେ ଡକ୍ଟରେଟ ଉପାଧି ଲାଭ କରିଥିଲେ। ସେ ଓଡ଼ିଆ ପାଠକ ମାନଙ୍କ ନିକଟରେ ଯେଉଁ ପାଇଁ ଅଧିକ ସ୍ମରଣୀୟ ହୋଇ ରହିବେ ତାହାହେଲା ତାଙ୍କର ଅନୂଦିତ ପୁସ୍ତକ 'ଜଣେ ଶାସକର ସ୍ମୃତି'। ଏହା ହେଉଛି ଜନ୍ ବିମ୍‌ସଙ୍କର ଆତ୍ମ ଜୀବନୀ। ଜନ୍ ବିମସ୍ ଓଡ଼ିଆ ଭାଷାର ଜଣେ ତ୍ରାଣକର୍ତ୍ତା। ଜନ୍ ବିମସ୍ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜିଲ୍ଲାପାଳ ଓ ଶେଷରେ କମିସନ ପଦରେ ଅଧିଷ୍ଠିତ ହୋଇ ଅବସର ଗ୍ରହଣ କରିଥିଲେ। ଫକୀର ମୋହନଙ୍କର ସମ ସାମୟିକ। ସେ ବାଲେଶ୍ୱରରେ ଜିଲ୍ଲାପାଳ ଥିଲାବେଳେ ଫକୀର ମୋହନଙ୍କ ଠାରୁ ଓଡ଼ିଆ ଶିକ୍ଷା କରିଥିଲେ। ଓଡ଼ିଆ ଭାଷା ଉପରେ ଯେତେବେଳେ ଆକ୍ରମଣ ହୋଇଥିଲା ସେତେବେଳେ ଜନ୍ ବିମସ୍ ଏହାର ବିରୋଧ କରିଥିଲେ ଏବଂ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ବୋଲି ସରକାରଙ୍କୁ ସୁପାରିଶ କରିଥିଲେ। ଏହି ମହାନ ଓଡ଼ିଆ ଭାଷା ପ୍ରେମୀ ଶାସକଙ୍କର ଜୀବନସ୍ମୃତିକୁ ଶ୍ୟାମ ସୁନ୍ଦର ମିଶ୍ର ଏତେ ସୁନ୍ଦର ସାବଲୀଳ ଭାବେ ଅନୁବାଦ କରିଛନ୍ତି ଯାହାକୁ ପାଠ କଲେ ବାରମ୍ବାର ପଢ଼ିବାକୁ ଇଚ୍ଛାହୁଏ। ତାଙ୍କ ଭିତରେ ହାସ୍ୟରସର ଏକ ଗୋପନ ଉତ୍ସ ରହିଥିଲା। ଯାହା କଥା କହିଲାବେଳେ ବାରି ହୋଇପଡ଼େ। ବ୍ୟଙ୍ଗାତ୍ମକ କଥା କହିବାରେ ସେ ବେଶ ଧୂରିଣ ଥିଲେ। ଫତୁରାନନ୍ଦଙ୍କ ରଚନା ଶୈଳୀ ଏବଂ ଶ୍ୟାମ ସୁନ୍ଦରଙ୍କ ରଚନା ଶୈଳୀ ପାର୍ଥକ୍ୟ ଅନୁଭବ କରିହୁଏ। ଫତୁରାନନ୍ଦ ସିଧା ସିଧା କହୁଥିବାବେଳେ ଶ୍ୟାମ ସୁନ୍ଦର ବ୍ୟଙ୍ଗାତ୍ମକ କଥାଟିକୁ ଭାଷା ଭିତରେ ଚାତୁର୍ଯ୍ୟ ଦେଇ ପ୍ରକାଶ କରନ୍ତି। ଗୋଟିଏ ପରିବାରରେ ଦୁଇ ଭାଇଙ୍କର ଜନ୍ମ। ପ୍ରତିଭା କିନ୍ତୁ ଭିନ୍ନ ଭିନ୍ନ। ଶ୍ୟାମ ବାବୁଙ୍କ ପ୍ରତି ଫତୁରାନନ୍ଦଙ୍କର ଅଶେଷ ଶ୍ରଦ୍ଧା ଥିଲା।

ଶ୍ୟାମ ସୁନ୍ଦର କଟକ ସହରର ଝାଞ୍ଜିରୀମଙ୍ଗଳା ବିଖ୍ୟାତ କବିରାଜ ପରିବାରରେ ୧୯୩୨ ମସିହା ମେ ମାସ ୧୬ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ପଦ୍ମନାଭ ମିଶ୍ର। ଶ୍ୟାମ ସୁନ୍ଦରଙ୍କ ସହପାଠୀ ଥିଲେ କବି ମୁରାରୀ ମୋହନ ଜେନା। ସେମାନେ ରେଭେନ୍ସା କଲେଜରେ ସାଙ୍ଗ ହୋଇ ଏମ୍.ଏ. ପଢୁଥିଲେ। ଏମ୍‌ଏ ପାଶ କରିବା ପରେ ମୁରାରୀ ବାବୁ ଶ୍ରମ ବିଭାଗରେ ଚାକିରି କଲେ ଶ୍ୟାମବାବୁ ଚାକିରି କଲେ ସମବାୟ ବିଭାଗର ଜଣେ ଇନ୍‌ସପେକ୍ଟର ଭାବରେ। କିନ୍ତୁ ତାଙ୍କୁ ସେ ଚାକିରି ଭଲ ଲାଗୁନଥିଲା। ଶିକ୍ଷା ବିଭାଗକୁ ଯିବା ପାଇଁ ସେ ବ୍ୟାକୁଳ ହେଉଥିଲେ। ଠିକ୍ ସେହି ସମୟରେ ତାଙ୍କୁ ଅଧ୍ୟାପକ ଚାକିରି ମିଳିଗଲା ଗୋଦାବରୀଶ ମହାବିଦ୍ୟାଳୟ ବାଣପୁରଠାରେ। ବାଣପୁର କଲେଜରେ ଅଧ୍ୟାପକ ପରେ କଲେଜର ଅଧକ୍ଷ ପଦ ଗ୍ରହଣ କରି ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ସରକାରୀ ଚାକିରୀ ହୋଇଯିବା ପରେ ତାଙ୍କୁ ବୁଲିବାକୁ ପଡ଼ିଲା ସାର ଓଡ଼ିଶା। ସାଂଧ କଲେଜ ବ୍ରହ୍ମପୁର, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି କଲେଜ, ପାରଳାଖେମୁଣ୍ଡି, କଯକର ରେଭେନ୍ସା କଲେଜ, ଜେ.କେ.ବି.କେ. କଲେଜ ଶେଷରେ ରେଭେନ୍ସା କଲେଜରୁ ଅବସର ଗ୍ରହଣ। ଅବସର ଗ୍ରହଣ ପରେ ସେ ନୀରବ ହୋଇ ଘରେ ବସି ନଥିଲେ। ସାହିତ୍ୟ ସର୍ଜନା ସହିତ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ସହିତ ଜଡ଼ିତ ହୋଇ ପଡ଼ିଥିଲେ। ଉତ୍କଳ ସାହିତ୍ୟ ସମାଜ, ଲେଖକ ସହଯୋଗ ସମିତି, ସରସ ସାହିତ୍ୟ ସମିତି, ହାସ୍ୟ ବିକାଶ କେନ୍ଦ୍ର ଏ ସବୁ ଅନୁଷ୍ଠାନର ସେ ସକ୍ରିୟ ସଭ୍ୟ ଥିଲେ। ଶିକ୍ଷା ବିକାଶ ସମିତିର ସେ ବହୁଦିନ ଧରି ସଭାପତି ଥିଲେ। ଉତ୍କଳ ସମ୍ମିଳନୀ କଟକ ଜିଲ୍ଲାର ମଧ ସେ ତିନିବର୍ଷ ସଭାପତି ଭାବେ କାର୍ଯ୍ୟ କରି ଅନୁଷ୍ଠାନକୁ ଆଗେଇ ନେଇଥିଲେ। ବ୍ୟକ୍ତି ହିସାବରେ ସେ ଥିଲେ ଅତି ଭଦ୍ର, ନମ୍ର, ମଧୁରଭାଷୀ, ପର ବିରୁଦ୍ଧରେ କୁତ୍ସା ରଚନା କରିବା ତାଙ୍କର ନୀତି ବିରୁଦ୍ଧ। ଜଣେ ଅଧ୍ୟାପକ ଭାବେ ଥିଲେ ଅତ୍ୟନ୍ତ ଛାତ୍ରବତ୍ସଳ। କାହା ଉପରେ କ୍ରୋଧ ପ୍ରକାଶ କରିବା, କାହାକୁ ଗାଳିଦେବା, କାହା ସହିତ କଳହ କରିବା ବେବେ ମୁଁ ଦେଖିନାହିଁ। ୧୯୭୦ ମସିହାରୁ ମୁଁ ତାଙ୍କୁ ଦେଖି ଆସୁଛି ଏବଂ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରେ ଆମେ ସାଙ୍ଗହୋଇ କାମ କରିବାର ସୁଯୋଗ ପାଇଛି କିନ୍ତୁ କେବେ ତାଙ୍କର ରାଗିବା ଗୁଣ ଦେଖିନାହିଁ। ତାଙ୍କ ଠାରେ ସାଧାରଣ ମାନବ ଗୁଣ ସହିତ କେତେକ ଦେବ ସୁଲଭ ଗୁଣଥିଲା ଯାହାପାଇଁ ସେ ସମସ୍ତଙ୍କର ପ୍ରିୟ ସମସ୍ତଙ୍କର ନମସ୍ୟ ହୋଇପାରିଥିଲେ। ତାଙ୍କ ଛାତ୍ର ଜୀବନର ଗୋଟିଏ ଘଟଣା ଯାହାକୁ ସେ ଅନେକ ଥର କହିଛନ୍ତି। ବିଏ ପଢ଼ିଲା ବେଳେ ଏକ ବ୍ୟଙ୍ଗ ସମାଲୋଚନା ମୂଳକ ପତ୍ରିକା ତେନ୍ତୁଳିଛାଟ ପ୍ରକାଶ ପାଉଥିଲା ଯାହାର ସଂପାଦକ ଶ୍ୟାମ ସୁନ୍ଦର ମିଶ୍ର ଏବଂ ମୁରାରୀ ମୋହନ ଜେନା ଥିଲେ। ସେମାନେ ସରକାରଙ୍କ ବିରୁଦ୍ଧରେ ଏପରି ଏକ ଲେଖିଥିଲେ ସେଥିପାଇଁ ସେମାନଙ୍କ ବିରୁଦ୍ଧରେ କୋର୍ଟରେ କେଶ ହୋଇଥିଲା। ସେଥିପାଇଁ ମଧ ସେମାନେ ଦଣ୍ଡ ଭୋଗିଥାନ୍ତେ। ଫତୁରାନନ୍ଦଙ୍କ ଅନୁରୋଧକ୍ରମେ ବିଶିଷ୍ଟ କଥାକାର ଏବଂ ଓକିଲ ରାଜକିଶୋର ପଟ୍ଟନାୟକ ଏମାନଙ୍କ ପକ୍ଷରୁ କେଶ ଲଢ଼ିଲେ ଫଳରେ ଦୁଇଜଣ ଯାକ କୋର୍ଟ ଦ୍ୱାରା ଦୋଷମୁକ୍ତ ହେଲେ। ସେ ନିଜେ ତାଙ୍କର ଆତ୍ମଜୀବନୀ ଲେଖି ନାହାନ୍ତି କିନ୍ତୁ 'ଫତୁରାନନ୍ଦଙ୍କ ସମକାଳୀନ ସମାଜ ଚିତ୍ର' ନାମରେ ପୁସ୍ତକଟିଏ ଲେଖିଥିଲେ ଯେଉଁଥିରେ କଟକ ସହରର ଅନେକ କଥା ଉଲ୍ଲେଖ କରିଛନ୍ତି। ଅନେକ ଚରିତ୍ର ସେଥିରେ ଜୀବନ୍ତ ଭାବେ ରୂପ ପାଇଛି। ଥରେ ପଢ଼ିବା ଆରମ୍ଭ କଲେ ଶେଷ ନକରି ରହି ହେବନାହିଁ। ତାଙ୍କ ବିଷୟରେ ଲେଖିଲେ ବହୁତ କଥା ଲେଖା ଯାଇପାରିବ। ସେହି ମହାନ ଆତ୍ମାଙ୍କ ଉଦ୍ଦେଶ୍ୟରେ ମୁଁ ମୋର ଭକ୍ତିପୂତ ଶ୍ରଦ୍ଧା ନିବେଦନ କରୁଛି।

+ସତ୍ୟଶ୍ରୀ ନିବାସ, ତାରାଚାନ୍ଦ
ପାଟଣା, କଟକ,
ଦୂରଭାଷ : ୯୨୩୮୬୩୨୭୫୦

# ସମୃଦ୍ଧି ପଥେ ଯୁବପିଢ଼ି



ଡକ୍ଟର ଲକ୍ଷ୍ମଣ ସାହୁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏହା ଶତପ୍ରତିଶତ ସତ୍ୟ ଯେ ଖଣିଜ ସମ୍ପଦ ବିନା ଦେଶ ବଢ଼ିପାରେ, କିନ୍ତୁ ମାନବ ସମ୍ବଳ ବିନା ଦେଶର ବିକାଶ କଥା ଥରେ ମଧ ଚିନ୍ତା କରିବା ସମ୍ଭବ ନୁହେଁ । ଦେଖିବାକୁ ଗଲେ ଜାପାନରେ ଖଣିଜ ସମ୍ପଦର ଅଭାବ ଥିବା ସତ୍ତ୍ୱେ ସେଠି କେବଳ ମାନବ ସମ୍ବଳ ବିକାଶକୁ ତ୍ୱରାନ୍ୱିତ କରିପାରିଛି । ସେହି ଆଧାରରେ ଅର୍ଥନୀତି ମଧ୍ୟରୁ ଭାରତର ରାଜ୍ୟ ଗୁଡ଼ିକକୁ ଆକଳନ କରାଯାଏ, ବିହାର, ଝାଡଖଣ୍ଡ, ଛତିଶଗଡ ଓ ଓଡିଶା ଭଳି ରାଜ୍ୟ ସମ୍ବଳ ସତ୍ତ୍ୱେ ବହୁପଛୁଆ ଥିବାବେଳେ କେରଳ, କର୍ଣ୍ଣାଟକ ଭଳି ରାଜ୍ୟ ବିକାଶ କ୍ଷେତ୍ରରେ ଆଗରେ ଅଛନ୍ତି । ଯଦି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦକ୍ଷତା ବିକାଶରେ ବିନିଯୋଗ କରି ମାନବ ସମ୍ବଳକୁ ମଜବୁତ କରାଯାଇପାନ୍ତା, ତେବେ ଭବିଷ୍ୟତରେ ଏହା ଭଲ ଲାଭକାରୀ ପ୍ରତିଫଳ (ରିଟର୍ନ) ଦେବ । ଯଦି ମାନବ ସମ୍ବଳ ସଠିକ୍ ଭାବରେ ପରିଚାଳିତ ହେବ ନାହିଁ, ତେବେ ଏହା ବିକାଶରେ ସବୁଠାରୁ ବଡ ପ୍ରତିବନ୍ଧକ ସୃଷ୍ଟି କରିବ। ଏକ ଉଦାହରଣ ସ୍ୱରୂପ- ଯଦି ଯୁବକମାନଙ୍କୁ ଆତଙ୍କବାଦ, ନକ୍ସଲବାଦ ଏବଂ ଉଗ୍ରବାଦକୁ ସେମାନଙ୍କ ମନରୁ ଦୂରେଇ ନିଜ ପକ୍ଷକୁ ନେଇପାରନ୍ତେ, ସମ୍ବଳ ବୃଦ୍ଧି ପାଆନ୍ତା । ଆତଙ୍କବାଦ, ନକ୍ସଲବାଦ ଏବଂ ଉଗ୍ରବାଦ ଭଳି ନକାରାତ୍ମକ ଉପାଦାନ ମଧ ଯୁବକମାନଙ୍କୁ ସେମାନଙ୍କର ଯୋଜନା କାର୍ଯ୍ୟକାରୀ କରିବା ପାଇଁ ମାଧମ କରିଥାଏ । ଦେଖିବାକୁ ଗଲେ ଜାମୁ-କାଶ୍ମୀରର ଆତଙ୍କବାଦୀମାନେ ଯୁବକମାନଙ୍କୁ ପ୍ରତାରଣା କରି ନିଜର ନିଷ୍ଠୁର ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ଯାହା କେବଳ ଦେଶର ପ୍ରଗତିରେ ବାଧକ ହେଉଛି । ଅଶୀ ଦଶକରେ ପଞ୍ଜାବ ମଧ ସମାନ ସଙ୍କଟର ସମ୍ମୁଖୀନ ହୋଇଥିଲା । ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟରେ ବ୍ୟାପିଥିବା ନକ୍ସଲ ମଧ ଯୁବକମାନଙ୍କ କାନ୍ଧରେ ବନ୍ଧୁକ ଲଗାଇ ବନ୍ଧୁକକୁ ଟାର୍ଗେଟ କରୁଛି । ଉତ୍ତର-ପୂର୍ବରେ ଡିଙ୍ଗୋ , ଦ୍ରୁତ ବ୍ୟାପିଥିବା ନିଶା ନିବାରଣ ଦେଶର ଯୁବକମାନଙ୍କୁ ମଧ ଗ୍ରହଣ କରୁଛି, ଯେଉଁଥିରେ ପଞ୍ଜାବର ଉଦାହରଣ ରହିଛି । ଏଭଳି କଠିନ ପରିସ୍ଥିତିରେ ଯୁବକମାନଙ୍କ ପାଇଁ ଉପଯୁକ୍ତ ମାର୍ଗଦର୍ଶନର ଏକ ଜରୁରୀ ଆବଶ୍ୟକତା ରହିଛି । ସକରାତ୍ମକ କାର୍ଯ୍ୟରେ ଭାରତର ଯୁବ ଶକ୍ତି ବ୍ୟବହାର କରାଯିବା ଆବଶ୍ୟକ । ଏହିପରି ପ୍ରେରଣାଦାୟକ ଉତ୍ସ ଏବଂ ମାର୍ଗଦର୍ଶକମାନଙ୍କର ଆବଶ୍ୟକତା ଅଛି। ଯେଉଁମାନେ ଯୁବ ପିଢ଼ି ପାଇଁ ସକରାତ୍ମକ ଏବଂ ଉନ୍ନତ ମାର୍ଗ ଦେଖାଇ ପାରିବେ ସେମାନଙ୍କୁ ଗ୍ରହଣ କରାଯିବା ଉଚିତ । ଯୁବକମାନେ ଦ୍ୱନ୍ଦ୍ୱରେ ପଡ଼ି ଭୁଲ୍ ହେବାର ମୁଖ୍ୟ କାରଣ ହେଉଛି ବେକାରୀ । କିନ୍ତୁ ଯୁବକମାନଙ୍କୁ ସେମାନଙ୍କର ମାନସିକତା ବଦଳାଇବାକୁ ପଡ଼ିବ ଯେ ସରକାରୀ ଚାକିରି ହେଉଛି ରୋଜଗାରର ଏକମାତ୍ର ମାଧମ । ଭାରତୀୟ ସମାଜରେ ବଡ ବିଶ୍ୱାସ ଯେ ସରକାରୀ ଚାକିରି ହେଉଛି ଜୀବନର ସଫଳତାର ମାପ । ସମାଜର ଲୋକଙ୍କୁ ଏହି ଧାରଣାକୁ ପରିବର୍ତ୍ତନ କରିବାକୁ ପଡିବ । ଆଧୁନିକ ଯୁଗରେ, ରୋଜଗାର ଏବଂ ଆତ୍ମନିର୍ଭରଶୀଳତାର କୌଣସି ଅଭାବ ନାହିଁ । ଆମେରିକା ଏବଂ ୟୁରୋପୀୟ ଦେଶମାନଙ୍କରୁ ଏହି ଉଦାହରଣ ନିଆଯାଇ ଦେଖାଯାଇଛି, ଯେଉଁଠାରେ ଯୁବକମାନେ ଏହି ସମ୍ଭାବ୍ୟତାର ସମ୍ପୂର୍ଣ୍ଣ ଫାଇଦା ନେଉଛନ୍ତି । ଭାରତରେ ଗୁଜୁରାଟର ଲୋକମାନେ ନିଜକୁ ତଥା ଦେଶର ଅନ୍ୟ ଲୋକଙ୍କୁ ଉଦ୍ୟୋଗ ମାଧମରେ ଚାକିରୀ ଯୋଗାଇ ନିଜକୁ ସକ୍ଷମ କରିଛନ୍ତି । ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ ଗଣତାନ୍ତ୍ରିକ ଦେଶ । ଏହା ସତ୍ତ୍ୱେ ଏଠାରେ ରାଜନୀତିରେ ଯୁବକମାନଙ୍କର ଅଂଶଗ୍ରହଣ ବହୁତ କମ୍। ପ୍ରାୟତଃ ଦେଖାଯାଏ ଯେ ରାଜନୀତିରେ ଯୁବକମାନଙ୍କ ମଧରେ ନକାରାତ୍ମକ ଭାବନା ରହିଥିବାରୁ ସେମାନେ ରାଜନୀତିରେ ପ୍ରବେଶ କରିବାକୁ ଚାହାଁନ୍ତି ନାହିଁ । କିନ୍ତୁ ସେମାନେ ବୁଝିବା ଉଚିତ୍ ଯେ ପର୍ଯ୍ୟନ୍ତ ସେମାନେ ରାଜନୀତିରେ ଭାଗ ନନେବେ, ସେପର୍ଯ୍ୟନ୍ତ ସେମାନ ନକାରାତ୍ମକତା ରାଜନୀତିରୁ ହଟିବ ନାହିଁ। ଭାରତୀୟ ସମ୍ବିଧାନ ଅଠର ବର୍ଷରୁ ଅଧିକ ଯୁବକଙ୍କୁ ଭୋଟ ଦେବାର ଅଧିକାର ପ୍ରଦାନ କରିଛି । ଏପରି ପରିସ୍ଥିତିରେ ଯୁବକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଯୁବକମାନଙ୍କୁ ଉନ୍ନତ ମାନବ ସମ୍ବଳରେ ପରିଣତ କରିବା ପାଇଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଆବଶ୍ୟକ । ଦେଶର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଏବେ ମଧ ପାରମ୍ପାରିକ ଢଙ୍ଗରେ ଶିକ୍ଷା ଦିଆଯାଉଛି। ଏହି କାରଣରୁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକ ବିଶ୍ୱ ପ୍ରତିଯୋଗିତାରେ ପଛରେ ଅଛନ୍ତି । ବିଶେଷ କରି ଶିକ୍ଷା ବ୍ୟବସ୍ଥା ଉପରେ ଅଧିକ ଧ୍ୟାନ ଦେବାକୁ ପଡିବ । ଯେପର୍ଯ୍ୟନ୍ତ ଶିକ୍ଷାକୁ ପାଶ୍ଚାତ୍ୟ କରଣ ନୁହେଁ, ପାଶ୍ଚାତ୍ୟ ଢଙ୍ଗରେ ଶିକ୍ଷା ଦେବାର ବ୍ୟବସ୍ଥା ନହୋଇ ପାରିଛି, ସେପର୍ଯ୍ୟନ୍ତ ଶିକ୍ଷାର ଉନ୍ନତି ଆସିନାହିଁ । ଶିକ୍ଷା ବ୍ୟବସ୍ଥାର ସବୁଠୁ ବଡ ଅସୁବିଧା ହେଉଛି ସ୍କୋରକୁ ବହୁତ ଗୁରୁତ୍ୱ ଦିଆଯାଉଛି । ଯେଉଁଥିପାଇଁ ପିଲାମାନଙ୍କର ପ୍ରବୃତ୍ତି ଥାଏ ଏବଂ ସେମାନେ ମୌଳିକତା ଏବଂ ସୃଜନଶୀଳତାର ବିକାଶ କରନ୍ତି ନାହିଁ । ସେଥିପାଇଁ ଭାରତ ନବସୃଜନ କ୍ଷେତ୍ରରେ ପଛୁଆ ଅଛି । ଏଥିପାଇଁ ଉଭୟ ପ୍ରାଥମିକ ଏବଂ ଉଚ୍ଚ ସ୍ତରର ଶିକ୍ଷାର ଉନ୍ନତି ପାଇଁ ଉଦ୍ୟମ କରିବାକୁ ପଡ଼ିବ । ଏହା ନୁହେଁ ଯେ ଦେଶରେ ପ୍ରତିଭାର ଅଭାବ ରହିଛି । ଦେଶର ମେଧାବୀ ଯୁବକଗଣ ଆମେରିକା, ବ୍ରିଟେନ, ଫ୍ରାନ୍ସ ପରି ଦେଶକୁ ଯାଉଛନ୍ତି, ସେଠାରେ ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରି ନୋବେଲ ଭଳି ସମ୍ମାନଜନକ ପୁରସ୍କାର ମଧ ପାଇଥା'ନ୍ତି । ଭାରତର ଅବନତିର ଅନ୍ୟତମ କାରଣ ସଂକୀର୍ଣ୍ଣ ଦୃଷ୍ଟି ଓ କର୍ମକ୍ଷେତ୍ରରେ ସଂକୋଚନ । ଦେଶ ବାହାରର ଅନ୍ୟାନ୍ୟ ଜାତି ସହିତ ନିଜର ଭାବ ଓ କର୍ମାକର୍ମ ମିଳାଇ ଦେଖିନାହୁଁ, ସମଗ୍ର ବିଶ୍ୱରେ କଅଣ ଘଟୁଛି ତାହାର କୌଣସି ଖବର ନିଆଯାଉ ନାହିଁ, ଏହା ହିଁ ଭାରତବାସୀର ମାନସିକ ଅଧଃପତନ ପାଇଁ ପ୍ରଧାନତଃ ଦାୟୀ । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ଯୁବକମାନେ ସମଗ୍ର ବିଶ୍ୱରେ ବିପଦରେ ଅଛନ୍ତି, କିନ୍ତୁ ମସ୍ତିଷ୍କ ନିଷ୍କାସନ ହେତୁ ସେମାନେ ସେଗୁଡ଼ିକର ଲାଭ ଉଠାଇବାକୁ ସକ୍ଷମ ହୋଇପାରୁନାହାନ୍ତି । ଏହି ଦୃଷ୍ଟିରୁ ବୁଝାଇବାକୁ ପଡିବ ଯେ ଯୁବ ପିଢ଼ିଙ୍କ ଅଗ୍ରଗତିରେ ଦେଶର ପ୍ରଗତି ବୃଦ୍ଧି ଘଟେ । ଯେଉଁ ଦିନ ଯୁବପିଢ଼ିଙ୍କ ଅଂଶଗ୍ରହଣ ରାଜନୀତିରୁ ପ୍ରଶାସନ, ସମାଜରୁ ବିଜ୍ଞାନ, କ୍ରୀଡା ଠାରୁ ବ୍ୟବସାୟ ପର୍ଯ୍ୟନ୍ତ ବୃଦ୍ଧି ପାଇବ, ସେଦିନ ଦେଶର ଭବିଷ୍ୟତ ମଧ ସମାନ ଗତିରେ ଉଜ୍ଜ୍ୱଳ ହେବ ।

(ସମାପ୍ତ)

ଓଡିଆ ଭାଷା ଓ ସାହିତ୍ୟ
ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ ,
କଟକ -୪
ମୋ: ୯୦୪୦୧୫୧୪୭୫

## କବିତା କୋଣାର୍କ

### ଶ୍ରୀହୀନ ଅଯୋଧ୍ୟା...

ଅମୂଲ୍ୟ କୁମାର ପଣ୍ଡା



ପରିବର୍ତ୍ତନ ସମୟରେ
ସବୁ ଯେମିତି ବଦଳି ଯାଇଛି
ଲୋକ ଘର ଗ୍ରାମ
ସହର ରାଜ୍ୟ ଦେଶ
ସବୁ କିଛି ତାର କୋମଳତା
ହରାଇ ଝାପ୍ସା ଦିଶୁଛି
ଯେପରି ରାମଚନ୍ଦ୍ର ବନବାସ ଗଲାପରେ
ଶ୍ରୀହୀନ ଅଯୋଧ୍ୟା ପରି
ରଙ୍ଗହୀନ ସ୍ୱାଦହୀନ ବାସ୍ନାହୀନ
ହୋଇ ରହି ଯାଇଛି
ଧର୍ମକୁ ବ୍ୟବସାୟ କରାଯାଇଛି
ଧର୍ମ ନାଆଁରେ ଅଧର୍ମକୁ
ପ୍ରଶ୍ରୟ ଦିଆ ଚାଲିଛି...!

କୁ-କର୍ମ ତାର ମନରେ
ବସା ଜାଲ ପରି ବସା ବାନ୍ଧି
ଦେହ ସୁହା ହୋଇଯାଇଛି
ଚୋରି ତସ୍କରି ପ୍ରବଞ୍ଚନାକୁ
ସର୍ବାଗ୍ରେ ପାଥେୟ କରିଛି
କେତେ କେତେ ବଳାତ୍କାର
କେତେ କେତେ ଯୌତୁକ ଯୁଇ
ହୁ ହୁ ହୋଇ ଜଳୁଛି...!

ମଳୟରେ ରକ୍ତର ଛିଟା
ବସନ୍ତରେ ଦାରିଦ୍ରତା
ସବୁ ଯେପରି ଓଲଟା ହୋଇଯାଇଛି
ଧନର ଆଦର ବଢୁଛି
କର୍ମକୁ ଅସତ୍ୟ ବଜାରେ
ବିକ୍ରି କରା ଚାଲିଛି
ସ୍ୱାଭିମାନ ବନ୍ଧା ପଡିଛି
ବେଇମାନ ସମ୍ରାଟ ସାଜିଛି
ସତ୍ୟର ସରୁନି ଅଗ୍ନି ପରିକ୍ଷା
ତାହା ମଧରେ ସବୁଠୁ କ୍ରୁର
ରାଜନୈତିକ ଷଡଯନ୍ତ୍ର ବଢିଚାଲିଛି...!

ଧନ ବଦଳରେ
ନ୍ୟାୟ କିଣା-ବିକା ଚାଲିଛି
ସୁଖ ଶାନ୍ତି ଆଜି
ବ୍ୟସ୍ତତା ଭିତରେ ହଜି ଯାଇଛି
ଆଗକୁ ବଢ଼ିବାର ଇଛା
ବିପିଏଲ୍ ର ବଦନାମ ଗଳିର
ଟଙ୍କିକିଆ ଚାଉଳର ରୁଜୁରେ
ବାନ୍ଧିଦିଆ ଯାଇଛି
ବିକାଶର ନନ୍ଦିଘୋଷ
ଅଧା ବାଟରେ
ସମ୍ପୂର୍ଣ୍ଣ ସୁପ୍ତ ହୋଇଯାଇଛି...!

+ଅରଙ୍ଗାବାଦ, ବରୀ , ଯାଜପୁର

### ବାପା..

ସୁଦର୍ଶନ ମହାପାତ୍ର



ତୁମେ ଗୋଟିଏ ସ୍ମାରକ ପତ୍ର
ସଂସାର ଜଞ୍ଜାଳର
ଅବା ମୁଣ୍ଡିଆ ପାହାଡଟିଏ
ମୃତ ଇଛା ମାନଙ୍କର
ସଦା ନିର୍ବିକାର
ଚଉଡା କରି ମେଲେଇ ଦେଇଥିବା
ନିରୁଦବିଗ୍ନ ଆତ୍ମସତ୍ତା
ପ୍ରଶସ୍ତ ଭୂଇଁ ପରି ଉଦାତ୍ତ
କେଉଁଠୁ ଆରମ୍ଭ ତୁମ
କେଉଁଠି ବା ଶେଷ
କେଉଁଠି ଲୁଚାଇ ରଖ
ରିକ୍ତ ଅବଶୋଷ ?

ତୁମେ ତ ତଲ୍ଲୀନ ତୁମ ଶୂନ୍ୟତାରେ
ପୂର୍ଣ୍ଣତାରେ,ଅଭାବବୋଧରେ
ଅବା ଝଡର ପ୍ରାବଲ୍ୟରେ
ଚିରୁଟାଏ ଖୁସିରେ ଭିଜି
ମନ୍ତ୍ରମୁଗ୍ଧ ହେବାରେ....!

ମୁଁ ସିନା ତୁମ ଦୁଃଖ ଖୋଜେ
କୋଟି କୋଟି ସ୍ୱେଦ ବିନ୍ଦୁ ଭିଜା
ଛିଣ୍ଡା ଗାମୁଛାରେ
ତୁମ ଅଲରା କେଶରେ
ତୁମେ ପରା ଖୋଜୁଥାଅ ଖୁସି
ତୁମ ସ୍ୱପ୍ନର ବିଶାଳ ପୃଥିବୀରେ
ତୁମରି ଅଂଶରେ....!!!

କୁଞ୍ଜବିହାରୀ ଲେନ,କଟକ

## କବିତା କୋଣାର୍କ

### ସକାଳ କବିତା..

ବିନୟ ମିଶ୍ର

ଜହ୍ନ ଗୋ ତୁମ ଶୁଭ୍ର ଜୋଛନାରେ
କାକରଭିଜା ଏ ପ୍ରିତୀ ଅମୃତ,
କେବେ ତୁମେ ହୁଅ କେତୁ ଗ୍ରସ୍ତେ
କଳା ଅଭିଶାପେ କଳଙ୍କିତ ।

କେତେ ପ୍ରଣୟିନୀ ବିଧୁରା ପ୍ରାଣରେ
ଚମକ ଜଗାଇ ଦିଅ,
ପ୍ରୀତୀ ଧାରା ହୋଇ ବିରହୀ ପ୍ରିୟର
ଚିବୁକରେ ମିଶିଯାଅ ।

କୁଆଁରୀ ମନରେ ପ୍ରେମ ମନ୍ତ୍ରର
କମ୍ପନ ଭରି ସତେ,
କେବେ ଖଇଛେନା କପାଟ ପଛର
ବେପଥୁ ଜଗାଅ କେତେ ।

ବନ୍ଧନ ତୁମ ନୀଳିମାର
ତାନେ ଭାସମାନ ବାଦଲର,
ପ୍ରଣୟ ରଶ୍ମି ଉଦ୍ଭାସିତ କର
କେତେ ନବ କୈଶୋରର ।

ଅଭିଆଡ଼ି ନବନିତା ସାଜି ଭିଜାଇ
ଦିଅ ଗୋ
ରୂପେଲି ବର୍ଷାରେ ତାନେ,
ମିଳନର ବାର୍ତ୍ତା ପ୍ରସରି ଯାଉ
ମୋ ହୃଦୟର କୋଣେ କୋଣେ ।

+ନିଆଳ, ଖୋର୍ଦ୍ଧା





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୧୧

ବୀର ହେବା ମୋର ଲକ୍ଷ୍ୟ । ହେଲେ, ବିନା ଅସ୍ତ୍ରବିଦ୍ୟା ଶିକ୍ଷା ନକରି ବୀର ହେବି କିପରି ? ମୋ ପାଇଁ ବାପାଙ୍କର ଯେଉଁ ଆଶା, ଆକାଂକ୍ଷା ଭବିଷ୍ୟତବାଣୀ ସବୁ କ'ଣ ନିରର୍ଥକ ହୋଇଯିବ।

ମୋ ମନ ଅମାନିଆ ହୋଇଉଠେ । ମୁଁ ଅଟକିଯାଏ ସେଇଠି, ମୁଁ କ୍ଷତ୍ରିୟ ନୁହେଁ । କ୍ଷତ୍ରିୟମାନଙ୍କ ମେଳରେ ମୋର ଅସ୍ତ୍ରଶିକ୍ଷା ସତରେ କ'ଣ ସମ୍ଭବ ହେବ ? ସେଇ ମୁହୂର୍ତ୍ତରେ ମୋ ସହଜାତ ଅଭିମାନର ଅଗ୍ନିଶିଖା ହୁତୁହୁତୁ ହୋଇ ଜଳି ଯାଉଥାଏ । ଆଉ ତା ସହ ଜଳି ଯାଉଥାଏ ମୋ ନୀଚବର୍ଣ୍ଣର ଜନ୍ମର ପାଚେରିଟି । ନିଜକୁ ମୁଁ ଠିକ୍ ସେଇ ମୁହୂର୍ତ୍ତରେ ଅସହାୟ ମନେକରେ। ଆଉ ତାକୁ ଭୁଲିବା ପାଇଁ ମୋ ଜନ୍ମଜାତ କବଚ କୁଣ୍ଡଳ ଉପରେ ଧୀରେଧୀରେ ହାତ ବୁଲାଇ ଆଣେ । କାହିଁକି କେଜାଣି ମାନସିକ ଅସ୍ଥିରତା ସମୟରେ ମୋର ଏହି କବଚକୁଣ୍ଡଳ ମୋ ପାଇଁ ଅନେକ ସାନ୍ତ୍ୱନା । ତାକୁ ଦେଖି ମୁଁ ଭୁଲିଯାଏ ସବୁ କିଛି । ମନରେ ସାହସ ଆସେ । ବଳ ଫେରିପାଏ । ସତରେ ଯେମିତି ମୋ ଜୀବନର ସଫଳତାର ଚାବିକାଠି ହେଉଛି ମୋର କବଚ କୁଣ୍ଡଳ । ଏହାକୁ ଭିତ୍ତିକରି ମୁଁ ତ ଅନେକ ସଫଳତା ପାଇଛି । ତେବେ, ଏବେ ପଛେଇଯିବି କାହିଁକି ? ଦେଖାଯାଉ, ଆଚାର୍ଯ୍ୟଙ୍କ ପାଖରେ କେତେଦୂର କ'ଣ ଘଟୁଛି ।

ବସୁ, ବେଳ ଉଚ୍ଛୁର ହେଲାଣି ଶୀଘ୍ର ଚାଲ । ଏଇ ଯେଉଁ ଆଗରେ ଆଶ୍ରମଟି ଦେଖାଯାଉଛି ଏଇଟି ପରା ଦ୍ରୋଣାଚାର୍ଯ୍ୟଙ୍କ ଆଶ୍ରମ । ଦ୍ରୋଣାଚାର୍ଯ୍ୟଙ୍କ ଶିକ୍ଷାୟତନ । ମୋ ହାତ ଆପେଆପେ ଯୋଡ଼ି ହୋଇଗଲା । ମୋ କାନରେ ଅସ୍ପଷ୍ଟ ଭାବେ ଶୁଭୁଥିଲା ପବିତ୍ର ବେଦମନ୍ତ୍ରର ଧ୍ୱନି। ବୋଧହୁଏ ଆଶ୍ରମରେ ଏବେ ପ୍ରାର୍ଥନାର ସମୟ । ସମଗ୍ର ପରିବେଶ ଥିଲା ଶାନ୍ତ, ସ୍ନିଗ୍ଧ, କମନୀୟ ।

ମୁଁ ଚାରିଆଡ଼କୁ କେବଳ ଅନାଇ ରହିଥିଲି । ଏକ ନିର୍ଦ୍ଦିଷ୍ଟ କୁଶଆସନରେ ଯିଏ ଆଖି ଦୁଇଟି ବୁଜି ପ୍ରାର୍ଥନା କରୁଥିଲେ, ସେ ହିଁ ତେବେ ଆଚାର୍ଯ୍ୟ ଦ୍ରୋଣ । ଆଉ ତାଙ୍କ ଆସନର ତଳେ ଯେଉଁମାନେ ଧାଡ଼ିବାନ୍ଧି ବସିଥିଲେ ସେମାନେ ସମସ୍ତେ ଥିଲେ ତାଙ୍କର ଶିଷ୍ୟ ।

ମୁଁ ତାଙ୍କ ପାଖରେ ପହଞ୍ଚି ତାଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଇଲା ବେଳକୁ ତାଙ୍କ ମୁଦା ଆଖି ଦୁଇଟି ଖୋଲି ଯାଇଥିଲା । ଏକ ଲୟରେ ମୋତେ ଅନାଇ ରହିଥିଲେ ।

ଉର୍ଦ୍ଧ୍ୱକୁ ହାତ ଉଠାଇ ଆଶୀର୍ବାଦ ଭଂଗୀରେ କହୁଥିଲେ ଉଠ ପୁତ୍ର କୁହ, କେଉଁ ଅଭିପ୍ରାୟ ନେଇ ଏଠାକୁ ଆସିଛ ।

ଭୟ ଓ ଆଶଙ୍କାରେ ପାଟି ମୋର ଖୋଲୁ ନଥିଲା । ତଥାପି ସାହସ କରି କହିଲି, ମୁଁ ରାଜସୂତ ପୁତ୍ର କର୍ଣ୍ଣ । ଆପଣଙ୍କ ଶିଷ୍ୟତ୍ୱ ଲାଗି ମୋର ବିନମ୍ର ନିବେଦନ ।

ଅଦୂରରେ ଯୋଡ଼ହସ୍ତରେ ବାପା ମୋର ଛିଡ଼ା ହୋଇଥିଲେ । ନତଜାନୁ କରି ଅନୁନୟ କରୁଥିଲେ, ହେ ମହାଭାଗ, ଅନେକ ଆଶା ଧରି ଆପଣଙ୍କ ପାଖକୁ ଧାଇଁ ଆସିଛି । ଆପଣ ଦୟାକଲେ ପୁତ୍ର କର୍ଣ୍ଣ ମୋର ଅସ୍ତ୍ରଶିକ୍ଷା କରିପାରନ୍ତା ।

ଓଃ ବୁଝିଗଲି ବୁଝିଗଲି । ତୁମେ ହିଁ ତାହାହେଲେ ସୂତପୁତ୍ର କର୍ଣ୍ଣ । ତୁମରି କଥା ମୁଁ ଭୀଷ୍ମଦେବ ଆଉ ମହାରାଜ ଧୃତରାଷ୍ଟ୍ରଙ୍କ ମୁହଁରୁ ଶୁଣିଥିଲି । ହେଲେ, ସୂତକୁଳରେ ଜନ୍ମିତ ପୁତ୍ର ଅସ୍ତ୍ରବିଦ୍ୟା ଶିକ୍ଷା କରିବାର ଉଦ୍ଦେଶ୍ୟ କ'ଣ ? ମୋର ଯେମିତି ମନେ ହେଉଥିଲା ଏକ ତୀକ୍ଷ୍ଣ ବର୍ଚ୍ଛା ମୋ ଛାତିରେ କିଏ ଯେମିତି ଭୁଷିଦେଲା । ଆଉ ମୋ ଧମନୀ କଟିଯାଇ ପିଚ୍‌ପିଚ୍ କରି ରକ୍ତ ବୋହିଗଲା । ତଥାପି ମୁଁ କାଠଗଡ଼ାର ଖୁନୀ ଆସାମୀଟିଏ ଭଳି ଛିଡ଼ା ହୋଇଥିଲି ଉତ୍ତର ଦେବାପାଇଁ ।

ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ଚାଲିଥାନ୍ତି ଦ୍ରୋଣାଚାର୍ଯ୍ୟ

ବେଦମନ୍ତ୍ର ଶିଖିଛ ?

ହଁ, ପିଲାଦିନେ କିଛି ମନ୍ତ୍ର ଉଚ୍ଚାରଣ କରିଥିଲି। ସଂସ୍କୃତ ମଧ୍ୟ ଜାଣିଛି

ତୁମ ଜୀବନର ଲକ୍ଷ୍ୟ କଣ ?

ଜଣେ ବୀର ପୁରୁଷ ହେବା । ଶାସ୍ତ୍ର ନିପୁଣ ହୋଇ ଅସ୍ତ୍ରବିଦ୍ୟା ଶିକ୍ଷା କରିବା ।

ମନ୍ତ୍ର କିଛି ଗାଇପାରିବ ?

ହଁ ମୋ ମୁହଁରୁ ଉଚ୍ଚାରିତ ହେଉଥିବା ମନ୍ତ୍ରକୁ ଆଚାର୍ଯ୍ୟ କେତେଦୂର ଶୁଣୁଥିଲେ ମୁଁ ଜାଣେନା । ହେଲେ, ଲକ୍ଷ୍ୟକଲି ତାଙ୍କ ଦୃଷ୍ଟି ଥିଲା ମୋ କବଚ କୁଣ୍ଡଳ ଆଡ଼େ ।

ମୋ ମୁହଁରୁ ମନ୍ତ୍ର ଉଚ୍ଚାରଣ ଶୁଣି ଆଚାର୍ଯ୍ୟ ବୋଧହୁଏ ମନେମନେ ବିସ୍ମିତ ହେଉଥିଲେ । ବାପା ବି ଅଦୂରରେ ଥାଇ ମୋର କହିବା ଭଂଗୀକୁ ଲକ୍ଷ୍ୟ କରୁଥିଲେ ।

ସତ କହୁଛ ଅଧିରଥ, କର୍ଣ୍ଣ ତୁମର ଜନ୍ମିତ ସନ୍ତାନ ?

କିଛିକ୍ଷଣ ଲାଗି ନିରବ ରହିଗଲେ ବାପା । ମୁଁ କିଛି ବୁଝିପାରୁ ନଥିଲି । ମହାରାଜଙ୍କ ପାଖରେ ଠିକ୍ ଏଇ ପ୍ରଶ୍ନର ଉତ୍ତର ଦେବା ବେଳେ ବାପାଙ୍କ ମନରେ ଯେମିତି ଭୟମିଶ୍ରିତ ମୁଦ୍ରା ଲାଗି ରହୁଥିଲା। ଏଠି ବି ତାଙ୍କର ଠିକ୍ ସେଇ ଅବସ୍ଥା।

ତେବେ, ବାପାଙ୍କ କଥାରେ କ'ଣ ସତ୍ୟତା ନାହିଁ, ନା କିଛି ଧର୍ମସଂକଟ ମଧ୍ୟରେ ପଡ଼ି ଏମିତି ମିଛ କହିବାକୁ ବାଧ୍ୟ ହେଉଛନ୍ତି ।

ସତକହୁଛି ଗୁରୁଦେବ, କର୍ଣ୍ଣ ମୋର ପୁତ୍ର, ଅତି ଆଦରରେ ମୁଁ ତାକୁ ବସୁ ବୋଲି ଡାକେ ।

ବାପାଙ୍କ ମୁହଁରେ ଅସ୍ୱସ୍ତିର ଛାପ । ସତରେ କ'ଣ ଆଚାର୍ଯ୍ୟଙ୍କ କୃପାରେ ଦୂରେଇଯିବ ତାଙ୍କର ଆଶଙ୍କା । ମୁଁ ବେଶ୍ ବୁଝି ପାରୁଥିଲି ବାପାଙ୍କ ଅସ୍ଥିରତା କେଉଁଥିପାଇଁ ଯଦି ଆଚାର୍ଯ୍ୟ ମୋତେ ଶିଷ୍ୟ ରୂପେ ଗ୍ରହଣ କରିବାକୁ ରାଜି ନ ହୁଅନ୍ତି ତେବେ, ତାଙ୍କର ଏତେବଡ଼ ଆଶା, ଆକାଂକ୍ଷା ପାଣିଫୋଟକା ପରି ମିଳେଇଯିବ । ଆଉ ତା ପରେ ମୋର ଅବସ୍ଥା କ'ଣ ହେବ ? ଏଇ ଆଶଙ୍କାରେ ବାପା ଥିଲେ ଉଦ୍‌ବିଗ୍ନ । ଆଉ ମୁଁ ମଧ୍ୟ ଉତ୍ସୁକତାର ସହ ଅପେକ୍ଷା କରିଥିଲି, କି ଉତ୍ତର ଆମକୁ ଶୁଣାଇବେ ଦ୍ରୋଣାଚାର୍ଯ୍ୟ ।

ଠିକ୍ ଅଛି । ଦେଖ, ଏତେ ଦୂରରୁ ଯେତେବେଳେ ଅନେକ ଆଶା, ଆକାଂକ୍ଷା ନେଇ ଆସିଛ ସେତେବେଳେ ତୁମକୁ ନିରାଶ କରିବାକୁ ଉଚିତ ମନେ କରୁନି । ତୁମ ପୁତ୍ର ମୋ ଠାରୁ ଅସ୍ତ୍ରଶିକ୍ଷା କରିବ, ତେବେ ଗୋଟିଏ ସର୍ତ୍ତରେ । ସର୍ତ୍ତ ! ଅସ୍ତ୍ରଶିକ୍ଷା ପାଇବା ପାଇଁ ପୁଣି ସର୍ତ୍ତ ।

କ'ଣ ସେ ସର୍ତ୍ତ, ମନେମନେ ମୁଁ ପ୍ରମାଦ ଗଣୁଥିଲି । କିଭଳି ସର୍ତ୍ତ ରଖିବେ ଆଚାର୍ଯ୍ୟ । ଦେଖ ଅଧିରଥ, ମୁଁ ଏଠି ରାଜକୁମାର ମାନଙ୍କର ଶିକ୍ଷାଗୁରୁ । ସେମାନେ ସମସ୍ତେ କ୍ଷତ୍ରିୟ । ଆଇନତଃ କ୍ଷତ୍ରିୟ ମାନଙ୍କର ହିଁ କେବଳ ଅସ୍ତ୍ରଶିକ୍ଷାର ଅଧିକାର ରହିଛି । ତୁମପୁତ୍ର କିନ୍ତୁ କ୍ଷତ୍ରିୟ ନୁହେଁ । ତେଣୁ କର୍ଣ୍ଣ ରାଜକୁମାର ମାନଙ୍କ ସହ ଏକାଠି ବସି ପାଠ ପଢ଼ିପାରିବ ନାହିଁ । ତାଙ୍କଠାରୁ ସେ କିଛିଟା ଅନ୍ତରାଳରେ ଏବଂ ମୋ ଠାରୁ କିଛି ଦୂରରେ ରହି ସେ ଅସ୍ତ୍ରଶିକ୍ଷା କରିବ । ଏଥିରେ ତୁମର ଆପତ୍ତି ଅଛି କି ?

ଗୁରୁଦେବ, ଆପତ୍ତି କରିବାର ପ୍ରଶ୍ନ ଉଠୁଛି କେଉଁଠି ? କୌଣସିମତେ ଆପଣଙ୍କଠାରୁ ତାକୁ ଅସ୍ତ୍ରଶିକ୍ଷା କରିବାକୁ ପଡ଼ିବ । ତେଣୁ ପାଖରୁ ହେଉ ବା ଦୂରରେ ହେଉ ପୁତ୍ର ପ୍ରତି ଆପଣଙ୍କର ଆଶୀର୍ବାଦ ହିଁ ମୋର କାମ୍ୟ ।

ବାପାଙ୍କ ଆକୁଳ ଅନୁନୟ ବିନମ୍ର ଭାବକୁ ମୁଁ କେବଳ ଲକ୍ଷ୍ୟ କରୁଥିଲି । ଭାବୁଥିଲି ଦ୍ରୋଣାଚାର୍ଯ୍ୟଙ୍କ ପାଖରୁ ଅସ୍ତ୍ରଶିକ୍ଷା କରିବା ପାଇଁ ଗୋଟିଏ ସର୍ତ୍ତ କାହିଁକି ଏମିତି ଅନେକ ସର୍ତ୍ତକୁ ମାନିନବାକୁ ଆମେ ବାଧ୍ୟ । ଯେଣୁ ଆମେ ଥିଲୁ ପରିସ୍ଥିତିର ଦାସ ।

ଏମିତି ଏକ ସର୍ତ୍ତାବଳୀ ମଧ୍ୟରେ ମୋର ଶିକ୍ଷା ଆରମ୍ଭ ହେବାର ସମସ୍ତ ବ୍ୟବସ୍ଥା ସାରି ଦୁହେଁ ଗୁରୁଦେବଙ୍କୁ ଯଥାବିଧି ପ୍ରଣାମ ଜଣାଇ ଫେରିଆସିଲୁ ।

ମୋ ମନରେ କିନ୍ତୁ ଚିନ୍ତାର ଶେଷ ନଥିଲା । ରକ୍ତରେ ତଡ଼ିତ୍‌ର ପ୍ରବାହ । କି ବିଚିତ୍ର ସତରେ ଏ ସାମାଜିକ ନୀତିନିୟମ, ପରମ୍ପରା । ପବିତ୍ର ବିଦ୍ୟାୟତନରେ ମଧ୍ୟ ଉଚ୍ଚନୀଚ କୁଳ, ଗୋତ୍ରର ଭେଦଭାବ । ଯେଉଁଠି ପ୍ରଥମ ଜ୍ଞାନର ଆଲୋକ ବିଚ୍ଛୁରି ପଡ଼ିବ, ସୁଶିକ୍ଷା ପାଇବ, ନିଜକୁ ସୁସଂଯତ ମଣିଷ ପରି ଗଢ଼ିବାର ମୂଳଦୁଆ ପଡ଼ିବ । ସେଠି ମଧ୍ୟ ଏମିତି ବାଛବିଚାର । ଉଚ୍ଚନୀଚର ଫରକ । ସତରେ କ'ଣ ମଣିଷ ରକ୍ତର ରଂଗ ଭିନ୍ନଭିନ୍ନ ।



କିଏ ଜାଣେ, କେବେ, କେଉଁ କାଳରେ ଏ ଭେଦଭାବ ବିଲୋପ ହେବ । ମୁକ୍ତ ହୋଇ ଜନ୍ମିଥିବା ମଣିଷ ମୁକ୍ତିର ସ୍ୱାଦୁ ଚାଖିବ । ସମାଜର ତଥାକଥିତ ବଡ଼ପଣ୍ଡା ମାନଙ୍କର ଅନୀତି, ଅତ୍ୟାଚାରର ବିଲୋପ ହେବ । ଯେଉଁଠି ଶିକ୍ଷା କଳୁଷିତ ସେଠି ପୁଣି ମଣିଷ କି ଶିକ୍ଷା ଲାଭ କରିବ। ଶିକ୍ଷା ନିମନ୍ତେ ଯୋଗ୍ୟତାର ବିଚାର କ'ଣ ତେବେ ନିଜର କୁଳଗୋତ୍ର ଉପରେ ନିର୍ଭର କରେ ।

ବାପାଙ୍କ ମନରେ ଦୁଃଖ ଦେଇ ମୁଁ କିଛି ପ୍ରକାଶ କରିବାକୁ ଚାହୁଁ ନଥିଲି । ହେଲେ ରକ୍ତର ତାତି ମୋର ବଢ଼ି ଯାଉଥିଲା । ଏମିତି ଏକ ଅସ୍ଥିରତା ମଧ୍ୟରେ ମୋ ଭିତରୁ ତାତିଲା ନିଃଶ୍ୱାସ ଘନଘନ ବାହାରି ଆସୁଥିଲା ।

\- ଦଶ -

ଆମ ଶିକ୍ଷାୟତନ ଥିଲା ଏକ ବନ ଆଶ୍ରମ। ରାଜଭବନର ପରିସର ମଧ୍ୟରେ ଥିଲେ ବି ଜନପଦଠାରୁ କିଛିଟା ଦୂରରେ ଥିଲା । ତେଣୁ ପରିବେଶ ଥିଲା ବେଶ୍ ଶାନ୍ତ । ତା'ଛଡ଼ା ଶିକ୍ଷାୟତନରେ ଯେଉଁ ନିର୍ଦ୍ଦିଷ୍ଟ ଶୃଙ୍ଖଳା ଥିଲା, ତାକୁ ସମସ୍ତ ଶିଷ୍ୟ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ, ପ୍ରାର୍ଥନା, ଯଜ୍ଞ, ପୂଜାର୍ଚ୍ଚନା, ଭୋଜନ ସବୁ କିଛି ସମୟାନୁସାରେ ଶୃଙ୍ଖଳିତ ଭାବେ ପରିଚାଳିତ ହେଉଥିଲା । ପାଠ୍ୟକ୍ରମ ଲାଗି କିଛି ନିର୍ଦ୍ଦିଷ୍ଟ ସମୟସୀମା ନଥିଲେ ମଧ୍ୟ ସବୁକିଛି ନିର୍ଭର କରୁଥିଲା ଗୁରୁଦେବଙ୍କ ଉପରେ ।

ବାପାଙ୍କ ପ୍ରେରଣା, ଆଶୀର୍ବାଦ, ହସ୍ତିନାପୁର ରାଜପରିବାରର ଅନୁକମ୍ପା, ସର୍ବୋପରି ଗୁରୁଦେବଙ୍କ ଅକୁଣ୍ଠ ଦାନରେ ମୁଁ ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟ ପାଲଟି ଯାଇଛି । ଏହାହିଁ ମୋ ପାଇଁ ଯଥେଷ୍ଟ । ଆଉ ସେଇଥିପାଇଁ ତାଙ୍କର ସବୁ ସର୍ତ୍ତକୁ ପୂରଣ କରିବାରେ କୌଣସି ଦ୍ୱିଧା ପ୍ରକାଶ ନକରି ବରଂ ଆଦରରେ ବରି ନେଇଥିଲି ।

ଏକପଟେ ରାଜକୁମାର ଆଉ ଅନ୍ୟପଟେ ମୁଁ । ତାଙ୍କ ପାଖରେ ବସିବାର ସୁଯୋଗ ନ ପାଇଲେ ମଧ୍ୟ ଅସ୍ତ୍ରବିଦ୍ୟାର କୌଶଳ ଦେଖିବାର ତ ସୁଯୋଗ ପାଇବି । ତେଣୁ ମୋତେ ମଲ୍ଲଯୁଦ୍ଧ, ଅସୀଯୁଦ୍ଧ, ଅସ୍ତ୍ରବିଦ୍ୟା ଇତ୍ୟାଦିର କୌଶଳ ଶିଖିବାରେ ବିଶେଷ ଅସୁବିଧା ହେବନି । ଯେମିତି ହେଉ ମୋତେ ବୀର ହେବାକୁ ପଡ଼ିବ। କ୍ଷତ୍ରିୟ ବାଳକମାନଙ୍କ ଠାରୁ ଦୂରରେ ରହିବି ହେଲେ, ମୋ ନିଜସ୍ୱ ବଳବୀର୍ଯ୍ୟ ମୋ ପାଖେପାଖେ ରହିବ ।

ମନେମନେ ମୁଁ ଦୁର୍ବାର ଶପଥ ନେଲି । ହୋଇପାରେ ମୋର ସୂତକୁଳରେ ଜନ୍ମ । ତଥାପି ସମୟ ଆସିଲେ ସମଗ୍ର ଜଗତକୁ ଦେଖାଇଦେବି, ସୂତପୁତ୍ର ହେଲେ ବି ନିଜର ପୌରୁଷ ବଳରେ ଜଣେ କିଭଳି ସିଦ୍ଧିଲାଭ କରିପାରେ । ଯୁଗଯୁଗ ଧରି ମୋ ଜୀବନ ବୃତ୍ତାନ୍ତ ଦଳିତ, ନିଷ୍ପେସିତ ଜନତାମାନଙ୍କ ପ୍ରତି ଏକ ଦୃଷ୍ଟାନ୍ତ ହୋଇ ରହିବ। ସେମାନେ ଏତିକି ତ ଜାଣିବେ ଗୋତ୍ର, କେବଳ ବୀରତ୍ୱ ପାଇଁ ଏକମାତ୍ର ଯୋଗ୍ୟତାର ମାପକାଠି ନୁହେଁ । ଏସବୁ ଚିନ୍ତା ମୋ ମୁଣ୍ଡକୁ ପଶିଲା ମାତ୍ରେ ମାଂସପେଶୀରେ ମୋର ବଳ ବଢ଼ିଯାଏ। ଫୁସ୍‌ଫୁସ୍ ମଧ୍ୟରୁ ନିର୍ଗତ ହୋଇଆସେ ତାତିଲା ଉଶ୍ୱାସ ।

ଜଣେ ଯୋଗ୍ୟ ଗୁରୁ ଭାବରେ ଦ୍ରୋଣାଚାର୍ଯ୍ୟଙ୍କ ସୁଖ୍ୟାତି ଥିଲା ସମଗ୍ର ଆର୍ଯ୍ୟାବର୍ତ୍ତରେ । ତେଣୁ ସିଦ୍ଧି ମିଳିବାପାଇଁ ତାଙ୍କର ଆଶୀର୍ବାଦ ଆମ ସମସ୍ତଙ୍କର ଥିଲା ଏକାନ୍ତ କାମ୍ୟ। ସମସ୍ତ ଶିଷ୍ୟ ତାଙ୍କରି ଆଶ୍ରମରେ ହିଁ ରହୁଥିଲେ । ଆଶ୍ରମ ପରିସରରେ ତେଣୁ ରାଜକୁମାର ମାନଙ୍କ ଲାଗି ନିର୍ଦ୍ଦିଷ୍ଟ ଘର ଥିଲା । ସେହି ଘରେ ସେମାନେ ରହୁଥିଲେ । ତାଙ୍କ ଘରଗୁଡ଼ିକଠାରୁ କିଛି ଦୂରରେ ଥିଲା ସାରଥୀ ମାନଙ୍କର ଘର । ସେହି ଘରଗୁଡ଼ିକ ମଧ୍ୟରୁ ଗୋଟିଏ ଛୋଟ ବଖରାରେ ମୋତେ ରହିବାପାଇଁ ଦିଆଯାଇଥିଲା । ପ୍ରଥମରୁ ତ ମୋତେ ରାଜକୁମାର ମାନଙ୍କ ଠାରୁ ଅଲଗା କରି ଦିଆଯାଇଥିଲା ।

(କ୍ରମଶଃ)


ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ନାରୀ ସେ ତ ସର୍ବଂସହା....


ରଶ୍ମି ସାମଲ

ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫




ନାରୀ......ସେ ସୃଷ୍ଟି କାରିଣୀ । ସ୍ୱତନ୍ତ୍ର ଭାବରେ ମନୁଷ୍ୟର ସର୍ବ କାମନାର ସିଦ୍ଧିଠାରୁ ମୋକ୍ଷ ପର୍ଯ୍ୟନ୍ତ ସବୁ ହିଁ ନାରୀ ଶକ୍ତିର କରାମତି କହିଲେ ଅତ୍ୟୁକ୍ତି ହେବ ନାହିଁ। ମା' ହୋଇ ସତମାର୍ଗ, ସଦବୁଧି, ସଦଜ୍ଞାନ, ସତଚିନ୍ତା ପ୍ରଦାନ କରି ସୁ ପଥରେ ଯିବା ପାଇଁ ଅନୁଗାମୀ କରାଏ। ନାରୀ ଯେ ଧରିତ୍ରୀ ପରି ସର୍ବଂସହା। ଜାୟା ଜନନୀ ଭଗିନୀ ଏମିତି ଅନେକ ସମ୍ପର୍କରେ ସେ ବନ୍ଧା। ତେଣୁ ସମାଜରେ ନାରୀର ସ୍ଥାନ ଖୁବ ଉଚ୍ଚରେ। ନାରୀକୁ ଧରିତ୍ରୀ ସହ ତୁଳନା କରାଯାଇଛି କାରଣ ଏହି ଧରା ପୃଥିବୀ ଉପରେ ଆମେ ଯେତେ ପ୍ରକାରର ଅତ୍ୟାଚାର କଲେ ମଧ ସେ ସବୁ ମଥା ପାତି ସହିଥାଏ। ସେହିପରି ନାରୀଟିଏ ବିଭିନ୍ନ ପ୍ରକାରର ବାଧାବିଘ୍ନକୁ ସହି ସହଜ ଉପାୟରେ ସବୁ ସମସ୍ୟାର ସମାଧାନ କରିଥାଏ। ହୃଦୟ ତାର ଫୁଲଠୁ କୋମଳ। କଥାରେ ଅଛି ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି। ଜୀବନର ଅନେକ ଝଡ଼ ଝଞ୍ଜା ଭିତରେ ବାଧା ବିଘ୍ନକୁ ସାମ୍ନା କରିବାକୁ ପଡେ । ଆଉ ନାରୀଟିଏ ଦୃଢତାର ସହ ପଥର ରୂପୀ ସମସ୍ୟାକୁ ନିଜ ମୁଣ୍ଡ ଉପରେ ନେଇ ତାର ଶକ୍ତ ଆଘାତ ସହିବାକୁ ପଛାଏନି।

ନାରୀ ପୁଣି ଏକ ତରଫା ଅନୁଶାସନ ଭିତରେ ରହି ସେ ସ୍ନେହ ପ୍ରେମ ତ୍ୟାଗ ଓ ସେବା କରିପାରେ। ନାରୀର ବ୍ୟାଖ୍ୟା ଏତେ ସହଜ ନୁହେଁ। ପ୍ରକୃତରେ ଅସିମିତ ଅବର୍ଣ୍ଣେୟ । ନାରୀ ପୁରୁଷଠାରୁ କୌଣସି ଗୁଣରେ ବି କମ୍ ନୁହେଁ। ନାରୀର ପ୍ରତ୍ୟେକ କଥାରେ ଥାଏ ମଧୁରତା । କାମରେ ଆତ୍ମୀୟତା। ଆଉ ସେ ଗଢିପାରେ ସୁନାର ସଂସାର। ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ରୂପରେ ଏ ସମସ୍ତ କାର୍ଯ୍ୟ କରି ନିଜେ ଅନେକ ଦୁଃଖ ଓ ମାନସିକ ଯନ୍ତ୍ରଣା ସହେ। ହେଲେ କାହା ପାଖରେ ଦେଖେଇ ପାରେନି। ଏହାର ପ୍ରତିବଦଳରେ ତାକୁ ମିଳେ ଟିକେ ପ୍ରଶଂସା । ବାସ ସେତିକିରେ ସେ ଖୁସି।

ପାରିବାରିକ ଜଞ୍ଜାଳଠାରୁ ଆରମ୍ଭ କରି ରୋଷେଇ ଘରଠୁ ବିଜ୍ଞାନାଗାର ଓ ମହାକାଶ ଗବେଷଣା ଯାଏ ସବୁଠି ତାର ଗୁରୁତ୍ୱ ପ୍ରତିପାଦିତ ହେଉଛି। ସତରେ ନାରୀ ଏହି ସମାଜରେ କମନୀୟ ନମନୀୟ ପ୍ରେମ ପ୍ରୀତିମୟ ଜୀବନ୍ତ ପ୍ରତିଛବି। ଏହା ଈଶ୍ୱରଙ୍କର ଏକ ଅମୂଲ୍ୟ ଅବଦାନ। ନାରୀଟିଏ କନ୍ୟା ଜାୟା ଜନନୀ । ଏହି ତିନୋଟି ଶବ୍ଦରୁ ଗୋଟିଏ ଛାଡିଦେଲେ ସୃଷ୍ଟିର କଳ୍ପନା କରାଯାଇ ପାରେନା। ପ୍ରାଚୀନ ଭାରତରେ ନାରୀର ସ୍ଥାନ ବହୁ ଉର୍ଦ୍ଧ୍ୱରେ ଥିଲା। ବେଦ ଉପନିଷଦରେ ନାରୀକୁ ମା' ଓ ଦେବୀ ଆସନରେ ଦେଖିବାକୁ ମିଳେ। ମନୁସ୍ମୃତିରେ ଉଲ୍ଲେଖ ଅଛି ସଂସାରରେ ନାରୀ ହିଁ ସର୍ବାଙ୍ଗେ ଅମୂଲ୍ୟ ପ୍ରାଣୀ। ସେ ତାର ପିତ୍ରାଳୟରେ କନ୍ୟା ରୂପେ ଯଥାଚିତ କର୍ତ୍ତବ୍ୟ କରି , ଶାଶୁ ଘରେ ବୋହୂ ହୋଇ ସମସ୍ତଙ୍କୁ ନିଜର କରି ଚାଲିଥାଏ। ନାରୀ ପରିବାରକୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ। ଶାଶୁଘରେ ଗୃହଲକ୍ଷ୍ମୀର ପରିଚୟରେ ପରିଚିତ ହୋଇ ପାରିବାରିକ ସଂସାରକୁ ସୁରୁଖୁରୁରେ ଚଳାଇପାରେ। ଆଉ ଶିକ୍ଷା, ନାରୀକୁ ପ୍ରସସ୍ତ ମନା କରିଥାଏ। ନାରୀ ମା' ରୂପରେ ପିଲାମାନଙ୍କୁ ସଠିକ ଶିକ୍ଷା ଓ ସଂସ୍କାର ଦେଇଥାଏ। ଯଦ୍ୱାରା ପିଲା ଶୃଙ୍ଖଳିତ ହୋଇପାରି ଥାଆନ୍ତି। ସେଥିପାଇଁ ମା'କୁ ପିଲା ମାନଙ୍କର ପ୍ରଥମ ଶିକ୍ଷକ ବୋଲି କୁହାଯାଇଥାଏ।

ପିଲାର ଭବିଷ୍ୟତ ମାତାର ଶିକ୍ଷା ଉପରେ ନିର୍ଭର କରେ। ସେ ଭଲ ହେଲେ ସମାଜ ହୁଏ ପ୍ରଗତିଶୀଳ। ପିଲାଙ୍କୁ ଜାଣିବା ବୁଝିବା ଠିକ୍ ମାର୍ଗ ଦର୍ଶନ ଦେବା ଅତ୍ୟନ୍ତ ପ୍ରୟୋଜନ। ଯାହାକି ମା' ହିଁ ତୁଲାଇଥାଏ। ଯେଉଁ ଖାତାର ସବୁ ବିଷୟକୁ ସମ୍ଭାଳିବାର ଆଦବକାଇଦା ଜଣା ସେ ହିଁ ରଫ୍ ଖାତା । ତେଣୁ ପରିବାରର କର୍ତ୍ତବ୍ୟବାନ ନାରୀର ଅବସ୍ଥା ମଧ ଗୋଟେ ରଫ୍ ଖାତା ପରି ହୋଇଥାଏ। ପ୍ରେମ ପ୍ରେରଣାର ଭାବମୟ। ବିଧାନର ଦ୍ୱିତୀୟ ଦେବୀ ରୂପେ ପରିଚିତା। ପାଉଁଶ ଭିତରର ସୁବର୍ଣ୍ଣ ସତ୍ୟ । ନାରୀ ହିଁ ଅନନ୍ତ ବ୍ରହ୍ମ ମମତାର ମୃଣ୍ମୟୀ ଜନନୀ । ସେ ନାରାୟଣୀ । ନାରୀ ପ୍ରେମରେ ହିଁ ପରିପୂର୍ଣ୍ଣ ସେଥିପାଇଁ ସେ ପ୍ରତିବାଦୀ ସହ ବନ୍ଧୁତା କରେ। ଉଦାର ସହନଶୀଳତା ତାର ବୈଶୀଠ। ତେଣୁ ସେ ବିଶ୍ୱାସର ବହ୍ନି ବିନ୍ଦୁରେ ଗଢିପାରେ ବି ସିନ୍ଧୁ। ସଂସାର ରକ୍ଷା ପାଇଁ ଈଶ୍ୱର ପ୍ରଥମେ ନାରୀକୁ ହିଁ ଗଢିଥିଲେ। ସେ ପୁତ୍ର କନ୍ୟା ଦେଇ ବଂଶ ରକ୍ଷା କରେ । ସ୍ୱାମୀ ଓ ସନ୍ତାନମାନଙ୍କ ସୁଖ ମନାସିଥାଏ। ମମତାର ମନ୍ଦିର ରୁପକ ହୃଦୟ ତାର। ସେ ତାରି ପଣତ ଡୋରୀରେ ସଭିଙ୍କୁ ବାନ୍ଧି ରଖେ। ଦୀପ ପରି ଜଳି ଜଳି ଆଲୋକ ଦେଖାଏ। କନ୍ୟାରୁ ନାରୀ ହୋଇ ସଂସାର ହସାଏ। ଶାଶୁ ଘରକୁ ନିଜ ଘର ଆଉ ଶାଶୁ ଶଶୁରଙ୍କୁ ନିଜ ବାପା ମା' ଙ୍କ ଭଳି ମାନି ସମସ୍ତ ଶାଶୁ ଘର ଲୋକଙ୍କୁ ନିଜର କରି ସମାନତା ରକ୍ଷା କରି ଚାଲିଥାଏ। ସନ୍ତର୍ପଣରେ ସବୁତକ ଜଞ୍ଜାଳ ମୁଣ୍ଡାଇଥାଏ । ମା' ହୋଇ ସାତ ତାଳ ପଙ୍କରୁ ଉଠି ଆସି ମେଣ୍ଟାଏ ସନ୍ତାନର ଶୋଷ। ମାତା ପିଲାର ଜନ୍ମ ଦାତ୍ରୀ, ଶ୍ରେଷ୍ଠ ଆଶ୍ରୟଦାତ୍ରୀ , ତଥା ସର୍ବଦା ନିଜର ସୃଷ୍ଟିକୁ ସୁରକ୍ଷା ଯୋଗାଇ ଆସିଛି। ଆମ ସଂସ୍କୃତି ବି ମାତୃ କୈନ୍ଦ୍ରିକ।

ଏହି କାରଣରୁ ଆମ ଦେଶକୁ ଭାରତ ମାତା ରୂପେ ବର୍ଣ୍ଣନା କରାଯାଇଅଛି। ସବୁ ସାଧନାର ସିଦ୍ଧି ମୂଳରେ ମାତୃଶକ୍ତିର ପ୍ରଚ୍ଛନ୍ନ ଆର୍ଶିବାଦ ରହିଛି। ସେଥିପାଇଁ ନାରୀ ଜାତି ସର୍ବଦା ପୂଜନୀୟ ବନ୍ଦନୀୟା ତଥା ସମ୍ମାନୀୟା। ଏବେ ପ୍ରତି କ୍ଷେତ୍ରରେ ସଫଳ ଝିଅ ଓ ମହିଳାମାନେ ସମାଜ ପାଇଁ ପ୍ରେରଣାର ସ୍ରୋତ। କଥାରେ ଅଛି ପୁରୁଷଟେ ଶିକ୍ଷିତ ହେଲେ ଜଣେ ହିଁ ଶିକ୍ଷିତ ହୁଏ । ନାରୀ ଶିକ୍ଷିତ ହେଲେ ସାରା ପରିବାରକୁ ଶିକ୍ଷା ଦେଇଥାଏ। ତେଣୁ ସମସ୍ତଙ୍କୁ ନିଜର ପରିଚୟ ସୃଷ୍ଟି କରିବା ଦିଗରେ କୁସ୍ତା ରଟନା ନ କରି ପ୍ରୋତ୍ସାହିତ କଲେ ସୁସ୍ଥ ସୁନ୍ଦର ସମାଜ ସଂସ୍କାର ପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇପାରିବ।

ନାରୀଟିଏ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପୁତ୍ର ସ୍ୱାମୀ ଓ ପରିବାରର ଅନ୍ୟାନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପାଇଁ ନିଜର ଦାୟିତ୍ୱ ସୁଚାରୁ ରୂପେ ପାଳନ କରିଥାଏ। ସ୍ନେହ ଶ୍ରଦ୍ଧା ସାହାଯ୍ୟ ସହଯୋଗର ଉଦ୍ଦେଶ୍ୟ ନେଇ ଆଦର୍ଶ ପରିବାରଟିଏ ଗଢ଼ିଥାଏ। ମୁଣ୍ଡପାତି ସବୁ ସହିଯାଏ ପ୍ରତିବାଦ କେବେ କରେନି । ନିଜ ପାଇଁ ନିଜ ପରିବାର ପାଇଁ କଣ ବା ପ୍ରତିବାଦ କରିବ । ବରଂ ନିଜ ପରିବାରକୁ ସଜାଡ଼ିବାକୁ ଶ୍ରେୟ ମଣି ସେ ସର୍ବତ୍ୟାଗୀ ହୋଇଯାଏ। ହୃଦୟ ତାର ପରିବ୍ୟାପ୍ତ, ପ୍ରେମ ଆଉ ସ୍ନେହର ଅସରନ୍ତି ଭଣ୍ଡାର। ତେଣୁ ନାରୀ ହିଁ ସର୍ବଂସହା। ସଭିଙ୍କ ଲାଗି ଉତ୍ସର୍ଗ ତା ଜୀବନ। ଏହି ମହିୟସୀ ନାରୀ ଜାତିକୁ ସଦା ସର୍ବଦା ସମ୍ମାନ କରିବା ଉଚିତ।

## ଆଜିର କବିତା

### ହୃଦୟ ଓ ସମୟ...

ସ୍ନିଗ୍ଧା. ଜି. ମହାପାତ୍ର



ସକାଳୁ ରାତିଯାଏ, ରାତିରୁ ଭୋର ଯାଏ
ଟିକଟିକ ଶବ୍ଦ କରି ଆମ ସାଥେ ଚାଲିଥାଏ
ଠିକ ସମୟ ର କଣ୍ଟା ପରି....
ଦୁଃଖରେ ସୁଖରେ ଅନବରତ ଭାବରେ
ଅନେକ ଯନ୍ତ୍ରଣାରେ ତାକୁ ବନ୍ଦ କରିବାକୁ
ଚାହିଁଲେ ବି ସେ ବନ୍ଦ ହୁଏନା .
ଚାଲିଥାଏ ସେ ଶୟନେ,
ସ୍ୱପନେ, ଜାଗରଣେ
ଅନୁଭବ କରାଇ ତାର ଚେତନା..
...... ତାର ଉପସ୍ଥିତି ଜଣାଏ ପ୍ରତିଟି ଶିରାରେ
ଧମନୀରେ ଆଉ ପ୍ରଶ୍ୱାସରେ
ତାକୁ କେହି ଭଲ ପାଉ ବା ନ ପାଉ
ସେତ ଜାଣେ କେବଳ ଭଲ ପାଇବା
ଭଲ ପାଇବା ପ୍ରତିଟି ଚେତନାକୁ..
ଅନୁଭବ କରିବା ଈଶ୍ୱରୀୟ ସତ୍ତାକୁ
କିଏ କହେ ସେ ଦଗା ଦିଏ, ଭାଙ୍ଗିଦିଏ ମନ
ପାଶୋରି ଦିଅନ୍ତି ସେ ଦେଇଥିବା ମିଠାପଣ
ସେ ତ ଚାହେଁ ଦେବାକୁ ଜହ୍ନର ଜୋଛନା
ଈଶ୍ୱରୀୟ ଭାବନା, ଜୀବ ମାତ୍ରେ କରୁଣା
ତୁମେ ତାକୁ ସଜାଅ ଦେଇ ତୁମ ଭାବନା
ନିହିତ ଥାଏ ଯହିଁ ଅହଂ,
ଇର୍ଷା, ଆଉ ଛଳନା
ଚକିତ ହୋଇ ସେ ହୁଏ ବିବଶ...
ପାଶୋରିଛ ବୋଲି ତାର ପରଶ
ସେ ଦେଇଥିବା କେତେ ହରଷ
ନୀରବରେ ନିଗାଡ଼ି ଦିଏ କେତେ ଲୁହ ...
ସେଇ ଆବୋଦ୍ଧକୋଠରୀ ରେ ପ୍ରତିଧ୍ୱନିତ
ହୋଇ ମିଳାଇ ଯାଏ ତା ଅନ୍ତରର କୋହ
ସମୟର ଘଣ୍ଟା କଣ୍ଟା ପରି ଚାଲିଥାଏ
ଟିକ ଟିକ ହୋଇ ସେଇ
ନିବୁଜ କୋଠରୀରେ
ବ୍ୟାଟେରୀ ପରି ତାକୁ ଦେଇଥିବା ଶକ୍ତି ସହ
ଲୁପ୍ତ ହେବାକୁ ଚାହେଁ ଶେଷେ
ଈଶ୍ୱରୀୟ ସତ୍ତାରେ
ସାଉଁଟି ନେଇ ସମସ୍ତ ନିର୍ମଳ
ଭାବ ସବୁ ହୃଦୟର ।

+ବାରିପଦା ମୟୁରଭଞ୍ଜ

### ମୋ ସୁନା ଧନ

ଝରଣା ବାରିକ



ଗର୍ଭେ ଧରିଥିଲି ଦଶ ମାସ ତତେ
ହେଉଥିଲି ଖୁସି କେତେ,
ତୋ କୁନି ପାଦର ଗୋଇଠା ମାଡ଼ରେ
ହସୁଥିଲି ମୁହିଁ ସେତେ।
ଦୁଃଖ ସବୁ ମୋର ଭୁଲି ଯାଇଥିଲି
ତୋତେ ପାଇ ମୋର କୋଳେ,
ଖୁସିରେ ବିଭୋର ହୋଇ ଉଠୁଥିଲି
ହସୁ ଥିଲୁ ଯେତେ ବେଳେ।
ହାତ ଧରି ତୋତେ ଚାଲି ଶିଖାଇଲି
ହେବୁ ମୋର ଦିନେ ସାହା,
ବୁଝିବୁ ମୋ ଦୁଃଖ ବଡ଼ ହେବା ପରେ
ଦୁଃଖିନିର ହେବୁ ରାହା।
ମୁହିଁ ନ ଖାଇଲେ ଖୋଇ ଦେଉଥିଲୁ
କୁନି କୁନି ହାତେ ତୋର,
କାହିଁକି ଏମିତି ଭୁଲି ଗଲୁ ଧନ
ଛିଡିଲା ସମ୍ପର୍କ ଡୋର।
ତଥାପି ପାର୍ଥନା କାଳିଆ ପାଖରେ
ତୋତେ ହେଉଥାନ୍ତୁ ସାହା
ଭୁଲି ଯାଆ ପଛେ ଏ ବୁଢ଼ୀ ମାଆକୁ
ତୁ ଧନ ଭଲରେ ଥାଆ।

+ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- ୯୫୫୬୮୪୬୯୩୨

# ନିର୍ମାଣ ଶ୍ରମିକ ପ୍ରମାଣପତ୍ର ପ୍ରାପ୍ତି ଦାବିରେ ଶ୍ରମ କାର୍ଯ୍ୟାଳୟ ଘେରାଓ

ଭଦ୍ରକ,୨୪।୩ (ନି.ପ୍ର): ନିର୍ମାଣ ଶ୍ରମିକ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଥିବା ଶ୍ରମିକମାନେ ପ୍ରମାଣପତ୍ର ପାଇବା ଦାବିରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଘେରାଓ କରିବା ସହ ଗଣଧାରଣାରେ ବସିଥିଲେ। ଭଦ୍ରକ ଜିଲ୍ଲାର ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟ କରୁଥିବା ବହୁ ପୁରୁଷ ଓ ମହିଳା ନିର୍ମାଣ ଶ୍ରମିକ ପ୍ରମାଣ ପତ୍ର ପାଇବାରୁ ବଂଚିତ ରହିଛନ୍ତି। ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରକାର ଯେଉଁ ସହାୟତା ଯୋଗ ଦେଇଛନ୍ତି ତାହା ସେମାନେ ପାଇ ପାରୁ ନାହାନ୍ତି। ଗ୍ରାମର ପାନ ଦୋକାନୀ, ଚା' ଦୋକାନୀ,ଗ୍ରୋସରୀ ଦୋକାନୀ, ପରିବା ଦୋକାନୀ, ସାଇକେଲ ଦୋକାନୀ, ଟିଉସନ ମାଷ୍ଟର ଭଳି ବିଭିନ୍ନ ବ୍ୟବସାୟ କରି ଭଲ ଅର୍ଥ ଉପାର୍ଜନ କରୁଥିବା ଲୋକେ




ଜାଲିଆତି କରି ନିଜକୁ ଶ୍ରମିକ ଦର୍ଶାଇ ପ୍ରମାଣପତ୍ର ହାତେଇ ସରକାରୀ ସହାୟତା ଲୁଟ କରୁଛନ୍ତି। ଅଥଚ ଯେଉଁମାନେ ଦିନ ରାତି ଖଟିଖଟି ପରିବାର ପ୍ରତିପୋଷଣ କରୁଛନ୍ତି, ସେମାନେ ନିଜର ହକ୍ ପାଇବାରୁ ବଂଚିତ ହେଉଛନ୍ତି ବୋଲି ଧାରଣାକାରୀ ଶ୍ରମିକମାନେ ଆରୋପ କରିଥିଲେ। କିଛି ଦଲାଲ ଗାଁ ଗାଁ ବୁଲି ବିଭିନ୍ନ ୟୁନିୟନର ଏଜେଣ୍ଟ କହି ଟଙ୍କା ନେଇ ପ୍ରମାଣପତ୍ର ବିକୁଛନ୍ତି। ଗରିବ ଶ୍ରମିକଟିଏ ଟଙ୍କା ଦେଇ ନ ପାରି ନିଜର ପ୍ରମାଣପତ୍ର ପାଇ ପାରୁ ନାହିଁ। ଯେଉଁମାନେ ସିଧା ସଳଖ ପ୍ରମାଣ ପତ୍ର ପାଇଁ ଶ୍ରମ କାର୍ଯ୍ୟାଳୟକୁ ଆବେଦନ କରୁଛନ୍ତି, କିଛି ଦିନ ପରେ ସେମାନଙ୍କ କାଗଜପତ୍ର ଅଫିସରୁ ଗାୟବ ହୋଇ ଯାଉଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଏଜେଣ୍ଟ ଆଉ ଶ୍ରମ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀଙ୍କ ସଲା ସୁତରାରେ ନିର୍ମାଣ ଶ୍ରମିକ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଯେଉଁମାନେ ପ୍ରମାଣପତ୍ର ପାଇବା ପାଇଁ ହକ୍ ସେମାନଙ୍କୁ ପ୍ରମାଣପତ୍ର ଯୋଗାଇ ଦେବାକୁ ଦାବି କରାଯାଇଥିଲା। ପରେ ଶ୍ରମ କମିଶନର ଧାରଣା ସ୍ଥଳକୁ ଆସି ପ୍ରକୃତ ଶ୍ରମିକଙ୍କୁ ନିଶ୍ଚୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା। ଶ୍ରମିକ ନେତା ସୁଶାନ୍ତ ଜେନାଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ମହାଳିକ, ଗଣେଶ ମହାଳିକ, ସଞ୍ଜୟ ମହାଳିକ, ନୟନ ମହାଳିକ, ଜାନକୀ ମହାଳିକ, ଗୌରୀ ମହାଳିକ, ତପନ କୁମାର ଯେନା, ସତ୍ୟଭାମା ଯେନା, ଚିତ୍ତରଂଜନ ଜେନା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ୨୬ ମାର୍ଚ୍ଚ ଭାରତ ବନ୍ଦକୁ ସଫଳ କରିବା ପାଇଁ ରାଜ୍ୟ ସ୍ତରୀୟ କୃଷକ ଅଧିକାର ସମାବେଶରେ ଆହ୍ୱାନ

ଭୁବନେଶ୍ୱର,୨୪।୩ (ନି.ପ୍ର): ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ ଆହୁତ ୨୬ ମାର୍ଚ୍ଚ ଭାରତ ବନ୍ଦକୁ ଓଡିଶାରେ ସଫଳ କରିବା ନିମନ୍ତେ ରାଜ୍ୟ ସ୍ତରୀୟ କୃଷକ ଅଧିକାର ସମାବେଶରେ ଆହ୍ୱାନ ଦିଆଯାଇଛି । ୧୨ ମାର୍ଚ୍ଚ ଠାରୁ ୨୩ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପୀ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କୃଷକ ଅଧିକାର ଯାତ୍ରା ଆଜି ଭୁବନେଶ୍ୱରରେ କୃଷକ ଅଧିକାର ସମାବେଶ ସଂଗଠିତ କରି ଉଦ୍‌ଯାପନ କରାଯାଇଛି । ଶହୀଦ୍ ଭଗତ୍ ସିଂହ, ଶୁକଦେବ ଏବଂ ରାଜଗୁରୁଙ୍କ ବଳିଦାନ ଦିବସରେ ବଳିଦାନ ଦିବସରେ ଭୁଭନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗଠାରେ ଅନୁଷ୍ଠିତ କୃଷକ ସମାବେଶରେ କୃଷକ ନେତୃବୃନ୍ଦ କହିଛନ୍ତି ଯେ, ମୋଦି ସରକାର କୃଷକ ସର୍ବନାଶକାରୀ , କୃଷି ଧ୍ୱଂସକାରୀ ଏବଂ ଜନବିରୋଧୀ ଏହି ୩ କୃଷି ଆଇନକୁ ରଦ୍ଦ କଲା ପର୍ଯ୍ୟନ୍ତ କୃଷକ ଆନ୍ଦୋଳନ ବୋଲି ଘୋଷଣା କରଯାଇଛି । ରାଜ୍ୟ ବ୍ୟାପି ଅନୁଷ୍ଠିତ କୃଷକ ଅଧିକାର ଯାତ୍ରାରେ, କୃଷକ ମାନଙ୍କର ଅକୁଣ୍ଠ ସମର୍ଥନ ସଭା, ଏବଂ ବିପୁଳ ସମ୍ବର୍ଦ୍ଧନାରୁ ସ୍ୱଷ୍ଟ ସୂଚନା ମିଳୁଛି ଯେ ମୋଦି ସରକାର କୃଷକମାନଙ୍କଠାରୁ ବିଚ୍ଛିନ୍ନ ହୋଇ ପଡିଛନ୍ତି । କଂଟ୍ରାକ୍ଟ ଫାର୍ମିଂ ନାମରେ ପ୍ରକୃତି ଦତ ଅମୁଲ୍ୟ ଜମି ଏବଂ ଚାଷ ଉପରେ ଚାଷୀର ଅଧିକାରକୁ କ୍ଷୁର୍ଣ୍ଣ କରିବା ଆଇନକୁ ରଦ୍ଦ କରିବା, କୃଷି ବିପଣନ ଆଇନ ନାମରେ ସରକାରୀ ମଣ୍ଡି ବ୍ୟବସ୍ଥାକୁ ଅକାମୀ କରି ପ୍ରାଇଭେଟ୍ ମଣ୍ଡି ବ୍ୟବସ୍ଥାକୁ ପ୍ରଚଳନ କରିବା ଆଇନକୁ ରଦ୍ଦ କରିବା, ଅତ୍ୟାବଶ୍ୟକ ଆଇନ ସଂଶୋଧନ ସାମଗ୍ରୀ ଆଇନ ନାମରେ ସାରା ଦେଶର ଖାଦ୍ୟ ସାମଗ୍ରୀର ଭଣ୍ଡାରଣ ଚାବିକାଠିକୁ କର୍ପୋରେଟ୍ ହାତକୁ ଟେକିଦେବା, ଆଇନକୁ ରଦ୍ଦ କରିବା, ଦାବିରେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି ।

## ପୂର୍ବତଟ ରେଳପଥର କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ଭୁବନେଶ୍ୱର,୨୪।୩ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣଙ୍କ ଅଧକ୍ଷତାରେ ପୂର୍ବ ତଟ ରେଳବାଇର ୪୫ ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ଏବଂ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।
ଗତ ତ୍ରୟ-ମାସିକରେ ରାଜଭାସର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା ଏବଂ ଆସନ୍ତା ତ୍ରୟ-ମାସିକ ପାଇଁ କାର୍ଯ୍ୟ ଯୋଜନା ଉପରେ ମଧ ଆଲୋଚନା କରାଯାଇଥିଲା। ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ରେଳ କର୍ମଚାରୀଙ୍କୁ ଦିନକୁ ଦିନ ସରକାରୀ କାର୍ଯ୍ୟରେ ରାଜଭାଷା ହିନ୍ଦୀ ବ୍ୟବହାର ପାଇଁ ପରାମର୍ଶ କରିଥିଲେ। ହିନ୍ଦୀ ଅନୁବାଦ କାର୍ଯ୍ୟ ସମୟରେ ସରଳ ଶବ୍ଦ ବ୍ୟବହାର କରିବାକୁ ମଧ ସେ ପରାମର୍ଶ ଦେଇଛନ୍ତି।
କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକକୁ ପ୍ରମୁଖ ସୁରକ୍ଷା ଅଧିକାରୀ ତଥା ମୁଖ୍ୟ ରାଜଭାଷା ଅଧିକାରୀ ଶୈଳେନ୍ଦ୍ର କପିଲ ସଂଯୋଜନା କରିଥିଲେ।

# ସହୀଦ ଦିବସରେ 'ପାରାଦୀପ ୟୁନିଟ୍ ଟ୍ରଷ୍ଟ' ପକ୍ଷରୁ ରକ୍ତଦାନ ଶିବିର

ପାରାଦୀପ,୨୪।୩ (ନି.ପ୍ର): ଭାରତର ମହାନ ସ୍ୱାଧିନତା ସଂଗ୍ରାମୀ ସହୀଦ୍ ଭଗତ ସିଂହ, ସୁଖଦେବ, ରାଜଗୁରୁଙ୍କ ୯୦ତମ ସହୀଦ ଦିବସ ପରିପ୍ରେକ୍ଷୀରେ ପାରାଦୀପର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପାରାଦୀପ ୟୁନିଟ୍ ଟ୍ରଷ୍ଟ' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଙ୍ଗଳବାର ଦିନ ମଧୁବନସ୍ଥିତ ଜିଜେଏଆଇ କଲୋନୀର ଭାଗବତ ମୈଦାନ ଠାରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପର ପୂର୍ବତନ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ



ଭାବେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧରେ ଜଗତ୍‌ସିଂହପୁର ଏନ୍‌ଏସି ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଶ୍ରୀଜଗନ୍ନାଥ ଗବେଷକ ପ୍ରଫେସର ଧୃତିଧର ଦାସ, ପାରାଦୀପର ପୂର୍ବତନ ପାରିଷଦ ଶଙ୍କର ପ୍ରସାଦ ରାଉତ, ଚପଳା ସ୍ୱାଇଁ, ସୁଶୀଲ ମହାପାତ୍ର, ଜ୍ୟୋତିକାନ୍ତ ପରିଡା, ପ୍ରଭାତୀ ନାୟକ, ଆଲୋକ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ମହାନ ଦିବସରେ ପାରାଦୀପ ୟୁନିଟ ଟ୍ରଷ୍ଟର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ତେବେ କରୋନା ସଂକ୍ରମଣ କଟକଣା ମଧରେ ଏହି ଶିବିରରୁ ୫୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପଦେଷ୍ଟା ପ୍ରଶାନ୍ତ ସ୍ୱାଇଁ, ସଭାପତି ତପନ କୁମାର ସ୍ୱାଇଁ, ଉପସଭାପତି ମଳୟ ସ୍ୱାଇଁ ଓ ସୁଶାନ୍ତ ସ୍ୱାଇଁ, ନିରଂଜନ ବଳ, ଅନିଲ ନାୟକ, ଦିପକ ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ପୁନଃ ଉଦ୍ଧାର ହେବ ଜୟପୁର ଐତିହାସିକ ନୀଳକଣ୍ଠ ସାଗର

ଜୟପୁର,୨୪।୩ (ନି.ପ୍ର): ଜୟପୁର ଐତିହାସକ ନୀଳକଣ୍ଠ ସାଗର ପୁନଃଉଦ୍ଧାର ପାଇଁ ୯ କୋଟି ୯୭ ଲକ୍ଷ ଟଙ୍କା ଅନୁଦାନ ଆସିଛି । ଜିଲାପାଳ ଅବଦଲ ଅଖତର ଆଜି ନିଳକଣ୍ଠ ସାଗର କୁ ଯାଇ ସମିକ୍ଷା କରିଛନ୍ତି । ସମୀକ୍ଷା ସମୟରେ ଉପଜିଲାପାଳ ହେମ କାନ୍ତ ସାୟ, ଜୟପୁର ପିଏ ଆଇଟିଡିଏ ଗୋପିନାଥ ସାରକା, ବିଡିଓ ଉପସ୍ଥିତ ଥିଲେ । ଏହାର ପୁନଃ ଉଦ୍ଧାର କରିବା ପାଇଁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟମନ୍ତ୍ରୀ,ରାଜ୍ୟ ଗୃହ ଉନ୍ନୟନ ଓ ସହରାଂଚଳ ବିକାଶ ମନ୍ତ୍ର. ଓ ସଚିବ ଙ୍କୁ ଭେଟି ଅନୁରୋଧ ପତ୍ର ଦେଇଥିଲେ । ଏହି କ୍ରମରେ ରାଜ୍ୟ ଗୃହ ଉନ୍ନୟନ ସହରା ଳ ବିଭାଗ ପକ୍ଷରୁ ଏହାର ପୁନଃ ଉଦ୍ଧାର ପାଇଁ ୯ କୋଟି ୯୭ ଲକ୍ଷ ୪୩ ହଜାର ଟଙ୍କା ମଞ୍ଜୁର କରିଥିବା ବିଧାୟକ ବାହିନିପତି ଗଣମାଧ୍ୟମ କୁ ଚନା ଦେବା ସହ ସରକାର ଚିଠି ମଧ୍ୟ ପ୍ରଦାନ କରିଛନ୍ତି । ଜୟପୁର ସହର ଓ ନିବାଚନ ମଣ୍ଡଳିର ସାମଗ୍ରୀ ବିକାଶ କରିବା ପାଇଁ ବାହିନିପତି ସଂକଳ୍ପବଦ୍ଧ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ଗତ ସାଧାରଣ ନିବାଚନ ରେ ବିଧାୟକ ବାହିନିପତି ନନିବାଚନ ଇସ୍ତାହରରେ ଐତିହାସିକ ନିଳକଣ୍ଠ ସାଗରର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତେହା ପୁରଣ ହୋଇଥିବାରୁ ସେ ଓ ଜୟପୁର ବାସୀ ମଧ୍ୟ ଖୁସି ପ୍ରକଟ କରିଥିବା ଲକ୍ଷ୍ୟ କରାଯାଇଛି । ରକ୍ଷଣା, ବେକ୍ଷଣ ଅଭାରୁ ଧିରେ ଧିରେ ରାଜରୁଜୁଡା ଅମଳ ନିଳକଣ୍ଠ ସାଗର ଲୋପ ପାଇବାକୁ ବସିଥିଲା । ଏହା ସହ ଜବର ଦଖଲ ମଧ୍ୟ ହୋଇଛି । ଏହାକୁ ଉଛେଦ କରି କାଯ୍ୟ ଆରମ୍ଭ ହେବାକୁ ଯାଉଛି । ପରେ ସାଗର ପୁନଃଉଦ୍ଧାର ସହ ସୌନ୍ଦଯ୍ୟ କରଣ ମଧ୍ୟ ହେବ ବୋଲି ବାହୀନିପତି ସୁଚନା ଦେଇଛନ୍ତି । ସେହିପରି ଜୟପୁର ଏୟାରଷ୍ଟ୍ରିର ସମ୍ପ୍ରସାରଣ କାଯ୍ୟ ଚାଲିଥିବା ବେଳେ ଏହାର ସମିକ୍ଷା କରିଛନ୍ତି ଜିଲାପାଳ ଅବଦୁଲ ଅଖତାର । ଜିଲାପାଳ ଏୟାରଷ୍ଟ୍ରିପରେ ପହଂଚି ଦକ୍ଷିଣ ପଟେ ଥିବା କେନାଲ ଓ ଉତର ପଟେ ଯାଇ ସ୍ଥିତି ପରୀକ୍ଷି ଥିଲେ । ଜିଲାପାଳ ୨ ବି ଲାଇସେନ୍ସ ପାଇଁ ଅବେଦନ କରାଯାଇଥିବା ବିଷୟ ସୁଚନା ଦେଇଥିଲେ ।

# ଭଗତ୍‌ସିଂଙ୍କ ବିଚାର ଓ ରାଷ୍ଟ୍ରବାଦ ଶୀର୍ଷକରେ ଆଲୋଚନା ଚକ୍ର

ଭୁବନେଶ୍ୱର,୨୪।୩ (ନି.ପ୍ର): ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ଭୁବନେଶ୍ୱର ଠାରେ ମହାନ୍ ବିପ୍ଳବୀ ଶହୀଦ୍-ଏ-ଆଜମ୍ କ. ଭଗତ୍ ସିଂଙ୍କ ୯୦ତମ ଶହୀଦ ଦିବସ ପାଳନ ଅବସରରେ ଭଗତ୍ ସିଂଙ୍କ ବିଚାର ଓ ରାଷ୍ଟ୍ରବାଦ୍ ଶୀର୍ଷକରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ବିଜୟ ବହିଦାର ଏହି ଆଲୋଚନାରେ ଯୋଗଦେଇ ଶୋଷଣମୁକ୍ତ ସମାଜବାଦୀ ସମାଜ ଗଠନ ହିଁ ଭଗତ୍‌ସିଂଙ୍କ ଏକମାତ୍ର ଲକ୍ଷ୍ୟ ଥିଲା ଓ ତାଙ୍କ ବିଚାରର ସମାଜ ପ୍ରତିଷ୍ଠା ପାଇଁ ଆଜିର ଛାତ୍ର ସମାଜ ସଂକଳ୍ପ ନେବା ହିଁ ପ୍ରକୃତ ଦେଶପ୍ରେମ ବୋଲି କହିଥିଲେ । ଅଖିଳ ଭାରତ ଛାତ୍ର ସଂଘର ପୂର୍ବତନ ଜାତୀୟ ସଭାପତି କଂ. ରାମକୃଷ୍ଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ରାଷ୍ଟ୍ରର ଅର୍ଥ କୌଣସି ଅଙ୍କାଯାଇଥିବା ସୀମାରେଖା ନୁହେଁ, ରାଷ୍ଟ୍ର ତା'ର ପ୍ରତିଟି ଲୋକଙ୍କୁ ନେଇ ତିଆରି ଏବଂ ସମ୍ପ୍ରତି ଦେଶରେ ସାଧାରଣ ଜନତାଙ୍କର ଅଧିକାର ପାଇଁ ଉଠୁଥିବା ପ୍ରତିଟି ସ୍ୱରକୁ ଆଂଟି ନ୍ୟାସ୍‌ନାଲ୍‌ର ଆଖ୍ୟା ଦିଆଯାଉଛି ବୋଲି କହିଥିଲେ। ସେ ଏହା ମଧ କହିଥିଲେ ଯେ, ଭଗତ୍ ସିଂ ଜଣେ ସଚ୍ଚା ଦେଶପ୍ରେମୀ ଥିଲେ ଏବଂ ଦେଶପ୍ରେମୀ ଓ ରାଷ୍ଟ୍ରବାଦୀ ଦୁଇଟି ସମାନ କଥା ନୁହେଁ । ପାଠ୍ୟ ପୁସ୍ତକରେ ଭଗତ୍ ସିଂଙ୍କ ଜୀବନୀ ପଢ଼ା ନଯାଇ ବ୍ରିଟିଶ ସରକାରକୁ କ୍ଷମା ମାଗି ତାଙ୍କଠାରୁ ଦରମା ନେଉଥିବା ସାବରକରକୁ କାହିଁକି ପଢ଼ାଯାଉଛି ବୋଲି ଏ.ଆଇ.ଏସ୍.ଏଫ୍.ର ରାଜ୍ୟ ସଭାପତି କଂ. ସଂଘମିତ୍ରା ଜେନା ପ୍ରଶ୍ନ ଉଠାଇଥିଲେ। ଆଗାମୀ ପିଢୀ ଦେଶପାଇଁ ପ୍ରାଣବଳୀ ଦେଇଥିବା ଭଗତ୍ ସିଂଙ୍କୁ ନୁହେଁ, ଇଂରେଜ୍‌ମାନଙ୍କୁ କ୍ଷମା ମାଗି ତାଙ୍କଠାରୁ ଦରମା ନେଉଥିବା ସାବର୍‌କରଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରନ୍ତୁ ବୋଲି ଆଜିର ଶିକ୍ଷା ବ୍ୟବସ୍ଥା ଚାହୁଁଛି। ସେଥିପାଇଁ ସତାଧାରୀଙ୍କ ଷଡ଼ଯନ୍ତ୍ରରେ ସାବରକରଙ୍କୁ ଦେଶପ୍ରେମୀ ସଜାଇ ଷଷ୍ଠ ଶ୍ରେଣୀର ପାଠ୍ୟପୁସ୍ତକରେ ପଢାଯାଉଛି ବୋଲି ଛାତ୍ରସଂଘର ରାଜ୍ୟସଭାପତି କ. ସଙ୍ଘମିତ୍ରା ଜେନା କହିଥିଲେ। ମହାନ୍ ଦେଶପ୍ରେମୀ ଭଗତ୍ ସିଂଙ୍କ ଜୀବନୀ ଓ ତାଙ୍କ ଲେଖାଗୁଡ଼ିକୁ ପାଠ୍ୟ ପୁସ୍ତକରେ ସାମିଲ୍ କରାଯିବା, ଜାତୀୟ ଶିକ୍ଷାନୀତି ୨୦୨୦ ଓ ସ୍କୁଲ୍ ବନ୍ଦ ନିଷ୍ପତି ପ୍ରତ୍ୟାହାର ଭଳି ଶିକ୍ଷା ସମ୍ବଳିତ ଦାବି ଗୁଡ଼ିକ ଏହି ଆଲୋଚନା ଚକ୍ରରେ ଉତ୍‌ଥାପିତ ହୋଇଥିଲା। ସାମ୍ବାଦିକା ଗାର୍ଗୀ ଶତପଥୀ ଓ ସ୍ତମ୍ଭକାର ସତୀଶ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ସଂଗ୍ରାମ ପାଇଁ ଉତ୍ସାହିତ କରିଥିଲେ। ଛାତ୍ର ନେତା କ. ବିବେକ୍ କୃଷ୍ଣା, ଶୁଭ୍ରାଜ୍ୟୋତି ସାହୁ, ରଶ୍ମି ବେହେରା ଓ ଜନ୍ମଜୟ ରାଉତ ପ୍ରମୁଖ ଆଲୋଚନାରେ ନିଜ ମତ ଉପସ୍ଥାପନ କରିଥିବା ବେଳେ କ. ଦିନେଶ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୮୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଚାଷୀନେତା ରାକେଶ ଟିକାୟତଙ୍କ ଉପରେ ଗୁରୁଦ୍ୱାର ସାମ୍ନାରେ ଆକ୍ରମଣ ପ୍ରତିବାଦରେ ଗଣଉପବାସ

ଭୁବନେଶ୍ୱର,୨୪।୩ (ନି.ପ୍ର): ଶହୀଦ ଦିବସ ପାଳନ ଅବସରରେ କଳାକାନୁନ ପ୍ରତ୍ୟାହାର ଓ ଚାଷୀନେତା ରାକେଶ ଟିକାୟତଙ୍କୁ ଗୁରୁଦ୍ୱାର ସାମ୍ନାରେ ଅସାମାଜିକ ତତ୍ୱଙ୍କ ଆକ୍ରମଣ ପ୍ରତିବାଦରେ ଲୋୟର ପିଏମ୍‌ଜିରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ଗଣଉପବାସ ଅନୁଷ୍ଠିତ ହୋଇଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନର କର୍ମକର୍ତାଙ୍କୁ ଉଦ୍‌ବୋଧନ ଦେଇ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଲେ ଯେ, ଭଗତ ସିଂଙ୍କ ଦେଶ ପାଇଁ ବଳିଦାନ ଆଜି ପର୍ଯ୍ୟନ୍ତ ଯୁବକଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି। ସାରା ଦେଶରେ ଶୋଷଣମୁକ୍ତ ସମତା ଆଧାରିତ ସମାଜ ପାଇଁ ଯେଉଁ ସ୍ୱପ୍ନ ସେ ଦେଖିଥିଲେ, ସେ ସ୍ୱପ୍ନକୁ ସ୍ୱାଧୀନ ଭାରତର ଶାସକମାନେ ଆଜି ପାଦରେ ଦଳି ଦେଇଛନ୍ତି। କୃଷିପ୍ରଧାନ ଦେଶରେ କୃଷକ ଠାରୁ ତାର ଜୀବିକା ଛଡ଼ାଇ ନେବା ପାଇଁ ଉଦ୍ୟମ ହେଉଛି। କରୋନା କାଳରେ ସଭା ସମିତି ବନ୍ଦର କଟକଣା କରି ସରକାର ଯେଉଁ ଭଳି ତରବରିଆ ଭାବରେ କଳା କୃଷି କାନୁନ ଆଣିଲେ ତାକୁ ବିରୋଧ କରି ଯେଉଁ ବେସାଲିସ ସଂଗ୍ରାମ ଚାଲିଛି ସେ ସଂଗ୍ରାମକୁ ଚଳାଇ ରଖିବାକୁ ପଡ଼ିବ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ ଯେ, ମହାନ ସଂଗ୍ରାମୀମାନଙ୍କ ବଳିଦାନ ଦିବସ ଓ ଜୟନ୍ତୀ ପାଳନର ସ୍ମରଣୀୟ ସଭାରେ ଯୁବକମାନେ ଦେଶପ୍ରେମ ଓ ତ୍ୟାଗର ଆଦର୍ଶରେ ଉଦ୍‌ବୁଦ୍ଧ ହୁଅନ୍ତୁ। ଶହିଦ ଭଗତ ସିଂଙ୍କ ଜୀବନୀରୁ ଯୁବକମାନେ ଶିଖିବା ଉଚିତ୍ ଯେ, ଅନ୍ୟମାନଙ୍କ ପାଇଁ, ସମାଜ ଓ ଦେଶ ପାଇଁ ଜୀବନ ଉତ୍ସର୍ଗ କଲେ ଜୀବନ ସାର୍ଥକ ହୁଏ। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଡଃ କୁଳମଣି, ରଷିକୁଲ୍ୟା ରୟତ ମହାସଂଘର ସିମା ଳ ନାହାକ, ଯୁବଛାତ୍ର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ, ଦୁର୍ଗାପ୍ରସାଦ ଦାସ, ଦେବୀ ପ୍ରସାଦ ମହାରଣା, ପୂର୍ବତନ ରେଭେନ୍ସା ସଭାପତି ତପନ ମିଶ୍ର, ଇଂ ଶୁଭେନ୍ଦୁ ମଲ୍ଲିକ, ସଂଗ୍ରାମ କିଶୋର, ମଧୁମିତା ସାମଲ, ଦିନେଶ ଦାଶ, ଭରତ ଚନ୍ଦ୍ର ସ୍ୱାଇଁ, ମଦନ ସାହୁ, ନିରଞ୍ଜନ ପ୍ରଧାନ, ଅଶୋକ ଶାନ୍ତି, ଅଶୋକ ସ୍ୱାଇଁ, ଛାତ୍ରନେତା ଅମିତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ମା' ବୁଢ଼ୀ ଠାକୁରାଣୀ ଯାତ୍ରା ପାଇଁ ଶୁଭ ଖୁଂଟି ସ୍ଥାପନ: ଆସନ୍ତା ୯ରୁ ଯାତ୍ରା

ଗଞ୍ଜାମ,୨୪।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ପ୍ରସିଦ୍ଧ ମା ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ନିମନ୍ତେ ଗତକାଲି ମଧ ରାତ୍ରରେ ସ୍ଥାପନ ହୋଇଛି । ଏହା ପୂର୍ବରୁ ଯାତ୍ରା କମିଟିର ବୈଠକ ଅନୁଷ୍ଠିତ ହେବା ପରେ ଦେଶି ବେହେରା ପି. ଦୂର୍ଗାପ୍ରସାଦ, ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଠାକୁରାଣୀଙ୍କ ସ୍ଥାୟୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଶୁଭଖୁଂଟ ଧରି ଦେଶୀ ବେହେରା ସାଇ ସ୍ଥିତ ଦେଶୀ ବେହେରାଙ୍କ ଘର ସମ୍ମୁଖରେ ଶୁଭଖୁଂଟ ସ୍ଥାପନ କରିଥିଲେ। ସିଦ୍ଧାନ୍ତୀ (ପୁରୋହିତ)ଙ୍କ ଗଣନା ଅନୁଯାୟୀ, ଆସନ୍ତା ୯ ତାରିଖ ଠାରୁ ଠାକୁରାଣୀ ଯାତ୍ରା ଏକ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବ । ତେବେ ସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତି ସମୟରେ ଯାତ୍ରା ଅବଧିକୁ ବୃଦ୍ଧି କରାଯାଇପାରେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସଂକ୍ରମଣକୁ ଏଡାଇବା ପାଇଁ ଏହି ଯାତ୍ରାରେ ଜିଲ୍ଲା ବାହାର ଶ୍ରଦ୍ଧାଳୁଙ୍କୁ ଯୋଗଦେବାକୁ ବାରଣ କରାଯାଇଛି । ସେହିପରି ଠାକୁରାଣୀଙ୍କ ଘଟ ସାହି ପରିକ୍ରମା କରିବା ନେଇ ପ୍ରଶାସନ ପକ୍ଷରୁ କଟକଣା ଜାରୀ କରାଯାଇଛି ।

# ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ନିୟୋଜନ ସମ୍ବନ୍ଧୀୟ ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର,୨୪।୩ (ନି.ପ୍ର): ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ୫-ଟି ପଦକ୍ଷେପ ସ୍ୱରୂପ ଅଙ୍ଗନବାଡ଼ି କର୍ମୀ ଏବଂ ଅଙ୍ଗନବାଡ଼ି ସହାୟିକାଙ୍କ ନିୟୋଜନ ପାଇଁ ବିକାଶ କରାଯାଇଥିବା ଏକ ପୋର୍ଟାଲକୁ ଆଜି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଲୋକାର୍ପଣ କରିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ନିର୍ଦ୍ଦେଶକ, ସମାଜ କଲ୍ୟାଣ ଶ୍ରୀ ଅରବିନ୍ଦ ଅଗ୍ରଓ୍ୱାଲ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନିୟୋଜନ ପୋର୍ଟାଲର ବ୍ୟବହାର ଦ୍ୱାରା ଅଙ୍ଗନବାଡ଼ି କର୍ମୀ ଏବଂ ଅଙ୍ଗନବାଡ଼ି ସହାୟିକାଙ୍କ ନିୟୋଜନ ପ୍ରକ୍ରିୟା ଏବଂ ଏହା ସମ୍ବନ୍ଧୀୟ ପ୍ରଶାସନିକ କାର୍ଯ୍ୟର ସଂଚାଳନ ସହଜରେ ହୋଇପାରିବ। କାର୍ଯ୍ୟଦକ୍ଷତା ବୃଦ୍ଧି, ନିୟୋଜନ ବିଜ୍ଞାପନ ପ୍ରକାଶ କରିବା, ଅନ୍‌ଲାଇନ୍ ନିୟୋଜନ ପ୍ରକ୍ରିୟାର ସ୍ୱୟଂଚାଳନ ଏବଂ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଏହି ପୋର୍ଟାଲ ପରିକଳ୍ପନାର ଉଦ୍ଦେଶ୍ୟ। ଖାଲିଥିବା ସ୍ଥାନ ପରିଚାଳନା, ନିୟୋଜନ ବିଜ୍ଞାପନ ପରିଚାଳନା, ଅନ୍‌ଲାଇନ ଦରଖାସ୍ତ, ପ୍ରାର୍ଥୀ ଚୟନ, ନିୟୋଜନ ଅବଧି ସମ୍ବନ୍ଧୀୟ ସୂଚନା, ଡ୍ୟାସ୍‌ବୋର୍ଡ଼ ଏବଂ ଏମ୍‌ଆଇଏସ୍ ରିପୋର୍ଟ ଆଦି ମଡ୍ୟୁଲମାନଙ୍କୁ ନେଇ ପୋର୍ଟାଲର ବିକାଶ କରାଯାଇଛି। ଅତ୍ୟାବଶ୍ୟକୀୟ ସୂଚନାର ନିୟମିତ ଆଦାନପ୍ରଦାନ ପାଇଁ ପୋର୍ଟାଲ ସହିତ ଜଡ଼ିତ ସମସ୍ତ ବ୍ୟବହାରକାରୀଙ୍କ ପାଇଁ ଏହି ପୋର୍ଟାଲରେ ଏକ ଉନ୍ନତ ସହଯୋଗକାରୀ ବ୍ୟବସ୍ଥା ରହିଛି। ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଅଙ୍ଗନବାଡ଼ି କର୍ମୀ ଏବଂ ଅଙ୍ଗନବାଡ଼ି ସହାୟିକାଙ୍କ ପାଇଁ ନିୟୋଜନ ପ୍ରକ୍ରିୟାକୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ନିର୍ମିତ ଏହି ଅନ୍‌ଲାଇନ୍ ପୋର୍ଟାଲକୁ ସ୍ଥାନାନ୍ତରିତ କରାଯାଇଛି। ନିୟୋଜନ ପ୍ରକ୍ରିୟାରେ ତ୍ରୁଟି ହ୍ରାସ କରିବା ଏବଂ ନିୟୋଜନ ପ୍ରକ୍ରିୟାର ଦକ୍ଷ ଓ ଉତମ ପରିଚାଳନା କରିବା ଏହି ପୋର୍ଟାଲ ମାଧ୍ୟମରେ ସହଜସାଧ ହେବ। ଅଙ୍ଗନବାଡ଼ି କେନ୍ଦ୍ରର ତଥ୍ୟ ପରିଚାଳନା, ଶୂନ୍ୟସ୍ଥାନ ଯାଂଚ, ଅନ୍‌ଲାଇନ୍ ଦରଖାସ୍ତ ଏବଂ ତାହାର ସ୍ଥିତି ଜାଣିବା, ଆମୂଳଚୂଳ ଚୟନ ପ୍ରକ୍ରିୟା ପରି ଅନେକ ସୁବିଧା ଏହି ପୋର୍ଟାଲର ମୁଖ୍ୟ ଅଂଶବିଶେଷ। ଏହି ପୋର୍ଟାଲ୍‌ରେ ଚିହ୍ନଟ ଓ ଯାଂଚ ପ୍ରକ୍ରିୟାର ଦାୟିତ୍ୱବୋଧତା ମଧ ସୁନିର୍ଶ୍ଚିତ ହୋଇଛି। ପୋର୍ଟାଲ ଦେଇ ହେଉଥିବା ସମସ୍ତ କାର୍ଯ୍ୟ ବିବରଣୀ ଏବଂ ଗତିବିଧିର ପର୍ଯ୍ୟବେକ୍ଷଣ, ପୋର୍ଟାଲରେ ଥିବା ଏମ୍‌ଆଇଏସ୍ ରିପୋର୍ଟ ଓ ଡ୍ୟାସ୍‌ବୋର୍ଡ଼ ମାଧ୍ୟମରେ ପ୍ରମୁଖ ସଚିବ, ନିର୍ଦ୍ଦେଶକ ଓ ଯୁଗ୍ମ ସଚିବଙ୍କ ପରି ଉପରିସ୍ଥ ଅଧିକାରୀ ମଧ କରିପାରିବେ।

# କରୋନା ସମୟରେ ଓଡିଶାରେ ଆରଏସ୍‌ଏସ୍ ଦ୍ୱାରା ୩୦୬୨ ସ୍ଥାନରେ ସେବାକାର୍ଯ୍ୟ

ଭୁବନେଶ୍ୱର ,୨୪।୩ (ନି.ପ୍ର): କରୋନା ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ତରଫରୁ ସ୍ୱଂୟସେବକମାନେ ସେବା ଭାରତୀ ତତ୍ୱାବଧାନରେ ଏବଂ ଉତ୍କଳ ବିପନ୍ନ ସହାୟତା ସମିତି ମାଧମରେ ରାଜ୍ୟର ୩୦୬୨ ସ୍ଥାନରେ ସେବାକାର୍ଯ୍ୟ କରିଥିଲେ। ଏହି ସେବାକାର୍ଯ୍ୟରେ ୭୭୪୯ କାର୍ଯ୍ୟକର୍ତା ସାମିଲ ଥିଲେ । ସ୍ୱୟଂସେବକମାନଙ୍କ ଦ୍ୱାରା ୩୨,୯୬୭ ରାସନ କିଟ୍, ୧,୮୨,୮୧୫ ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍,୧,୯୦,୩୦୫ମାସ୍କ ବଂଟନ କରାଯାଇଥିଲା। ୧୨୭ କ୍ୱେ ହୋମରେ ସହାୟତା, ୨୦,୫୦୪ ପ୍ରବାସୀଙ୍କୁ ସହୟତା, ୭୪୪ ୟୁନିଟ ରକ୍ତଦାନ, ୯୨,୬୦୦ ଜଣଙ୍କୁ କାଢା ବିତାରଣ କରାଯାଇଥିଲା । ୧୩୯୫ ଯାଜାବର ଲୋକଙ୍କୁ ସହାୟତା, ୨୧ଟି ଭୋଜନ ବିତରଣ କେନ୍ଦ୍ର ମାଧମରେ ୨୬,୯୮୩ ମଜଦୁରୁଙ୍କୁ ସହାୟତା, ୨୪ ଟି କେନ୍ଦ୍ର ମାଧମରେ ୧୭,୨୬୬ ଜଣ ବସ୍ ଓ ରେଳ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି ବୋଲି ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ ଆହୁରି କହିଥିଲେ ଯେ ବେଙ୍ଗାଲୁରରେ ମାର୍ଚ୍ଚ ୧୯ ଓ ୨୦ ଦୁଇ ଦିନ ଧରି ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଓଡିଶାରୁ ୧୫ ଜଣ କାର୍ଯ୍ୟକର୍ତା ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିବା ବେଳେ ଅନ୍ ଲାଇନ୍ ମାଧମରେ ୨୬ ଜଣ ଭାଗ ନେଇଥିଲେ। ୪୫୦ ଜଣ ନିର୍ବାଚିତ କେନ୍ଦ୍ରୀୟ ପ୍ରତିନିଧି ଏବଂ ୧୦୦୦ ସଦସ୍ୟ ୪୪ଟି ସ୍ଥାନରେ ଅନ୍ ଲାଇନ୍ ମାଧମରେ ଏହି ସଭାରେ ଭାଗନେଇଥିଲେ । ଚଳିତ ବର୍ଷ ବୈଠକରେ ଦତାତ୍ରେୟ ହୋସଓ୍ୱାଲେ ସରକାର୍ଯ୍ୟବାହ ରୂପେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । କରୋନା ଅବଧିରେ ସମାଜର ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଭାରତ ବିଶ୍ୱକୁ ଏକ ଉଦାହରଣ ଦେଇଥିଲା । ଭାରତ ମଧ ଟିକା ପ୍ରସ୍ତୁତ କରି ସାରା ବିଶ୍ୱକୁ ବିତରଣ କରିଛି । ଏହି ବିଷୟରେ ପ୍ରତିନିଧିସଭାରେ ଅଭିନନ୍ଦନ ପାଇଁ ମଧ ପ୍ରସ୍ତାବ ଆସିଥିଲା । ଶ୍ରୀରାମ ମନ୍ଦିର ବିଷୟରେ ମଧ ଆଲୋଚନା ହୋଇଥିଲା। କରୋନା ଓ ଶ୍ରୀରାମ ମନ୍ଦିରକୁ ନେଇ ଚର୍ଚ୍ଚା ଆଲୋଚନା ହେବା ପରେ ଦୁଇଟି ପ୍ରସ୍ତାବ ମଧ ପାରିତ ହୋଇଛି । କୋଭିଡ ବଷୟରେ ପାରିତ ହୋଇଥିବା ପ୍ରସ୍ତାବରେ କୁହାଯାଇଛି ଯେ,କୋଭିଡ ମହାମାରୀ ସମୟରେ ସାରା ଭାରତ ଏକଜୁଟ ହୋଇ ଛିଡା ହୋଇଛି । ଭେଂଟିଲେଟର, ପିପିକିଟ୍ , କରୋନା ପରୀକ୍ଷଣ ପ୍ରଣାଳୀର ଉପଲବ୍ଧି ଓ ଓ ସୁଲଭ ଦାମରେ ସ୍ୱଦେଶୀ କରୋନା ଟିକା ବିକାଶ ତଥା ଉତ୍ପାଦନ ମାଧମରେ ଭାରତ ଏହି ବିପର୍ଯ୍ୟୟକୁ ଏକ ସୁଯୋଗରେ ପରିଣତ କରିବାରେ ସକ୍ଷମ ହୋଇଛି । ଶ୍ରୀରାମ ଜନ୍ମଭୂମି ଉପରେ ମନ୍ଦିର ନିର୍ମାଣ ପାଇଁ ଏକ ସାର୍ବଜନିକ ନ୍ୟାସ 'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର' ଗଠନ କରାଯାଇଛି । ଯେତେବେଳେ ଏହି ନ୍ୟାସ ନିଧି ସମର୍ପଣ ଅଭିଯାନ ଆରମ୍ଭ କଲା ସେ ସମୟରେ ସଂଘର ସ୍ୱୟଂସେବକେମାନେ ସହଯୋଗ କରିଥିଲେ । ସମସ୍ତେ ମିଶି ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ସଂପୂର୍ଣ୍ଣ ଭାବରେ ନିଜ ନିଜର ସହଯୋଗ ପ୍ରଦାନ କରିଛନ୍ତି । ନିଧି ସମର୍ପଣ ଅଭିଯାନ ଏକ ଜନ ସଂପର୍କ ଅଭିଯାନରେ ପରିଣତ ହୋଇଥିଲା । ଏହି ଅଭିଯାନରେ ସାରା ଦେଶରେ ସ୍ୱୟଂସେବକମାନେ ୫,୪୫,୭୩୭ ସ୍ଥାନରେ ପହଂଚିଥିଲେ ଏବଂ ପ୍ରାୟ ୨୦ ଲକ୍ଷ କାର୍ଯ୍ୟକର୍ତା ଏହି ସଂପର୍କ ଅଭିଯାନରେ ଲାଗିଥିଲେ । ଏହି ଅଭିଯାନ ମାଧମରେ ସ୍ୱୟଂସେବକମାନେ ଦେଶର ୧୨,୪୭,୨୧,୦୦୦ ପରିବାରରେ ପହଁଚି ସଂପର୍କ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ଆଧାତ୍ମିକ ଜାଗରଣ, ରାଷ୍ଟ୍ରୀୟ ଏକତା, ସମାଜିକ ସମରସତା ଏବଂ ସଦଭାବ ତଥା ସମର୍ପଣର ବିକାଶ ହେବା ସହିତ ଦେଶର ଅନ୍ତର୍ନିହିତ ଶକ୍ତି ଜାଗ୍ରତ ହୋଇ ପାରିଛି । କରୋନା ସମୟରେ ଶାଖା ବନ୍ଦ ଥିଲା, କିନ୍ତୁ ସଂଘର ସ୍ୱୟଂସେବକମାନେ ସକ୍ରିୟ ଥିଲେ। କରୋନା କଟକଣା ଉଠିବା ପରେ ଭାରତରେ ୭୪,୦୦୦ ସଂଘ ଶାଖା ଚାଲୁଅଛି । ଓଡିଶାରେ ମଧ ୧୫୬୫ଟି ଶାଖା ଲାଗୁଛି । ଏହି ସାମ୍ବାଦିକ ସମ୍ମିଳନୀରେ ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଓ ଭାରତର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ବାଲିଆପାଳ,୨୪/୦୩(ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ନୋଡାଲ ଉ.ପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଗୌରମୋହନ ରଣାଙ୍କର ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ହେଲା ମଧୁମେହ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିଲେ ।ବୁଧବାର ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁଖବର ପାଇ ବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ସଦସ୍ୟା, ସିକ୍ଷକ ଶିକ୍ଷୟତ୍ରୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଖାଳମୁହାଁଣିସ୍ଥିତ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଅମର ଅତ୍ମାର ସଦଗତି କାମନା କରିଥିଲେ । ମୃତ୍ୟୁଶର୍ଯ୍ୟା ନିକଟରେ ଏକମାତ୍ର ଝିଅ କ୍ୱାଇଁପରିବାରଲୋକେ ଓ ଆତ୍ମୀୟସଜନମାନେ ଉପସ୍ଥିତ ଥିଲେ ।

## ୧୮ଲିଟର ଦେଶିମଦ ଜବତ: ଜଣେ ଗିରଫ

ବସ୍ତା-୨୪।୩: (ନିପ୍ର)ଆଜି ବସ୍ତା ଅବକାରୀ ବିଭାଗ ପକ୍ଷରୁ ବସ୍ତା ଥାନା ଅଧୀନ ଗଙ୍ଗାଧରପୁର ଗ୍ରାମରେ ଚଢଉ କରାଯାଇ ୧୮ଲିଟର ଦେଶି ମଦ ସହ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା, ବସ୍ତା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମର ୰ଗୁରୁବା ଟୁଡୁଙ୍କ ପୁଅ ଭଗବାନ ଟୁଡୁ(୩୬) । ଏହି ଚଢାଉରେ ବସ୍ତା ଅବକାରୀ ବିଭାଗର ଓ ଆଇ ସି ଲକ୍ଷ୍ୟସାଧବ ପ୍ରଧାନ, ସେଖ୍ କଲିମ, ହୃଷିକେଶ ବାରିକ ଓ କୁମୁଦିନୀ ସୋ ସଦଳ ବଳେ ଚଢଉ କରି ମୋଟ ୧୮ ଲିଟର ମଦ ଜବତ କରି ଅଭିଯୁକ୍ତ ବିରୁଦ୍ଧରେ କେସ ନଂ ୧୦୩/୨୧ ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ ।

## ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଯାପିତ

ଭୁବନେଶ୍ୱର,୨୪/୦୩ (ନି.ପ୍ର): ସ୍ଥାନୀୟ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ମାର୍ଚ୍ଚ ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ଗାନ୍ଧୀ ଶିଳ୍ପ ବଜାର-୨୦୨୧ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଭାରତ ସରକାରଙ୍କ ଅଧୀନସ୍ଥ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ ଆର୍ଥିକ ସହାୟତାରେ ଓଡ଼ିଶା ହସ୍ତଶିଳ୍ପ ସମବାୟ ସମିତି ଲିଃ(ଉତ୍କଳିକା) ଦ୍ୱାରା ଆୟୋଜିତ ଗାନ୍ଧୀ ଶିଳ୍ପ ବଜାରକୁ ପ୍ରାୟ ୩ ଲକ୍ଷ ଦର୍ଶକ ପରିଦର୍ଶନ କରିବା ସହିତ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ହସ୍ତଶିଳ୍ପ ସାମଗ୍ରୀ ବିକ୍ରିବଟା ହୋଇଛି । ଏହି ଶିଳ୍ପ ବଜାର ଦ୍ୱାରା ୧୦୦ରୁ ଉର୍ଦ୍ଧ୍ୱ କାରିଗର ଏଥିରେ ଉପକୃତ ହୋଇଛନ୍ତି । ଭାରତର ୧୬ଟି ରାଜ୍ୟରୁ ଧାତବ ଶିଳ୍ପ , ଇମିଟେସନ୍ ଜୁଏଲାରୀ, ଶାମୁକା ତିଆରି ସାମଗ୍ରୀ, ଲାଖ ଚୂଡ଼ି, ସବାଇଘାସ ତିଆରି ସାମଗ୍ରୀ, ପଟ୍ଟଚିତ୍ର ଓ ତାଳପତ୍ର ଖୋଦେଇ କାମ, ଜନଜାତି ଅଳଙ୍କାର, କତାଶିଳ୍ପର ସାମଗ୍ରୀ, ହାତପ୍ରିଂଟ, ସର୍ବୋପରି ସମ୍ବଲପୁରୀ ବସ୍ତ୍ର ଇତ୍ୟାଦି ୬୦ ପ୍ରକାରର ଆକର୍ଷଣୀୟ ହସ୍ତଶିଳ୍ପ ପ୍ରଦର୍ଶନ ଓ ବିକ୍ରୟ ହୋଇପାରିଛି ।

# ସ୍ୱାଧୀନତାର ଅମୃତ ମହୋତ୍ସବ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟିତ

 କଟକ,୨୪/୦୩ (ନି.ପ୍ର): କଟକସ୍ଥିତ ତେଲଙ୍ଗାପେଣ୍ଠ ଠାରେ "ସ୍ୱାଧୀନତାର ଅମୃତ ମହୋତ୍ସବ" ଶୀର୍ଷକ ପାଞ୍ଚଦିନିଆ ଫଟୋଚିତ୍ର ପ୍ରଦର୍ଶନୀ ଆଜି ଉଦଘାଟିତ ହୋଇଯାଇଛି । ଏହାକୁ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦଘାଟନ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ ସମ୍ବନ୍ଧିତ ଏହି ଫଟୋଚିତ୍ର ପ୍ରଦର୍ଶନୀ ଯୁବପିଢ଼ିଙ୍କ ମଧ୍ୟରେ ଭାରତର ମୁକ୍ତି ଆନ୍ଦୋଳନ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ସହ କଷ୍ଟଲବ୍ଧ ସ୍ୱାଧୀନତା ଉପରେ ଚେତନା ଜାଗ୍ରତ କରିବ । ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ଓ



ସଂସ୍କୃତି ବିଭାଗ, ରାଜ୍ୟ ସାହିତ୍ୟ ଏକାଡେମୀ ଏବଂ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସର୍ବଭାରତୀୟ ଗାନ୍ଧୀ ସାରସ୍ୱତ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏ କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ, ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଆଜିର ଦିନରେ ଗାନ୍ଧୀ ବିଚାରର ମହତ୍ୱ ସମ୍ପର୍କରେ ବକ୍ତବ୍ୟମାନ ରଖିଥିଲେ । ଏହି ପାଞ୍ଚଦିନିଆ ଫଟୋ ଚିତ୍ର ପ୍ରଦର୍ଶନୀକୁ ସହାୟକ ନିର୍ଦ୍ଦେଶକ ଶ୍ରୀ ରାମେଶ୍ୱର ନାୟକ, ପ୍ରଦର୍ଶନୀ ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା, ବାଲେଶ୍ୱରସ୍ଥିତ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ଅଧିକାରୀ ଶ୍ରୀ ନିର୍ମାଲ୍ୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

# ସହରବାସୀଙ୍କ ସମସ୍ୟା ନେଇ ବିଜେପି ପକ୍ଷରୁ ପୌର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର

ବାଲେଶ୍ୱର,୨୪/୦୩ (ନି.ପ୍ର): ବିଭିନ୍ନ ଦାବିନେଇ ବିଜେପି ନଗର ଶାଖା ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି । ବିଜେପି ନଗର ସଭାପତି ପୂର୍ବତନ କାଉନସିଲର ଚିତ୍ତରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୌର ନିର୍ବାହୀ ଅଧିକାରୀ ତଥା ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଇଶ୍ୱର ପାଟିଲଙ୍କୁ ସାକ୍ଷାତ ସହ ଜନସାଧାରଣ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଯୋଜନାରେ ଆସିଥିବା କୋଟି କୋଟି ଟଙ୍କାର ଉଚିତ ବିନିଯୋଗ ନ ହେବା, ସହରବାସୀଙ୍କଠାରୁ ୟୁଜର୍ସ ଫି ଆଦାୟ ଆଦୌ ଯୁକ୍ତିସଙ୍ଗତ ନୁହେଁ ବୋଲି ବିଜେପି ନଗର ସଭାପତି ଶ୍ରୀ ପଣ୍ଡା କହିଥିଲେ । ଅନ୍ୟପକ୍ଷରେ ପୌରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ତୁରନ୍ତ ପଟ୍ଟା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା, ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବା, ପିଡିଏସ ସାମଗ୍ରୀ ବଂଟନ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବାକୁ ସେ ଦାବି କରିଥିଲେ । ଏହା ବ୍ୟତୀତ ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବା ସହ ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ଏବଂ ସହରରେ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ଥଇଥାନ ନିମନ୍ତେ ବ୍ୟବସ୍ଥା କରିବାକୁ ସେ କହିଥିଲେ । ବିଜେପି ନଗର କମିଟି ପକ୍ଷରୁ ଏହି ଅବସରରେ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ପଣ୍ଡାଙ୍କ ସମେତ ଶୁଭଙ୍କର ମହାପାତ୍ର, ବିଭୁପଦ ଦାସ, ରଞ୍ଜିତ ପ୍ରଧାନ, ସୁକାନ୍ତି ଦେବଗୋସ୍ୱାମୀ, ସଂଯୁକ୍ତା ମହାପାତ୍ର, ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁନ୍ଦର ସ୍ୱାସ୍ଥ୍ୟ କୃତୀପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୨୩/୦୩ (ନି.ପ୍ର): ବାଲେଶ୍ୱର ଜିଲା ବଡି ବିଲ୍ଡିଂ ଆସୋସିଏସନ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ବିକନ୍ସ ଜିମ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସ୍ତରରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବାଲେଶ୍ୱରର ପ୍ରତିଯୋଗୀଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମନୋଜ ଦାସ, ବସନ୍ତ ମହାନ୍ତି, ସାଦିକ ଅଲି ଖାନ, ବିକନ୍ସ ଜିମର କୋଚ ଅଭିଷେକ ଦାସ ପ୍ରମୁଖ ଆସୋସିଏସନର କର୍ମକର୍ତ୍ତାମାନେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ । ଭୁବନେଶ୍ୱରରେ ହୋଇଥିବା ରାଜ୍ୟସ୍ତରୀୟ ସୁନ୍ଦର



ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ୫୫ କେଜି ବର୍ଗର ସଂଜୀତ ବେହେରା ପ୍ରଥମ ଓ ଏସ କ୍ରିଷ୍ଣା ରାଓ ୪ର୍ଥ, ୬୦ କେଜିରେ ସଂଜୀବ ନାୟକ ଓ ୬୫ କେଜିରେ ଶେଖ ଏହେସାନ ୪ର୍ଥ ସ୍ଥାନ ଅଧିକାର କରିଥିଲେ । ସେହିଭଳି ପଟିଆଲାରେ ହୋଇଥିବା ୧୧ତମ ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ମାଷ୍ଟର ବର୍ଗରେ ତରୁଣ କୁମାର ଚାଟାର୍ଜୀ ୩ତୀୟ ସ୍ଥାନ ଅଧିକାର କରିଥିଲେ । ଜିଲା ପାଇଁ ଗୌରବ ଆଣିଥିବା ଏହି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା କରିବା ସହ ବଡି ବିଲ୍ଡିଂ ଆସୋସିଏସନ ପକ୍ଷରୁ ସମସ୍ତଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଥିଲା ।

# ବାଲିଆପାଳରେ ପାଣିପାଇଁ ହାହାକାର : ବ୍ଲକ ଅଫିସ ଆଗରେ ମହିଳାଙ୍କ ଧାରଣା

ବାଲିଆପାଳ,୨୪/୦୩ (ନି.ପ୍ର): ଖରା ଦିନ ଆରମ୍ଭରୁ ବାଲିଆପାଳ ବ୍ଲକର ଅନେକ ଅଂଚଳର ଲୋକେ ଜଳ କଷ୍ଟ ଅନୁଭବ କଲେଣି । ଜଳସ୍ତର ୫୦ ରୁ ୬୦ ଫୁଟ ତଳକୁ ଖସିଯାଇଛି ।ଟ୍ୟୁବ ୱେଲ ରେ ଆଉ ହାଉସିଙ୍ଗନଥିବାରୁ ଡାଉନ ପାଇପ ଛାଡିବା ମଧ୍ୟ ସମ୍ଭ ନୁହଁ । ଫଳରେ ବ୍ଲକର ଶତାଧିକ ନଳକୂପ ଅଚଳ ହୋଇପଡିରହିଛି । ଆଉ ଯେଉଁଠି ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇଛି ସେଠାରେ ନିମ୍ନ ମାନର କାମ ସହିତ ମରାମତି ଓ ରକ୍ଷଣା ବେକ୍ଷଣ ଅଭାବରୁ ପାଇପରେ ପାଣି ଆସୁନାହିଁ । ପାଣି ପାଇଁ ଏବେ ସବୁଠି ହାହାକାର ପରିସ୍ଥିତି ।ଧାନ ଚାଷରେ ଜଳର ବ୍ୟାପକ ବ୍ୟବହାର ଯୋଗୁଁ ଏ ଭଳି ପରିସ୍ଥିତି ସୃଷ୍ଟି ହେବା କୁହାଯାଉଛି । ପିଇବା ପାଣି ସମସ୍ୟା ଦିନକୁ ଦିନ ଉତ୍କଟ ହେଉଥିବା ବେଳେ ଏହାର ପ୍ରତିକାର ଦିଗରେ ପ୍ରଶାସନର ଅବହେଳା ଲୋକଙ୍କୁ ଅତିଷ୍ଠ କଲାଣି ।



ଆଜି ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଅଫିସ ଆଗରେ । ମଧୁପୁରା ପଂଚାୟତ ମଧୁପୁରା ପଶ୍ଚିମ ସାହିର ଶହଶହ ମହିଳା ପିଇବା ପାଣି ସମସ୍ୟାର ସମାଧାନ ପାଇଁ ବ୍ଲକ ଅଁିସ ଆଗରେ ଧାରଣାରେ ବସିଥିଲେ । ଏହି ସାହିରେ ୫୦୦ ରୁ ଉର୍ଦ୍ଧ ଲୋକ ବସବାସ କରନ୍ତି । ତେବେ ଏତେ ଲୋକଙ୍କ ପାଇଁ ମାତ୍ର ଦୁଇଟି ଟ୍ୟୁୱେଲ ରହିଛି । କିନ୍ତୁ ଜଳସ୍ତର କମିଯାଇଥିବାରୁ ଏଥିରୁ ପାଣି ବାହାରୁ ନାହିଁ । ଏହି ସାହିକୁ ପାଇପ ଯୋଗେ ପାନୀୟ ଜଳଯୋଗାଣର ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେଥିରୁ ମଧ୍ୟ ପାଣି ଆସୁନାହିଁ । ଫଳରେ ଗ୍ରାମର ମହିଳା ମାନେ ୩ କି.ମି. ଦୂର ହିଡରେ ଚାଲି ଚାଷ ଜମିରେ ଥିବା ବ୍ୟକ୍ତିଗତ ମିନି ଡିପ୍ଟ ଟ୍ୟୁୱେଲ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି । ପ୍ରତିବର୍ଷ ଖରା ଦିନରେ ଏହି ସମସ୍ୟା ସୃଷ୍ଟି ହେଉଥିଲେ ମଧ୍ୟ ମଧୁପୁରା ସରପଂଚ ଏବଂ ବ୍ଲକର ପାନୀୟ ଜଳ ଯୋଗାଣ ବିଭାଗ ନିକଟରେ ଗୁହାରୀ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ।

## ବସ୍ତାରେ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ସଂୟ ସହାୟିକା ଗୋଷ୍ଠିକୁ କୁକୁଡାଚାଷ ପାଇଁ ପ୍ରସାହନ ରାଶି ଓ କର୍ମଶାଳା

ବସ୍ତା,୨୪/୦୩ (ନି.ପ୍ର): ରାଜ୍ୟସରକାର ମହିଳା ମାନଙ୍କୁ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଆସୁଥିବାବେଳେ ବସ୍ତା ପ୍ରାଣୀ ଚିକିତ୍ସାଳୟ ପରିସରରେ ଆଜି ସରକାରଙ୍କ ଦ୍ୱାରା ବଛା ଯାଇଥିବା ଏସ ଏଚ ଜି ଗ୍ରୁପର ମହିଳା ମାନଙ୍କୁ କୁକୁଡ଼ା ଚାଷ ପାଇଁ ପ୍ରୋତ୍ସାହନ ରାଶି ସହିତ କୁକୁଡ଼ା ଛୁଆ ଯୋଗାଇ ଦିଆଯାଇଛି । ସୂଚନା ଅନୁସାରେ ରାଜ୍ୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୨୦୨୦-୨୧ ବର୍ଷରେ ବ୍ଲକ୍ ମହିଳା ଏସ ଏଚ ଜି ଦ୍ୱାରା ସ୍ୱିକୃତି ପ୍ରାପ୍ତ ବଛା ବଛା ମହିଳା ମାନଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଇଛି । ବସ୍ତା ବ୍ଲକ୍‌ର ୧୩ ଗୋଟି ପଞ୍ଚାୟତର ୪୫ ଜଣ ହିତାଧିକାରୀଙ୍କୁ ୨୨୫୦ କୁକୁଡ଼ା ଛୁଆ ଯୋଗାଇ ଦିଆଯାଇଥିବା ବେଳେ , ତୁରନ୍ତ ସେମାନଙ୍କ ର ରକ୍ଷଣାବେକ୍ଷଣ ପାଇଁ ୫ ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ବସ୍ତା ପ୍ରାଣୀ ଚିକିତ୍ସକ ଡାକ୍ତର ଅଜୟ ବେହେରା ଏବଂ ଅତିରିକ୍ତ ଚିକିତ୍ସକ ଡାକ୍ତର ସାଗର କୁମାର ସାମଲଙ୍କ ତତ୍ୱାବଧାନରେ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାରଙ୍କ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିବା ଜଣାପଡିଛି ।

# ୩୭୦ତମ ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୪/୦୩ (ନି.ପ୍ର): ରାଜ୍ୟରେ ଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ସମସ୍ତ ଗଣମାଧ୍ୟମର ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତିର ୩୭୦ତମ ବୈଠକ ଆଜି ଏନଏବିଏମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ସମିତିର ସଦସ୍ୟ ସଚିବ ପ୍ରଦୀପ କୁମାର ଚୌଧୁରୀ ପ୍ରାରମ୍ଭିକ ଅଭିଭାଷଣ ରଖି ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟର ଓଡିଶା ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମିତିର ଅଧକ୍ଷ ଭାବରେ ସ୍ୱାଗତ କରିଥିଲେ । ଏହି ବୈଠକକୁ



ଅଧ୍ୟକ୍ଷତା କରି ଶ୍ରୀ ରାଜିନ୍ଦର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରି କହିଥିଲେ, ଏହି ସମନ୍ୱୟ ବୈଠକ ତଥ୍ୟ ଓ ସୂଚନାର ପ୍ରସାର ଓ ପ୍ରଚାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରେ । ଏହି ବୈଠକ ମାଧ୍ୟମରେ ସରକାରଙ୍କ ସମସ୍ତ ତଥ୍ୟ ଓ ସୂଚନା ସୁଗମ ଭାବରେ ପ୍ରଚାର ଓ ପ୍ରସାର କରାଯାଇପାରିବ ବୋଲି ସେ ନିଜର ମତ ରଖିଥିଲେ । ଏହି ବୈଠକ ନିୟମିତ ଭାବରେ ପ୍ରତ୍ୟେକ ମାସରେ ଅନୁଷ୍ଠିତ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଯୋଗଦେଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସମସ୍ତ ଗଣମାଧ୍ୟମ ମଧ୍ୟରେ ସମନ୍ୱୟ ରକ୍ଷା ହେଲେ ସରକାରଙ୍କ ସୂଚନା ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଅଧିକ ସଫଳତା ମିଳିବ ବୋଲି ସେ କହିଥିଲେ । ପତ୍ର ସୂଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଡଃ ଗିରିଶି ଚନ୍ଦ୍ର ଦାଶ ଯୋଗଦେଇ ଏହି ବୈଠକ ସମ୍ପର୍କରେ ଆଭିମୁଖ୍ୟ ରଖି କହିଥିଲେ ଯେ, ତଥ୍ୟ ଓ ସୂଚନା ପ୍ରସାର ଓ ପ୍ରସାରଣ କ୍ଷେତ୍ରରେ ଏହି ବୈଠକର ବହୁଳ ଉପାଦେୟତା ରହିଛି ଏବଂ ଆସନ୍ତାମାସ ପାଇଁ ପ୍ରଚାର କାର୍ଯ୍ୟକ୍ରମରେ ରୋଗ ପ୍ରତିରୋଧକ ଶକ୍ତି ଉପରେ ଗୁରୁତ୍ୱ ଦିଆଯିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଏନଏବିଏମ୍ ଉପମହାନିର୍ଦ୍ଦେଶକ ଶ୍ରୀ ଏସ.ସି ସୁବୁଦ୍ଧି, ସିବିଏଫସିର କ୍ଷେତ୍ରୀୟ ଅଧିକାରୀ ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର, ପୂର୍ବତଟ ରେଳ ବିଭାଗର ଲୋକସମ୍ପର୍କ ଅଧିକାରୀ ବିକାଶ କୁମାର, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡଃ ପ୍ରଦୀପ କୁମାର ପାଢୀ, ଆଂଚଳିକ ପାସଫଟୋ କାର୍ଯ୍ୟାଳୟର ନିରୀକ୍ଷକ ଲୋକନାଥ ଦାସ, ସେସୁର ପିଆରଓ ସୁଶ୍ରୀ ସଙ୍ଗୀତା ମହାପାତ୍ର, ନନ୍ଦନକାନନ ଚିଡିଆଖାନାର ପ୍ରଶିକ୍ଷଣ ଅଧିକାରୀ ମିଳନ କୁମାର ପଣ୍ଡା, ବାଲେଶ୍ୱର ସ୍ଥିତ କ୍ଷେତ୍ର ପ୍ରଚାର ସଂସ୍ଥାର ଅଧିକାରୀ ଶ୍ରୀ ନିର୍ମାଲ୍ୟ ବେହେରା, ସେସୁର ପୂର୍ବତନ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋଲକ ବିହାରୀ ସାହୁ, ଓ ନିଶିକାନ୍ତ ସାହୁ ପ୍ରମୁଖ ଯୋଗଦେଇ ନିଜ କାର୍ଯ୍ୟାଳୟର କାର୍ଯ୍ୟାବଳୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସୂଚନା ପ୍ରଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗୋଟିଏ ଦିନରେ ୧୭୦ କରୋନା....

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ନୂଆପଡା ଜିଲ୍ଲାରେ ସବୁଠାରୁ ଅଧିକ ୨୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୫ ଜଣ ତଥା ବୌଦ୍ଧ ଜିଲ୍ଲାରେ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକ ଜିଲ୍ଲାରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଜପତି ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଥିବା ବେଳେ ଗଂଜାମ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡା ଜିଲ୍ଲାରୁ ୧, କେନ୍ଦୁଝର ଜିଲ୍ଲାରୁ ୨, ଖୋର୍ଦ୍ଧାରୁ ୨୩ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୨ ତଥା ମାଲକାନଗିରି ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଂଜ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁର୍‌ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡା ଜିଲ୍ଲାରୁ ୨୭ ଓ ପୁରୀରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାୟଗଡା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରେ ୧ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍‌ପୁଲ୍‌ରୁ ୬ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି ।

## ଏପ୍ରିଲ ୨ରେ ଓଡିଶା ଆସିବେ ....

କର୍ମଚାରୀ ଏବଂ ସେବା ଯୋଗାଣକାରୀଙ୍କର ଆର୍.ଟି.ପି.ସି.ଆର୍. ପ୍ରକ୍ରିୟାରେ କୋଭିଡ୍-୧୯ ପରୀକ୍ଷା ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଭୁବନେଶ୍ୱର ଓ କଟକ ପୌର ପରିଷଦ କମିଶନରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଟକ ସ୍ଥିତ ସାରଳା ଭବନ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ନିର୍ଦ୍ଧାରିତ ଉତ୍ସବ ମଂଚରେ ବସିବାକୁ ଥିବା ଅତିଥି, ଶିକ୍ଷାବିତ୍ ଏବଂ ମଂଚ ଉପରୁ କୌଣସି ପ୍ରକାର ପ୍ରମାଣପତ୍ର, ମେଡାଲ ବା ଡିଗ୍ରୀ ଆଦି ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କର ଆଇଟିପିସିଆର୍ କୋଭିଡ୍ ଟେଷ୍ଟ କରାଇବା ପାଇଁ ମଧ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ସଭାସ୍ଥଳରେ ବସିବାକୁ ଥିବା ସମସ୍ତ ଶ୍ରୋତାମାନଙ୍କର ଆଂଟିଜେନ୍ ଟେଷ୍ଟ କରାଯିବ । ସଭାର ଆୟୋଜକମାନେ ପରସ୍ପର ଠାରୁ ଛ ଫୁଟର ଦୂରତା ରଖି ବସିବା ବ୍ୟବସ୍ଥା କରାଇବେ । ବିମାନ ବନ୍ଦର, ଗସ୍ତକାଳ ଏବଂ ରହଣୀ ଆଦି ସମୟରେ ବିଭିନ୍ନ ସେବା ଯୋଗାଇବାକୁ ଉଦ୍ଦିଷ୍ଟ ଅଧିକାରୀ, ଗାଡ଼ିଚାଳକ ଏବଂ କର୍ମଚାରୀମାନଙ୍କର କୋଭିଡ୍ ଟେଷ୍ଟ କରାଇବାକୁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବିମାନ ବନ୍ଦର ଠାରୁ ଆରମ୍ଭ କରି ସଭାସ୍ଥଳ ଏବଂ ରହଣୀ ସ୍ଥାନ ଆଦି ସମସ୍ତ ସ୍ଥାନରେ କୋଭିଡ୍ ନିୟମ କଡ଼ାକଡ଼ି ଭାବେ ଲାଗୁ କରାଇବାକୁ ଶ୍ରୀ ମହାପାତ୍ର ପୋଲିସ୍ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ସନ୍ତୋଷ ବାଳା ଜଣାଇଥିଲେ ଯେ ଉପରାଷ୍ଟ୍ରପତି ଏପ୍ରିଲ ମାସ ୨ ତାରିଖ ଦିନ ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଂଚି ରାଜଭବନ ଯିବେ । ସେହିଦିନ ଅପରାହ୍ନରେ ଉପରାଷ୍ଟ୍ରପତି କଟକ ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ସାରଳା ଭବନଠାରେ ଆଦିକବି ସାରଳାଦାସଙ୍କ ୬୦୦ତମ ଜନ୍ମ ଉତ୍ସବ ଏବଂ ସାରଳା ସାହିତ୍ୟ ସଂସଦର ୪୦ତମ ବାର୍ଷିକ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ । ଏପ୍ରିଲ ୩ ତାରିଖ ପୂର୍ବାହ୍ନରେ ଉପରାଷ୍ଟ୍ରପତି ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେହିଦିନ ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ । ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସଞ୍ଜୀବ ଚୋପ୍ରା ସୂଚନା ଓ ଲୋକ ସମ୍ପର୍କ ଶାସନ ସଚିବ ଶ୍ରୀ ସଞ୍ଜୟ ସିଂଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କଟକ ଓ ଖୋର୍ଦ୍ଧାର ଜିଲ୍ଲାପାଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

## ସରକାରଙ୍କୁ ଚେତାବନୀ ଦେଲେ ....

ବିକ୍ରି କରିବ । କେନ୍ଦ୍ର ସରକାରକୁ ଟାର୍ଗେଟ୍ କରି ଟିକାୟତ କହିଛନ୍ତି କି 'ସରକାର କହୁଛନ୍ତି କୃଷକମାନେ ସେମାନଙ୍କ ଉତ୍ପାଦିତ ଶସ୍ୟ କେଉଁଠାରେ ବି ବିକି ପାରିବେ । ଆମେ ଜାଣିଛୁ କେବଳ ମଣ୍ଡିରେ ଏମଏସପି ମିଳିବ ମଣ୍ଡି ବାହାରେ କେବେ ବି ଏମଏସପି ମିଳିବ ନାହିଁ, ତେଣୁ ଆମେ ପ୍ରସ୍ତୁତ ହେଉଛୁ ସଂସଦ ଭିତରେ ଏମଏସପି ରେ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରିବାକୁ' । କୃଷକ ମାନଙ୍କୁ ଉଦବୋଧନ ଦେଇ ସେ କହିଥିଲେ କି ପୁରା ଦେଶରେ କୃଷକ ମାନଙ୍କର ଆନ୍ଦୋଳନ ଆରମ୍ଭ ହୋଇସାରିଛି । କୃଷକ ମାନେ ସେମାନଙ୍କ ହକ୍ ପାଇବାକୁ ହେଲେ ନିଜକୁ ଜାଗୃତ କରିବାକୁ ପଡିବ । ବିଶେଷ କରି ଯୁବ କୃଷକମାନଙ୍କ କାନ୍ଧରେ ଏହି ଆନ୍ଦୋଳନର ବଡ ଦାୟିତ୍ୱ ରହିଛି । ସେ କହିଥିଲେ କି ଦେଶରେ ଜୟ ଶ୍ରୀରାମ ଓ ଜୟ ଭୀମର ନାରା ଏକା ସାଙ୍ଗରେ ପଡିବା ଦରକାର । ଯେଉଁଥିରେ ଦେଶ ଆଗକକୁ ବଢିବ । ନଚେତ ଏ ସରକାର ଦେଶକୁ ବରବାଦ୍ କରିଦେବ ।

# ରାଜଭବନ ସମ୍ମୁଖରେ ଧାରଣା ଦେଲେ ଡାକ୍ତରୀ ଛାତ୍ର

ଭୁବନେଶ୍ୱର,୨୪/୦୩ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମେଡିକାଲ ଷ୍ଟୁଡେଂଟମାନଙ୍କ ଫୋରମ ମେଡିଭିଜନ ତରଫରୁ ଗଭର୍ଣ୍ଣର ହାଉସ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ରାଜ୍ୟ ବାହାରର ଡାକ୍ତର ମାନଙ୍କୁ ଓପିଏସସି ଏବଂ ଓଏମଇଏସ କ୍ୟାଡରରେ ନିଯୁକ୍ତ ନେଇ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ବାହାରର ଡାକ୍ତର ମାନଙ୍କୁ ଓପିଏସସି ଏବଂ ଓଏମଇଏସ କ୍ୟାଡରରେ ନିଯୁକ୍ତ ଦ୍ୱାରା ଆମ ରାଜ୍ୟର ଡାକ୍ତରମାନେ ତଥା ସାଧାରଣ ଜନତା ନାନାଦି ଅସୁବିଧାର ସମ୍ମୁଖୀନ ହେବେ । ପୂର୍ବରୁ କେବଳ ରାଜ୍ୟର ଡାକ୍ତରମାନେ ଓପିଏସସି ଅଧିନରେ ନିଯୁକ୍ତି ପାଉଥିବା ବେଳେ ଚଳିତ ବର୍ଷଠାରୁ ସଂଶୋଧିତ ଆଇନ ଅନୁଯାୟୀ ରାଜ୍ୟ ବାହାରର ଡାକ୍ତରମାନେ ମଧ୍ୟ ଏହି ସୁବିଧା ଲାଭ କରିବେ । ରାଜ୍ୟରେ ମେଡିକାଲ ୟୁଜି ସିଟ ବୃଦ୍ଧି ହେତୁ ଆଗାମି ଦିନରେ ବାର୍ଷିକ ପ୍ରାୟ ପାଖାପାଖି ୧୯୦୦ ଡାକ୍ତର ବାହାରିବେ । ସେମାନଙ୍କୁ ଅଭାବୀ ଡାକ୍ତରଙ୍କ ବିକଳ୍ପ ଭାବରେ ଗ୍ରହଣ ନକରି ବରଂ ବାହାର ରାଜ୍ୟର ଡାକ୍ତରଙ୍କୁ ଥଇଥାନ ପାଇଁ ଯୋଜନା କରିବା କେତେଦୂର ଯୁକ୍ତିଯୁକ୍ତ ତାହା ଏବେ ସାଧାରଣ ମହଲରେ ଚିନ୍ତାର ବିଷୟ ପାଲଟିଛି ।

# କ୍ରାନ୍ତି ତୀର୍ଥ ଶିଳଘାଟୀ ବନ୍ଧର ୮୦ ତମ ସ୍ମୃତି ଦିବସ ପାଳିତ

ଉଦଳା ୨୪/୦୩(ନି.ପ୍ର)- ସ୍ୱାଧିନତା ଆନ୍ଦୋଳନର ସ୍ମୃତି ବହନ କରୁଥିବା ମୟୂରଭଞ୍ଜର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ କ୍ରାନ୍ତି ତୀର୍ଥ ଶିଳଘାଟୀ ବନ୍ଧର ୮୦ ତମ ସ୍ମୃତି ଦିବସ ଆଜି ମାର୍ଚ୍ଚ ୨୪ ତାରିଖ ବୁଧବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବସବ୍ୟାପି ସ୍ମୃତିସ୍ତମ୍ଭ ଉଦ୍‌ଘାଟନ, ଆଲୋଚନାଚକ୍ର, କବିତା ପାଠୋତ୍ସବ ସହିତ ଦିବଂଗତ ସ୍ୱାଧିନତା ସଂଗ୍ରାମିଙ୍କ ଉଦ୍ଦେ୍ୟରେ ପ୍ରଦୀପ ପ୍ରଜ୍ୱଳନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଥାଉକି ଆମ ଦେଶକୁ ଇଂରେଜ ମାନେ ଶାସନ କରୁଥିବା ସମୟରେ ୧୯୪୨ ମସିହାରେ ମୟୂରଭଞ୍ଜର ମହାରାଜା ତାଙ୍କ ରାଜ୍ୟର କୌଣସି ସ୍ଥାନରେ ବନ୍ଧ ବସାଇବାକୁ ମନା କରିଥିଲେ । ଏହା ମହାରାଜାଙ୍କର କଥା ନଥିଲା । ଏହା ଇଂରେଜ ସରକାରଙ୍କର ନିର୍ଦ୍ଦେଶ ଥିଲା । କାରଣ ମହାରାଜା ନିଜେ ଇଂରେଜ ସରକାରଙ୍କର ପଲିଟିକାଲ ଏଜେଣ୍ଟ ଦ୍ୱାରା ଶାସିତ ହେଉଥିଲେ । ବନ୍ଧ ବସାଇଲେ ଲୋକେ ଚାଷ କରିବେ, ଲୋକଙ୍କ ଘରେ ଖାଇବାକୁ ହୋଇଗଲେ ସେମାନେ ଆଉ ବେଠି ଖଟିବେ ନାହିଁ, ପ୍ରଜାମେଳି କରିବେ । ତେଣୁ ବନ୍ଧ ବସାଇବାକୁ ମନା



କରାଯାଇଥିଲା ତେବେ ଇଂରେଜ ସରକାରଙ୍କର ଏଭଳି ନୀତିକୁ ବିରୋଧ କରି ସେ ସମୟରେ ଏ ଅଞ୍ଚଳର ସଂଗ୍ରାମୀ ଗିରିଶଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା ଏକ ବଡ଼ଧରଣର ପ୍ରଜା ମେଳି । ୧୯୪୨ ମସିହା ମାର୍ଚ୍ଚ ମାସ ୨୪ ତାରିଖ ଦିନ ହଜାର ହଜାର ସଂଖ୍ୟାରେ ଲୋକେ ଏଂାରେ ଏକତ୍ରିତ ହୋଇ ଜୋର ଜବରଦସ୍ତ ବାନ୍ଧିଥିଲେ ଏହି ବନ୍ଧ । ମାର୍ଚ୍ଚ ୨୪ ତାରିଖରେ ବନ୍ଧର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଏପ୍ରିଲ ୧ ତାରିଖ ଦିନ ସରିଥିଲ । ଏହାର ପରିଣାମ ସ୍ୱରୂପ ଇଂରେଜ ସରକାର ଆରମ୍ଭ କରିଥିଲେ ବ୍ୟାପକ ଗିରଫଦାରୀ । ଫଳରେ ଗିରିଶଚନ୍ଦ୍ର ରାୟଙ୍କ ସମେତ ୨୦୦ରୁ ଉର୍ଦ୍ଧ ବ୍ୟକ୍ତି ବିଶେଷଙ୍କୁ ପୋଲିସ ଗିରଫ କରି ଜେଲ ହାଜତକୁ ପଠାଇଦେଇଥିଲା । ତେବେ ଏହି ଦିବସଟିକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଉକ୍ତ ସ୍ମୃଅତି ଦିବସ ପାଳିତ ହୋଇ ଆସୁଅଛି । ଚଳିତ ବର୍ଷ ଏହିକାର୍ଯ୍ୟକ୍ରମରେ ସାମ୍ବାଦିକ ତପନ କୁମାର ମହାନ୍ତି ଅଧକ୍ଷତା କରିଥିବା ବେଳେ ଗୋପବନ୍ଧୁନଗର ବ୍ଲକର ବିଡ଼ିଓ ରବିନ୍ଦ୍ର ମଲ୍ଲିକ , ଆରଣ୍ୟକ ସାହିତ୍ୟ ସଂସଦର ସଭାପତି ବସନ୍ତ କୁମାର ରାଉଳ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଶିଳଘାଟୀ ସରପଞ୍ଚ ଭାଗ ହେମ୍ବ୍ରମ, ପଞ୍ଚାୟତ ସମିତି ସଦସ୍ୟା ସୁଲଚନା ଦାସ ପ୍ରମୁଖ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ରକ୍ତ ଦାନକରି ଶହୀଦଙ୍କୁ ମନେ ପକାଇଲେ ବାରିପଦା ବାସୀ

ବାରିପଦା,୨୪/୦୩(ନି.ପ୍ର): ଭାରତ ଛାଡ ଆନ୍ଦୋଳନରେ ଓଡିଶାରୁ ପ୍ରମୁଖ ଭାଗ ନେଇ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ଶହିଦ ଜୟୀ ରାଜଗୁରୁ, ଶହିଦ ଭଗତ ସିଂ ଏବଂ ଶୁକଦେବ । ଏହି ୩ ବୀର ପୁରୁଷଙ୍କ ୯୦ ତମ ବଳିଦାନ ଦିବସ ଉପଲକ୍ଷେ ଆଜିର ଦିବସକୁ ବଳିଦାନ ଦିବସ ଭାବେ ପାଳନ କରା ଯାଉଛି। ଏହି ଅବସରରେ ବାରିପଦା ସ୍ଥିତ ରୋଟାରୀ ଭବନ ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ଜଗନ୍ନାଥ ସେବା ସଂସ୍ଥା, ନିଫା ଏବଂ ଶ୍ରୀ ବଲ୍ଲଭ ଚାରିଟେବୁଲ୍ ଟ୍ରଷ୍ଟର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ଟାଉନଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବାରିପଦା ପୌରପରିଷଦ ର ବରିଷ୍ଠ ଗୋଷ୍ଠୀ ସଂଗଠିକା ତାରାମଣି ମହାପାତ୍ର ଯୋଗ ଦେଇଥିଲେ। ଏଥିସହିତ ମହାମାରୀ କରୋନା ସମୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଥିବା ଡାକ୍ତର, ଫାର୍ମାସିଷ୍ଟ, ପୋଲିସ କର୍ମଚାରୀଙ୍କ ଭଳି ମୋଟ ୩୦ ଜଣଙ୍କୁ କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରା ଯାଇଛି। ରକ୍ତ ଅଭାବରୁ କେହି ନ ମରୁ ଏହା ହିଁ ଆଜିର ରକ୍ତଦାନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ସଂଗଠନ ର କର୍ମକର୍ତ୍ତା ମାନେ । ଶିବିରରେ ମୋଟ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶ୍ରୀ ଜଗନ୍ନାଥ ସେବା ସଂଗଠନର ସଭାପତି ପରିତୋଷ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡା. ସୁମିତ୍ରା ସୋରେନ, ରଣଜିତ କୁମାର ଦାସ, ରୁପାଲି ପଣ୍ଡା, ମନୋଜ କୁମାର ସେନାପତି, ସକିଲା ବେଗମ୍, ସଞ୍ଜୁକ୍ତା ଭୁଜବଳ, ପ୍ରତାପେଶ୍ୱର ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କୁ ସୋମନାଥ ସିଂ ପରିଚାଳନା କରିଥିଲେ। ଶେଷରେ ଶ୍ରୀ ଜଗନ୍ନାଥ ସେବା ସଂଗଠନର ଉପ ସଭାପତି ଡ. ନିରୋଜ କୁମାର ପୋଥାଳ ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଣିରେ ବୁଡି ଦୁଇ ବର୍ଷର ଶିଶୁ କନ୍ୟା ମୃତ

ବାଲିଆପାଳ,୨୪/୦୩ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଂଚାୟତ ରସଲପୁର ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଗ୍ରାମର କମଲୋଚନ ଦାସଙ୍କର ଦୁଇ ବର୍ଷର ଶିଶୁ କନ୍ୟା ସୁବର୍ଣ୍ଣରେଖା ନଦୀରେ ବୁଡି ପ୍ରାଣ ହରାଇଛି । ଆଜି ସକାଳେ ଦେବସ୍ମିତା ନଦୀ ପାଣିରେ ଭାସୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ । ତାକୁ ଉଦ୍ଧାର କରାଯାଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ତେବେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ରେଫର କରାଯାଇଥିଲା । ରାସ୍ତାରେ ଯିବା ବେଳେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାକୁ ବସ୍ତା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୁବର୍ଣ୍ଣରେଖା ନଦୀ ବନ୍ଧରେ ଖେଳୁ ଖେଳୁ ଦେବସ୍ମିତା ପାଣିରେ ପଡିଯାଇଥିବା ଅନୁମାନ କରାଯାଉଛି । କୁନି ଝିଅ ଦେବସ୍ମିତାର ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ବନ୍ଦର ଏମ୍‌ସିଏଚ୍‌ପିରେ ସର୍ବାଧିକ ପଣ୍ୟ ବୋଝେଇ ରେକର୍ଡ




ପାରାଦୀପ,୨୪/୦୩ (ନି.ପ୍ର): ପାରାଦୀପ ବନ୍ଦର ଯାନ୍ତ୍ରିକ କୋଇଲା ସଂଯନ୍ତ୍ର ବା ଏମ୍‌ସିଏଚ୍‌ପି ଦ୍ୱାରା ତାପଜ କୋଇଲା ବୋଝେଇରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । କେପ୍(ବୃହତ) ଆକାର ଜାହାଜ ଏମ୍‌ଭି ଓରିଅନ-୧ରେ ୨୨ଘଣ୍ଟା ୨୫ମିନିଟ୍ ସମୟ ମଧ୍ୟରେ ୧ ଲକ୍ଷ ୩୬ ହଜାର ୨୯୪ଟନ୍ ତାପଜ କୋଇଲା ବୋଝେଇ ହୋଇ ଏହି କିର୍ତ୍ତୀମାନ ସ୍ଥାପିତ ହୋଇଛି । ଅର୍ଥାତ ଘଣ୍ଟାପ୍ରତି କୋଇଲା ବୋଝେଇ ହାର ୬୦୮୦ ଟନ୍ ବା ଦିନ ପ୍ରତି ୧,୪୫.୯୨୧ ଟନ୍ ରହିଛି । ଏମ୍‌ସିଏଚ୍‌ପିର ଏହି କୃତିତ୍ୱ ନେଇ ବନ୍ଦର ଅଧକ୍ଷ ବିନୀତ କୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହି ପ୍ରକାର ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ଗ୍ରାହକ ମାନଙ୍କ ପ୍ରଶଂସା ଆମ ଲାଗି ସବୁଠାରୁ ସନ୍ତୋଷର ବିଷୟ ଏବଂ ଭବିଷ୍ୟତରେ ଆମକୁ ଅଧିକ ପ୍ରେରଣା ଯୋଗାଇ ଥାଏ । ସୂଚନାଥାଉକି, ପୂର୍ବରୁ ୨୦୧୯ ଏପ୍ରିଲ ୨୪ତାରିଖରେ ଏମ୍‌ଭି ହଷ୍ଟନ ଜାହାଜରେ ୧,୩୩,୬୪୨ଟନ ତାପଜ କୋଇଲା ବୋଝେଇ ହୋଇଥିଲା । ଯାହାକି ଘଣ୍ଟାପ୍ରତି ହାର ୫୬୪୮ ଟନ୍ ବା ଦିନ ପ୍ରତି ୧,୩.୯୫୩ ଟନ୍ ଥିଲା ।

## ମାର୍ଚ୍ଚ ୨୬ରେ ସିନିୟର ଓ ୧୯ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପାରାଦୀପ,୨୪/୦୩ (ନି.ପ୍ର): ଚଳିତ ବର୍ଷ ଓଡିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଦ୍ୱାରା ହେବାକୁ ଥିବା ସିନିୟର ଓ ୧୯ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାରାଦୀପ ପୋର୍ଟ କ୍ରିକେଟ୍ ଜିଲ୍ଲା ଦ୍ୱାରା ଆସନ୍ତା ମାର୍ଚ୍ଚ ୨୬ତାରିଖ ଶୁକ୍ରବାର ଦିନ ଠାରୁ ଏପ୍ରିଲ ୭ତାରିଖ ପର୍ଯ୍ୟନ୍ତ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ପାରାଦୀପ ମୁନିସିପାଲିଟି ଅଂଚଳର ୧୨ଟି କ୍ଲବ ଯଥା ଅଫିସର୍ସ କ୍ଲବ, ପୋର୍ଟ କ୍ଲବ, ଡକ୍ ରିକ୍ରେସନ କ୍ଲବ, ପାରାଦୀପ କିକ୍ରେଟ କ୍ଲବ, ପାରାଦୀପ କିକ୍ରେଟ ଏକାଡେମୀ-୧ ଓ ଏକାଡେମୀ-୨, ସମ୍ରାଟ ମେମୋରିଆଲ କ୍ଲବ, ଡାଇମଣ୍ଡ କ୍ଲବ-୧, ଡାଇମଣ୍ଡ କ୍ଲବ-୨, ମଦର ଇଣ୍ଡିଆ, ବ୍ଲୁଷ୍ଟାର ଓ ପାରାଦୀପ ସ୍ପୋର୍ଟିଙ୍ଗ୍ କ୍ଲବ ଭାଗ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ପ୍ରତ୍ୟେକ ଦଳରେ ସିନିୟର ୧୦ଜଣ ଓ ୧୯ବର୍ଷରୁ କମ୍ ୫ଜଣ ଖେଳାଳୀ ରହିବେ ଏବଂ ଖେଳୁଥିବା ୧୧ଜଣଙ୍କ ମଧ୍ୟରେ ୭ଜଣ ସିନିୟର ଓ ୪ଜଣ ୧୯ବର୍ଷରୁ କମ୍ ଖେଳାଳୀ ରହିବା ବାଧତା ମୂଳକ କରାଯାଇଛି । ୧୪ବର୍ଷରୁ କମ୍ ବୟସର ଖେଳାଳୀ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ପାରିବେ ନାହିଁ ବୋଲି ଓସିଏ ଗାଇଡ୍‌ଲାଇନ୍‌ରେ ଦର୍ଶାଯାଇଥିବା ଜଣା ପଡିଛି ।

## ବିଧାୟକ ବ୍ୟୋମକେଶଙ୍କ ଗିରଫ ଦାବିକଲା ବିଜେପି

ଭଦ୍ରକ,୨୪/୦୩ (ନି.ପ୍ର): ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ବାଂଶଡ଼ା ଥାନା ସବ୍ ଇନିସ୍ପେକ୍ଟର ଗୁରୁଚରଣ ବେହେରାଙ୍କ ମଧ୍ୟରେ ହୋଇଥିବା କଥୋପକଥନର ଅଡ଼ିଓ ଭାଇରାଲ ହେବା ପରେ ଉକ୍ତ ଅଡ଼ିଓରୁ ବିଧାୟକଙ୍କର ଜଣେ କର୍ତ୍ତବ୍ୟରତ ସରକାରୀ ପୁଲିସ ଅଧିକାରୀଙ୍କ ପ୍ରତି ଧମକ ଓ ଅଶ୍ଳୀଳ ଭାଷାରେ ଗାଳିକୁ ବିରୋଧ କରି ଆଜି ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ବିଧାୟକଙ୍କୁ ଗିରଫ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପରେ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଢୀ ଗଣମାଧ୍ୟମକୁ ସମ୍ବୋଧନ କରି କହିଥିଲେ କି ବର୍ତ୍ତମାନ ଭଦ୍ରକ ଜିଲ୍ଲାର ପ୍ରତ୍ୟେକ ଥାନା ବିଜେଡ଼ି ଦଳର ଅଫିସ ଭାବେ କାର୍ଯ୍ୟ କରୁଛି । ଥାନାର ପୁଲିସ ଅଧିକାରୀମାନେ ବିଧାୟକ ଏବଂ ବିଜେଡ଼ି ଦଳର ନେତାଙ୍କ ହାତବାରିସୀ ହୋଇ କାମ ନ କଲେ ତାଙ୍କୁ କଳାପାଣି ପଠାଇବାର ଧମକ ଦେଉଛନ୍ତି। ଯାହା ଫଳରେ ନୀରିହ ଲୋକ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି ବୋଲି ପାଢୀ କହିଥିଲେ। ସମ୍ମିଳନୀରେ ଯୋଗ ଦେଇ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ଡାକ୍ତର ପ୍ରଦିପ ନାୟକ କହିଥିଲେ କି ସାଧାରଣ ଲୋକ ନ୍ୟାୟ ପାଇବାକୁ ଥାନାକୁ ଗଲେ ଆଗେ ସେ କେଉଁ ଦଳର ବୋଲି ପଚରା ଯାଉଛି। ବହୁ ଅଧିକାରୀ ନିଜ ଇଚ୍ଛା ବିରୁଦ୍ଧରେ ବିଜେଡ଼ିର ପ୍ରଚାରକ ସାଜୁଛନ୍ତି। କେବଳ ପୁଲିସ ବିଭାଗ ନୁହେଁ, ଜିଲ୍ଲାର ସବୁ ବିଭାଗର ସରକାରୀ ଅଧିକାରୀମାନେ ବିଜେଡ଼ିର ଦଲାଲ ଭଳି କାର୍ଯ୍ୟ କରୁଛନ୍ତି ବୋଲି ଡାକ୍ତର ନାୟକ ଆରୋପ କରିଥିଲେ। ତୁରନ୍ତ ଚାନ୍ଦବାଲିର ବିଧାୟକ ବ୍ୟୋମକେଶ ରାୟଙ୍କୁ ଗିରଫ କରା ନଗଲେ ବିଜେପି ଜିଲ୍ଲାବ୍ୟାପୀ ଆନ୍ଦୋଳନ କରିବ ବୋଲି ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ଅଶୋକ ପରିଜା, ମହିଳାମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ, ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ମଲ୍ଲିକ, ଆଇଟି ସେଲ ମୁଖ୍ୟ ଶଶାଙ୍କ ମିଶ୍ର, ଭାଗିରଥୀ ମହାକୁଡ଼, ଶଶାଙ୍କ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## କଟକଣାରେ ଆବଶ୍ୟକ ରୀତିନୀତିରେ ପାଳନ ହେବ ଶ୍ରୀରାମ ନବମୀ

ଭଦ୍ରକ,୨୪/୦୩ (ନି.ପ୍ର): ପବିତ୍ର ଶ୍ରୀରାମ ନବମୀ ପାଳନ ନେଇ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ଅତିରିକ୍ତ ଜିଲ୍ଲାପାଳ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ରାୟ ରାମାନନ୍ଦ ମହାପାତ୍ର, ସମିତିର କର୍ମକର୍ତ୍ତା, ଚଉଦ ମହଲା ମୁସ୍‌ଲିମ୍ ଜମାତ୍‌ର କର୍ମକର୍ତ୍ତା, ପୁଲିସ ଅଧିକାରୀ ମାନେ ଯୋଗ ଦେଇଥିଲେ। ଆଗାମୀ ଶ୍ରୀରାମ ନବମୀ କୋବିଡ଼୍ କଟକଣାରେ ଆବଶ୍ୟକୀୟ ରୀତିନୀତି ଅନୁଯାୟୀ ପାଳନ କରାଯିବାକୁ ସ୍ଥିର କରାଯାଇଥିବା ବେଳେ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମ ଉପରେ ରୋକ୍ ଲଗା ଯାଇଛି। ତେବେ ଯେଉଁସବୁ କାର୍ଯ୍ୟ କୋବିଡ଼୍ କଟକଣାରେ କରାଯିବାକୁ ଅନୁମତି ମିଳିଛି ରାଜ୍ୟ ସରକାରଙ୍କ ଏପ୍ରିଲ ମାସ ନିମନ୍ତେ କୋବିଡ଼୍ ଗାଇଡ଼୍ ଲାଇନର ସର୍ତ୍ତାବଳୀ ଆସିବା ପରେ ଏହା ପରିବର୍ତ୍ତନ କରାଯାଇ ପାରେ ବୋଲି ଜିଲ୍ଲାପାଳ ଡ. ଦାସ କହିଛନ୍ତି।

## ୟୁଜର୍ସ ଫି ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର



ଜଳେଶ୍ୱର, ୨୪/୩ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟି ରେ ନୂତନଭାବେ ଲାଗୁ କରାଯାଇଥିବା ୟୁଜର୍ସ ଫି ବିରୋଧରେ ସ୍ୱରଉତ୍ତଳନ ଆରମ୍ଭ ହୋଇଛି । କରୋନା ସମୟରେ ଲୋକଙ୍କ ଆର୍ଥୀକ ମେରୁଦଣ୍ଡ ଭାଂଗି ଯାଇଥିବା ବେଳେ ଲୋକଙ୍କ ଉପରେ ବୋଝ ଉପରେ ଲଳିତାବିଧା ସଦୃଶ ଏହି ୟୁଜର୍ସ ଫିକୁ ଲାଗୁ ନ କରିବାଲାଗି ଆଜି ବୁଧବାର ଭାରତୀୟ ଜନତାପାର୍ଟୀ ପକ୍ଷରୁ ଏକ ଦାବିପତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ରଙ୍କ ମାଧ୍ୟମରେ ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜିର ଏହି କାର୍ଯ୍ୟକ୍ରମରେ ସୁବ୍ରତ ଘୋଷ, ମାନସ ପ୍ରଧାନ, ରବିନ୍ଦ୍ର ପାତ୍ର, ଚିତ୍ତରଂଜନ ଗିରି, ରତନ ଦତ୍ତ, ଧନଞ୍ଜୟ ଗିରି, ସତ୍ୟ ମହାନ୍ତି, ବନମାଳି ଗିରି, ରଂଜନ ପାତ୍ର, ସନ୍ତୋଷ ପରିଡା ପ୍ରମୁଖ ବହୁ କର୍ମୀ ଏଥିରେ ଭାଗ ନେଇଥିଲେ ।

## ଛିନ୍‌ତାଇ କରୁଥିବା ଯୁବକକୁ ଛେଚି ପୁଲିସ୍‌ରେ ଜିମା



ଜଳେଶ୍ୱର, ୨୪/୩ (ନିପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ସହରରେ ବିଭିନ୍ନ ସମୟରେ ଆନ୍ତରାଜ୍ୟ ଲୁଟେରାମାନେ ଆସି ଛିନ୍‌ତାଇ କରି ପଶ୍ଚିମବଂଗକୁ ପଳାଇ ଯାଉଛନ୍ତି । ଆଜି ବୁଧବାର ଅପରାହ୍ନରେ ଜଳେଶ୍ୱର ବ୍ଲକର ଭାଦା ଗ୍ରାମର ସନ୍ତୋଷ ବେହେରା ଷ୍ଟେଟ ବ୍ୟାଙ୍କରୁ ୪୯ ହଜାର ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ରଖି ନିଜ ସାଇକେଲରେ ଘରକୁ ଫେରୁଥିଲେ । ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ପିଛାକରି ଜଳେଶ୍ୱର ନୂଆବଜାର ନିକଟରେ ଏକ ସୁତୁଲି ଫିଙ୍ଗି ସାଇକେଲକୁ ଜାମ୍ କରାଇ ଥିଲେ । ଶ୍ରୀ ବେହେରା ସାଇକେଲରୁ ସୁତୁଲି ବାହାର କରିବା ସମୟରେ ସାଇକେଲ ହେଣ୍ଡେଲରେ ଥିବା ଟଙ୍କା ବ୍ୟାଗ୍‌କୁ ନେଇ ପଳାଇ ଯିବାକୁ ଉଦ୍ୟତ କରିଥିଲେ । ଏହି ସମୟରେ ଶ୍ରୀ ବେହେରା ଚିତ୍କାର କରିବାରୁ ପାଖ ଦୋକାନୀମାନେ ଦୌଡି ଆସି ଲୁଟେରାକୁ କାବୁ କରିଥିଲେ । ଲୋକମାନେ ତାକୁ ପ୍ରବଳ ଛେଚିବା ପରେ ପୁଲିସ୍‌କୁ ଜିମା ଦେଇଥିଲେ । ସେ ଗଂଜାମ ଜିଲାର ଆସ୍କା ଅଂଚଳର ହୋଇଥିବା ବେଳେ ତାର ନାମ ଶ୍ରୀରାଓ ବୋଲି ଜଣାଯାଇଛି । ଚମ୍ପଟ ମାରିଥିବା ଅନ୍ୟ ୪ଜଣ ଯୁବକକୁ ଧରିବାଲାଗି ପୁଲିସ୍ ତନାଘନା ଚଳାଇଛି ।

## ବିଜେଡ଼ିର ମିଶ୍ରଣ ପର୍ବରେ ସମିତିସଭ୍ୟଙ୍କ ସମେତ ଶତାଧିକ ବିଜେପି କର୍ମୀ

ଧାମନଗର,୨୪/୦୩ (ନି.ପ୍ର): ଧାମନଗର ବ୍ଲକ ରଇପୁର ପଂଚାୟତ କଂଟିକା ଠାରେ ବିଜେଡ଼ିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ବିଜେଡ଼ି ସଭାପତି ଉମେଶଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ତିହିଡ଼ି ପଞ୍ଚାୟତ ସମିତି ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ, ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାଂସଦଙ୍କ ବ୍ଲକ ପ୍ରତିନିଧି ନାରାୟଣଚନ୍ଦ୍ର ସାହୁ, ନଗରପ୍ରତିନିଧି ଶରତଚନ୍ଦ୍ର ମହାନ୍ତି, ସମେତ ଦଳର ଛାମୁଆ ନେତା ଓ କର୍ମୀ ପ୍ରମୁଖ ଯୋଗଦେଇ ବିଜେଡି ଦଳର ଆଭିମୁଖ୍ୟ ତଥା ରାଜ୍ୟର ବିକାଶ କ୍ଷେତ୍ରରେ ଏହାର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ସମସରପୁର ତାରିଣୀ ମନ୍ଦିରରେ ବାର୍ଷିକ ଯଜ୍ଞ



ଖଇରା,୨୪/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ସମସରପୁର ଗ୍ରାମରେ ଥିବା ପ୍ରସିଦ୍ଧ ତାରିଣୀ ପୀଠରେ ମଙ୍ଗଳବାର ଦିନ ୨୫ତମବାର୍ଷିକ ଉତ୍ସବ ପାଳନ ଅବସରରେ ଯଜ୍ଞ ଓ ଭଜନ କୀର୍ତ୍ତନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରାଜେନ୍ଦ୍ର ମାହାନା, ଶିବ ପ୍ରସାଦ ନାୟକ, ବସନ୍ତ ସାମଲ,ପୂର୍ଣ୍ଣଚନ୍ଦ୍ର ଦାସ, ରଘୁନାଥ ବାରିକଙ୍କ ଦ୍ୱାରା କଳସ ଅଣା ଯାଇଥିଲା । ରବିନ୍ଦ୍ର ପଣ୍ଡା, ଅଶୋକାନନ୍ଦ ଦାଶ, ଶ୍ରୀବତ୍ସ ନନ୍ଦ, ଶରତ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମାଙ୍କର ପୂଜାର୍ଚ୍ଚନା ଓ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସରପୁର ଗ୍ରାମବାସୀଙ୍କ ସମେତ ରାମଚନ୍ଦ୍ର ପୁର, ଦହିପୁର, ସରସତିଆ ଗ୍ରମବାସୀ ମାନେ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ।

## ଧାମନଗରରେ କୋଭିଡ଼ର ଦ୍ୱିତୀୟ ଲହର ନିମନ୍ତେ କଟକଣା ଲାଗୁ



ଧାମନଗର,୨୪/୦୩ (ନି.ପ୍ର): କରୋନା ମହାମାରୀର ଦ୍ୱିତୀୟ ଲହର ସମଗ୍ର ଦେଶରେ ଦେଖାଦେଇଥିବାବେଳେ ଓଡ଼ିଶାର ଏହାର ପ୍ରଭାବ ମଧ ଦେଖିବାକୁ ମିଳିଲାଣି। କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରାଜ୍ୟ ସରକାରଙ୍କ ତରଫଣୁ ବ୍ୟାପକ ସଚେତନ କରାଯାଉଛି। ଏହି କ୍ରମରେ ଧାମନଗର ଆଇଆଇସି ରତିକାନ୍ତ ଗିରି ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଧାମନଗର ସହରରେ ଜନସାଧାରଣଙ୍କୁ ମାସ୍କ ପରିଧାନ କରିବାପାଇଁ ଏକ ସଚେତନ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଡ଼ାକବାଜି ଯନ୍ତ ସାହାଯ୍ୟରେ ଲୋକମାନଙ୍କୁ ସଚେତନ କରାଇବା ସହିତ ମାସ୍କ ପିନ୍ଧିନଥିବା ବିଭିନ୍ନ ବ୍ୟବସାୟୀ ଓ ଜନସାଧାରଣଙ୍କ ଠାରୁ ୫ଶହ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଥିଲା। କୋଭିଡ଼୍ ମହାମାରୀ ପାଇଁ ନାଇଟ କର୍ଫ୍ୟୁ, ଲକଡ଼ାଉନ୍ ଓ ସଟ୍‌ଡ଼ାଉନ୍‌କୁ ଏକ ବର୍ଷ ବିତିଥିବାବେଳେ ଲୋକେ ଏ ସମ୍ପର୍କରେ ଲାଗୁଥିବା ସମସ୍ତ କଟକଣାକୁ ଧିରେ ଧିରେ ଭୁଲିବାକୁ ବସିଲେଣି। ତେବେ କରୋନାର ଦ୍ୱିତୀୟ ଲହରକୁ ମୁକାବିଲା କରିବାପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛିବୋଲି ସ୍ଥାନୀୟ ପୋଲିସ ପ୍ରଶାସନ ଓ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ତରଫରୁ ସଚେତନ କରାଯାଇଛି।

## କବି ଅମିତାଭ ମିଶ୍ରଙ୍କ ଲିଖିତ ପୁସ୍ତକ "କବିତା କୈରବ" ଉନ୍ମୋଚିତ



ବାରିପଦା,୨୪/୦୩ (ନି.ପ୍ର): କବି ଅମିତାଭ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ "କବିତା କୈରବ" ଉନ୍ମୋଚିତ ହୋଇଯାଇଛି । ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗ ସହଯୋଗୀ ପ୍ରଫେସର ଡ.ଦେବାଶିଷ ପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ସଭାପତି ଡ. ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ମହେଶ୍ୱର ଠାରେ ଡ. ଦେବାଶିଷ ପାତ୍ରଙ୍କ ବାସଭବନରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୦୮ଟି କ୍ଷୁଦ୍ର କବିତାର ସଙ୍କଳନ ହେଉଛି "କବିତା କୈରବ"। ପୂର୍ବରୁ କବି ମିଶ୍ରଙ୍କ ଲିଖିତ ପୁସ୍ତକ ସ୍ମୃତି ମଞ୍ଜୁଳା, ସୃଷ୍ଟି ସମଗ୍ର, ରୂପାନ୍ତର, ମଣିମାଣିକ୍ୟ, ଶିଶୁ:ମୋ ଦେଶର ଶିଶୁ, କବିତା କବରୀ, ମହମହ ମାଟିର ମହକ, ପ୍ରେମ, କବିତା କଳାପ, ଟିକିଟିକି ତାର ଫୁଲ କବିତା କହ୍ଲାର, କବିତା କଳ୍ପତରୁ, କବିତା କସ୍ତୁରୀ, ନମିତା କୋରଙ୍କ ପ୍ରଭୃତି ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି। ବରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଶ୍ରୀ ମିଶ୍ର ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅଛନ୍ତି।

## ବାବା ଭୁଜାଖିଆ ପୀରଙ୍କ ୭୭ତମ ଉର୍ସ ଉଦଘାଟିତ



ବାଲେଶ୍ୱର,୨୩/୦୩ (ନି.ପ୍ର): ବାଲେଶ୍ୱର ଜିଲାର ଭାଇଚାରାର ପ୍ରତୀକ ସୁନଟସ୍ଥିତ 'ବାବା ଭୁଜାଖିଆ ପୀର'ଙ୍କ ୩ ଦିନିଆ ୭୭ ତମ ବାର୍ଷିକ ଉତ୍ସବ 'ଉର୍ସ' ଭାବାବେଗମୟ ପରିବେଶ ମଧ୍ୟରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ହଜାର ହଜାର ଶ୍ରଦ୍ଧାଳୁ ନିଷ୍ଠାର ସହ ପୀରବାବାଙ୍କୁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି। ତିନିଦିନିଆ ଉତ୍ସବର ପ୍ରଥମ ଦିନରେ ଗୋସାଲ, କୋରାନ୍ ପାଠ, ମିଲାଡ ସରିଫ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳୁ ସ୍ଥାନୀୟ ପରମିଟ ଘାଟରୁ ପାଣି ଆଣାଯାଇ ବାବାଙ୍କ ଆସ୍ଥାନକୁ ପବିତ୍ର କରାଯିବା ପରେ ଚାଦର ଚଢାଯିବା ସହ ସାମୂହିକ କୋରାନ୍ ପାଠ କରାଯାଇଥିଲା। ପରେ ଭକ୍ତମାନେ ଦିବସବ୍ୟାପୀ ବାବାଙ୍କୁ ଦର୍ଶନ କରି ଚାଦର ଚଢାଇଥିଲେ। ତେବେ ଜନଗହଳି ନିୟନ୍ତ୍ରଣ ଏବଂ ଶାନ୍ତିଶଙ୍ଖଳା ରକ୍ଷା ପାଇଁ ପୀରବାବା ଶାନ୍ତି କମିଟି ଓ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଆବଶ୍ୟକୀୟ ପୋଲିସ ଫୋର୍ସ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରଯାଇଥିବା କ୍ରାଇମ ଡିଏସପି ଉମେଶ କୁମାର ପଣ୍ଡା କହିଛନ୍ତି । ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକମାନେ ବାବାଙ୍କ ବାର୍ଷିକ ଉତ୍ସବରେ ଯୋଗ ଦେଇ ପ୍ରାର୍ଥନା କରିବା ସହ ଭୋଗ ଲଗାଇ ଥାଆନ୍ତି। ବିଶେଷ କରି ପୀଠରେ ଲଡ୍ଡୁ, ଗଜା, କୋରା, ଖଜା ଇତ୍ୟାଦି ଶୁଖିଲା ମିଷ୍ଟାନ୍ନ ଭୋଗ ସ୍ୱରୂପ ଲଗାଯିବାର ବିଧି ରହିଛି। ଏଥିପାଇଁ କମିଟି ପକ୍ଷରୁ ୨୧ଟି ଷ୍ଟଲ ଖୋଲାଯାଇ ଭୋଗ ବିକ୍ରୟର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପ୍ରତ୍ୟେକ ବର୍ଷ ଉର୍ସ ଉତ୍ସବରେ ବସୁଥିବା ମେଳା କୋଭିଡ କଟକଣା ପାଇଁ ଚଳିତ ବର୍ଷ ମଧ ବନ୍ଦ ରଖାଯାଇଥିବା ଉର୍ସ ଉତ୍ସବ କମଟିର କର୍ମକର୍ତ୍ତାମାନେ କହିଛନ୍ତି । ଭାଇଚାରାର ନିଦର୍ଶନ ପାଲଟିଥିବା ବାବା ଭୁଜାଖିଆ ପୀରଙ୍କ ପୀଠରେ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାବାଙ୍କ ପୀଠକୁ ଆସିଲେ ମନୋସ୍କାମନା ପୂରଣ ହୁଏ ବୋଲି ସମସ୍ତଙ୍କର ବିଶ୍ୱାସ ରହିଛି। ମନୋବାଂଛା ପୂରଣ ହେଲେ ବାବାଙ୍କ ଆସ୍ତାନରେ ଚାଦର ଚଢ଼ାଇବାକୁ ଆସି ଥାଆନ୍ତି ବୋଲି ଶୁଣିବାକୁ ମିଳେ। ଉର୍ସ ଉତ୍ସବର ଶେଷ ଦୁଇ ଦିନରେ ସହରର ବିଭିନ୍ନ ଅଂଚଳରୁ ଭକ୍ତମାନେ ଶୋଭାଯାତ୍ରାରେ ଆସି ବାବାଙ୍କ ଉପରେ ଚାଦର ଚଢାଇବେ ବୋଲି ଉର୍ସ ଉତ୍ସବ ପରିଚାଳନା କମିଟିର କର୍ମକର୍ତ୍ତାମାନେ କହିଛନ୍ତି । ବାବାଙ୍କ ପୀଠରେ ଚାଦର ଚଢାଇବାକୁ ଆସୁଥିବା ଭକ୍ତମାନଙ୍କୁ ପ୍ରଶାସନର କୋଭିଡ କଟକଣା ମାନିବାକୁ ପରାମର୍ଶ ଦିଆଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo